
ବଙ୍ଗଳା ଭୋଟର ବୋମାର ଜବାବ ବାଲାଟ୍‌ରେ ଦେବେ
ପୃଷ୍ଠା ୫

**ସଂଚାର THE SANCHAR**

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17








### ନାରୀ ଶକ୍ତି ବନ୍ଦନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ

# ମହିଳାଙ୍କ ଅଂଶଗ୍ରହଣ ଗଣତନ୍ତ୍ରକୁ ସୁଦୃଢ଼ କରିବ

ନୂଆଦିଲ୍ଲୀ,୧୩।୪: ଭାରତ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ନିଷ୍ପତ୍ତି ମଧ୍ୟରୁ ଗୋଟିଏ ନିଷ୍ପତ୍ତି ଖୁବ୍‌ଶୀଘ୍ର ନେବାକୁ ଯାଉଛି। ଆଉ ଏହା ନାରୀଶକ୍ତି ପାଇଁ ଉତ୍ସର୍ଗୀକୃତ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ 'ନାରୀଶକ୍ତି ବନ୍ଦନ' ସମ୍ମିଳନୀରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏହି କଥା କହିଛନ୍ତି। ଆସନ୍ତା ୧୬ରୁ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ଉପରେ ➩ପୃଷ୍ଠା-୬

ଆଲୋଚନା ପାଇଁ ସଂସଦରେ ଏକ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାକୁ ଥିବାରୁ 'ନାରୀଶକ୍ତି ବନ୍ଦନ ସମ୍ମିଳନୀ'ରେ ମୋଦୀଙ୍କ ଅଭିଭାଷଣ ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ମୁହୂର୍ତ୍ତକୁ ଐତିହାସିକ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶର ସଂସଦ ଏକ ନୂତନ ଇତିହାସ ସୃଷ୍ଟି କରିବାର ନିକଟତର ହୋଇଛି। ଏହା ଅତୀତର ସ୍ୱପ୍ନ ଓ ଭବିଷ୍ୟତର ସଂକଳ୍ପକୁ ପୂରଣ କରିବ। ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରି ମୋଦି କହିଛନ୍ତି, ଦେଶ ଏପରି ଏକ ସମାନତାବାଦୀ ଭାରତର ପରିକଳ୍ପନା କରିଛି, ଯେଉଁଠାରେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନ ନୁହେଁ, ବରଂ କାର୍ଯ୍ୟ

## ସୀମା ନିର୍ଦ୍ଧାରଣ ଅସଲ ଉଦ୍ଦେଶ୍ୟ: ସୋନିଆ



ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ବିଲ ଆଣିବା ପଛରେ ପ୍ରଧାନମନ୍ତ୍ରୀଙ୍କର ଅସଲ ଉଦ୍ଦେଶ୍ୟ ମହିଳା ସଂରକ୍ଷଣ ନୁହେଁ, ବରଂ ସୀମା ନିର୍ଦ୍ଧାରଣ ବୋଲି କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧି ଅଭିଯୋଗ କରିଛନ୍ତି। ପ୍ରସ୍ତାବିତ ସୀମା ନିର୍ଦ୍ଧାରଣ କେବଳ ବିପଜ୍ଜନକ ନୁହେଁ, ବରଂ ସମ୍ବିଧାନର ➩ପୃଷ୍ଠା-୬

### ପ୍ରତିଶ୍ରୁତି ରଖିଲେ ମୋହନ ସରକାର

# ପଡ଼ିଲା ବଡ଼ବିଲ ବାଇପାସ ରିଙ୍ଗରୋଡ୍ ଭିତ୍ତିପ୍ରସ୍ତର

- ୨୯.୪୧ କୋଟିର ୨୪ ପ୍ରକଳ୍ପର ଲୋକାର୍ପିତ
- ୩୨୬.୪୩ କୋଟିର ୫୧ ପ୍ରକଳ୍ପର ଶିଳାନ୍ୟାସ
- ଯୋଡ଼ା, ବାସୁଦେବପୁର, ବଡ଼ବିଲ ପାଇଁ ବିଦ୍ୟୁତ ସବ୍‌ଷ୍ଟେସନ ଘୋଷଣା
- ଖୁବ୍‌ଶୀଘ୍ର କେନ୍ଦୁଝର ମେଗା ଷ୍ଟିଲପ୍ଲାଣ୍ଟ ଶିଳାନ୍ୟାସ



ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ): କଥା ଦେଇ କଥା ରଖିଲେ ରାଜ୍ୟ ସରକାର। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲଠାରେ ବଡ଼ବିଲ ବାଇପାସ ରିଙ୍ଗରୋଡ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ବଡ଼ବିଲ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ସ୍ୱପ୍ନ ପୂରଣ କରିଛନ୍ତି। ଗତବର୍ଷ ଘଟଗାଁଠାରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶ୍ରୁତି ବଡ଼ବିଲବାସୀଙ୍କୁ ଦେଇଥିଲେ ଓ ଆଜି ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲା ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ୨୯ କୋଟି ୪୧ ଲକ୍ଷ ବ୍ୟୟ ବରାଦରେ ୨୪ଟି ପ୍ରକଳ୍ପର ଲୋକାର୍ପଣ କରିବା ସହ ୩୨୬ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୫୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ବିଲ ସହର ପାଇଁ ଏକ ବାଇପାସ୍ ତଥା ରିଂ ରୋଡ୍‌ର ଦୈର୍ଘ୍ୟ ହେଉଛି ୧୮ କିମି ୩୨୬ ମିଟର। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୧୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଞ୍ଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଖୁବ୍‌ଶୀଘ୍ର ଏକ ବିଦ୍ୟୁତ ସବ୍‌ଷ୍ଟେସନ ନିର୍ମାଣ ହେବ ଓ ୮ ଲେନ୍‌ବିଶିଷ୍ଟ ବଡ଼ବିଲ -ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ଲୋକଙ୍କ ସୁଖଦୁଃଖର ସରକାର ଆଉ କଥା ଦେଇ କଥା ରଖିବାର ସରକାର। ଲୋକଙ୍କୁ ଦେଇଥିବା ଅନେକ କଥା ମଧ୍ୟରୁ ଆଜି ଆଉ ଗୋଟିଏ କଥା ଆମେ ରଖିଛୁ। କେନ୍ଦୁଝର ବା ବଡ଼ବିଲ୍ ପରି ସହରମାନଙ୍କର ଟ୍ରାଫିକ ଓ ଭାରୀ ଯାନବାହନ ଚଳାଚଳ ସମସ୍ୟାର ସେ ନିଜେ ➩ପୃଷ୍ଠା-୬



# ସିଜିମାଳି ଏବେ ବିରୋଧୀଙ୍କ ଆଶା ବାଡ଼ି

- ରାଜନୀତି କରିବାକୁ ସବୁ ଦଳ ହାଜର
- ମୈତ୍ରୀ ବିରୁଦ୍ଧରେ ପାଟି ଖୋଲୁନି
- ଓଡ଼ିଶା ଠିକାଦାରଙ୍କୁ ହତାଦରର ଫଳ

ଭୁବନେଶ୍ୱର,୧୨।୪(ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲାର ସିଜିମାଳି ଏବେ ବିରୋଧୀଦଳ ବିଶେଷକରି ବିଜେଡି ଓ କଂଗ୍ରେସ ନେତାଙ୍କ ପାଇଁ ଆଶାବାଡ଼ି ପାଲଟିଛି। ସିଜିମାଳିର ଆଦିବାସୀଙ୍କୁ ଆୟୁଧ କରି ଓଡ଼ିଶା ରାଜନୀତିକୁ ସରଗରମ କରିବା ପାଇଁ ଏମାନେ ଏବେ ସେଠାକୁ ଧାଉଁଥିବା ବେଳେ ସେଠାରେ ଖଣି ଖୋଳା ପାଇଁ ଠିକା ନେଇଥିବା ସଂସ୍ଥା ବିରୁଦ୍ଧରେ କିନ୍ତୁ ମୁହଁ ଖୋଲୁନାହାନ୍ତି। ଏହି ସଂସ୍ଥା ରାୟଗଡ଼ାଠାରୁ ଅନୁଗୁଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଗଣ୍ଡଗୋଳର ମୁଖ୍ୟ କାର୍ପଟଦାର ସାଜିଥିବା କୁହାଯାଉଥିବା ବେଳେ ନେତାଙ୍କ ନିରବତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜ୍ୟସଭା ନିର୍ବାଚନରେ ବିଜେପିର ଗୋଟି ଚାଳନାରେ ଚିତ୍‌ପଟାଙ୍ଗ ମାରିବା ପରେ ଉଭୟ ବିଜେଡି ଓ କଂଗ୍ରେସ ଲୋକଙ୍କ ଆଗକୁ ଆସିବା ପାଇଁ ପ୍ରସଙ୍ଗ ଖୋଜୁଥିବା ବେଳେ ରାୟଗଡ଼ା ଜିଲ୍ଲାର ସିଜିମାଳିଠାରେ ଆଦିବାସୀଙ୍କ ଉପରେ ପୁଲିସ୍‌ର ଜୁଲୁମ ଏବେ ସେମାନଙ୍କ ପାଇଁ ସୁଯୋଗ ଆଣିଦେଇଛି। ସିଜିମାଳିକୁ ଆଶାବାଡ଼ି କରି ରାଜନୀତିକୁ ତେଜିବାରେ ଲାଗିଛନ୍ତି। ଅବସ୍ଥା ଏଭଳି ➩ପୃଷ୍ଠା-୬

**SIKSHA 'O' ANUSANDHAN**

**SAAT-2026**

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

### ବଂଶ, ବାପା ଓ ରାଜନୀତି

# ବବିଙ୍କ ସ୍ୱାଭିମାନ କେମିତି ?



ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ): ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ କଥା କଥାକେ ନିଜ ପରିବାର ଓ ବଂଶ କଥା କହୁଛନ୍ତି। ହେଲେ ସେ ବୋଧହୁଏ ଭୁଲିଯାଇଛନ୍ତି ଯେ ତାଙ୍କ ବାପା ଯେତେବେଳେ ମୃତ୍ୟୁ ଶଯ୍ୟାରେ ଥିଲେ ସେ ବିଜେଡି କାର୍ଯ୍ୟାଳୟରେ ଆସି ଶଙ୍ଖ ଫୁଙ୍କିଥିଲେ। ଏହା କଣ ଥିଲା ସ୍ୱର୍ଗତ ଅଶୋକ ଦାସଙ୍କ ସ୍ୱାଭିମାନ? ଏ ପ୍ରଶ୍ନ ଆମେ କରୁନୁ, କିଛି ପୁରୁଖା ନେତା ଯେଉଁମାନେ ଏବେ ସକ୍ରିୟ ରାଜନୀତିରେ ନାହାଁନ୍ତି, ଅଥଚ ଏକଦା ଅଶୋକ ଦାସଙ୍କ ଘନିଷ୍ଠ ଥିଲେ ସେମାନେ ଏଭଳି ପ୍ରଶ୍ନ କରୁଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଯେତେବେଳେ ବିଜେଡି ଗଠନ ହେଲା, ସେ ସମୟରେ ଏକା ଅଶୋକ ଦାସ ତାଙ୍କ ରାଜନୈତିକ ଗୁରୁଙ୍କ ବାନା ଧରି ବସିଥିଲେ। ଜଣେ ପରେ ଜଣେ ନେତା ଜନତା ଦଳ ଛାଡି ବିଜେଡି ଚାଲିଗଲେ। ଅଶୋକ ଦାସ ବିଜୁ ବାବୁଙ୍କ ସ୍ମୃତିକୁ ଛାଡିନଥିଲେ। ବିଜୁଙ୍କ ପରେ ଅଶୋକ ଦାସ ରାଜ୍ୟରେ ଜନତା ଦଳର ମଙ୍ଗକୁ ଯାବୁଡି ଧରିଥିଲେ। ବବି ଦାସ କିନ୍ତୁ ତାଙ୍କ ବାପାଙ୍କ ସ୍ୱାଭିମାନର ରକ୍ଷା କରିନଥିଲେ। ଅଶୋକ ଦାସ ଯେତେବେଳେ ଆଇସିୟୁରେ ମୃତ୍ୟୁ ସହ ଲଢୁଥିଲେ, ସେତେବେଳେ ବବି ଦାସ ବାପାଙ୍କ ହାତ ଛାଡି ଦେଲେ।

ବାପାଙ୍କ ମୃତ୍ୟୁର ପୂର୍ବ ଦିନ ହିଁ ସେ ବିଜେଡି ପାର୍ଟି ଅଫିସରେ ପୂର୍ବତନ ସାଂସଦ ପ୍ୟାରୀମୋହନ ମହାପାତ୍ରଙ୍କ ନେତୃତ୍ୱରେ ସେ ବିଜେଡିରେ ମିଶିଥିଲେ। ନବୀନ ପଟ୍ଟନାୟକ ମଧ୍ୟ ସେ ସଭାରେ ଉପସ୍ଥିତ ନଥିଲେ। 'ସୁନା ଚାମଚ ସହ ଜନ୍ମ' ହୋଇଥିବା ବବି ବାପାଙ୍କ ନିର୍ବାଚନମଣ୍ଡଳୀ ଛାଡି ୨୦୦୯ରେ ବିଜେଡି ଟିକେଟରେ ପ୍ରଥମ ଥର ପାଇଁ ଯାଜପୁରରୁ ବିଧାୟକ ଭାବେ ନିର୍ବାଚିତ ହେଲେ। ଏବେ ଯେଉଁ କୋରେଇ ➩ପୃଷ୍ଠା-୬





**ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



**ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି ।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା ।

**ବନ୍ଦେ ଉତ୍କଳ ଜନନୀ !**

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/320920-15001/16/2627

## ବିଧାୟକଙ୍କ ମାରାଥନ ଶିଳାନ୍ୟାସ



ରାଜନଗର,୧୩।୪(ସଂଚାର ବ୍ୟୁରୋ): ରାଜନଗର ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଆଜି କରାଯାଇଛି । ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଏହି ମାରାଥନ ଶିଳାନ୍ୟାସ କରିଛନ୍ତି। ରାଜନଗର ନିର୍ବାଚନ ମଣ୍ଡଳୀର ଗଡ଼ି ପଦ୍ମନାଭପୁର ଘେରି ବନ୍ଧର ଧାନଦିଆ - ନୂଆଗାଁ ଠାରେ ସ୍ଲୁଇସର ଶିଳାନ୍ୟାସ କରିଥିଲେ । କେରେଡାଗଡ ଅନ୍ତର୍ଗତ ଘେରିବନ୍ଧର କେରେଡାଗଡ ଶଙ୍ଖମୁଣ୍ଡା ସ୍ଲୁଇସର ଶିଳାନ୍ୟାସ , ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଜଗସରା ବିଦ୍ୟାଶ୍ରମ ଫିରିକିବାଡ଼ି ପାଚେରି ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ସହିତ ମଦନପୁର - କଳାଭଦ୍ରପୁର ରାସ୍ତାର ଶିଳାନ୍ୟାସ କରିଛନ୍ତି । ରାଜନଗର ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର , ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ , ବରିଷ୍ଠ ନେତା ଅରୁଣ କୁମାର ସାହୁ, କୈଳାସ ଚନ୍ଦ୍ର ପରିଡା , ବିଜୟ ନାୟକ , ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ହନୁମାନ ଜୟନ୍ତୀ
## ସହରରେ ପୁଲିସର ଫ୍ଲାଗମାର୍ଚ୍ଚ



କେନ୍ଦ୍ରାପଡ଼ା,୧୩।୪(ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ାରେ ମଙ୍ଗଳବାର ହନୁମାନ ଜୟନ୍ତୀ ଉପଲକ୍ଷେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିସହିତ ବଜରଙ୍ଗ ଦଳ ଓ ହନୁମାନ ଭକ୍ତମାନଙ୍କ ପକ୍ଷରୁ ସହରରେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ୨୦ ହଜାରରୁ ଉର୍ଦ୍ଧ୍ୱ ଯୁବକ ସାମିଲ ହେବେ । ତେଣୁ କୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ନିମନ୍ତେ ପୋଲିସ ପକ୍ଷରୁ କେନ୍ଦ୍ରାପଡା ସହରରେ ସୋମବାର ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଛି । ଏହି ଫ୍ଲାଗମାର୍ଚ୍ଚ କେନ୍ଦ୍ରାପଡ଼ା ପୁରୁଣା ବସଷ୍ଟାଣ୍ଡରୁ ବାହାରି ସହର ମଧ୍ୟ ଦେଇ ତିନିମୁହାଣୀ ଛକ ପର୍ଯ୍ୟନ୍ତ ଯାଇଥିଲା । ଏହି ଫ୍ଲାଗମାର୍ଚ୍ଚରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସହ ଦୁଇ ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୧୯ ଇନ୍ସପେକ୍ଟର, ୭୩ ସବ ଇନ୍ସପେକ୍ଟର ଓ ଏଏସ୍‌ଆଇ, ୧୫୨ ହାବିଲଦାର ଓ କନଷ୍ଟେବଲ, ୧୫୬ ଗୃହରକ୍ଷୀଙ୍କ ସମେତ ୭ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇଥିଲେ । ଏହି ଅବସରରେ ଏସ୍‌ପି ଶ୍ରୀ କଟାରିଆ କହିଛନ୍ତି ହନୁମାନ ଜୟନ୍ତୀ ହେଉଛି ସଦ୍‌ଭାବନାର ଉତ୍ସବ । ଏହାକୁ ସମସ୍ତେ ମିଳିମିଶି ଶାନ୍ତିର ସହ ପାଳନ କରନ୍ତୁ । କେନ୍ଦ୍ରାପଡ଼ା ଏକ ଭାଇଚାରାର ସହର । ଏହି ଭାଇଚାରାକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ସେ ନିବେଦନ କରିଛନ୍ତି ।

## ପଣା ସଂକ୍ରାନ୍ତି ପାଇଁ ରାସ୍ତା ଜାମ୍



ଯାଜପୁର ରୋଡ଼, ୧୩।୪(ସଂଚାର ବ୍ୟୁରୋ): ଓଡ଼ିଆ ମାନଙ୍କ ପର୍ବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଇଁ ବ୍ୟାସନଗର ପୌରାଂଚଳ ସହରର ଡ଼ାକବଙ୍ଗଳା ଛକର ମାର୍କେଟ ଭିତରେ ଆଜି ଅପରାହ୍ନରେ ଲୋକମାନଙ୍କ ନାଇଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା। ଫଳରେ ଏହି ଛକର ରେଲୱେ ଗଳି ପୋଲ ଓ ମାର୍କେଟ ରାସ୍ତାଟି ଜନଗହଳିପୂର୍ଣ୍ଣ ହୋଇଉଠିଥିଲା। ରୋଗାକ୍ରାନ୍ତ ଲୋକ ଏବଂ ଜନସାଧାରଣ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ଭିତରେ ଫସି ରହି କଲବଲ ହୋଇ ଜିଲ୍ଲା ପ୍ରଶାସନ କଳର ଏଠାକାର ଟ୍ରାଫିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହି ଛକରେ ଥିବା ରେଲୱେ ଗଳି ପୋଲରେ ଯାତାୟାତ କରୁଥିବା ଚାରିଚକିଆ ଗାଡ଼ି, ଦଳା ବାଇପାସ୍ ରାସ୍ତାରୁ ପଶି ଆସୁଥିବା ଚାରିଚକିଆ ଗାଡ଼ି ଗୁଡ଼ିକ ଲାଗି ଏହି ରାସ୍ତାଦେଇ ପଣା ସଂକ୍ରାନ୍ତି ପାଇଁ ଏଠାକାର ମାର୍କେଟକୁ ଆସିଥିବା ଜନସାଧାରଣ ରାସ୍ତା ଜାମ୍‌ର ଶିକାର ହୋଇଥିଲେ। ପ୍ରଶାସନ ପକ୍ଷରୁ କୌଣସି ସକ୍ରିୟତା ଦେଖିବାକୁ ମିଳିନଥିଲା। ତେଣୁ ଆଗାମୀ ପର୍ବପର୍ବାଣୀ ଦିନ ମାନଙ୍କରେ ରେଲୱେ ଗଳି ପୋଲରେ ଓ ବାଇପାସ୍ ରାସ୍ତାରୁ ଚାରିଚକିଆ ଗାଡ଼ି ଗୁଡ଼ିକୁ ସହରର ମାର୍କେଟ ମଧ୍ୟକୁ ନଛାଡିବା ପାଇଁ ଅଂଚଳର ଜନତା ଜନାର୍ଦ୍ଦନ ମାନେ ଜିଲ୍ଲା ପ୍ରଶାସନକୁ ଦାବି କରିଛନ୍ତି।

## ମହେନ୍ଦ୍ର ମଳିକ ହତ୍ୟା ମାମଲା
# ପଛେଇଛି ପ୍ରାଥମିକ ତଦନ୍ତ ପ୍ରକ୍ରିୟା



### ଅପେକ୍ଷାର ଅନ୍ତ, ଆସିଲା ଶବ ବ୍ୟବଚ୍ଛେଦ ରିପୋର୍ଟ
### କୁରାଢ଼ିରେ ହାଣିଥିବା ନେଇ ମିଳିଛି କ୍ଷତ ଚିହ୍ନ

କେନ୍ଦ୍ରାପଡ଼ା,୧୩।୪(ସଂଚାର ବ୍ୟୁରୋ): ସଦର ଥାନା ଅଧିନସ୍ଥ ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଳିକ ହତ୍ୟା ମାମଲାରେ ଆଜି ଆଗକୁ ବଢ଼ିଛି ତଦନ୍ତ ପ୍ରକ୍ରିୟା । ୨୫ ଦିନ ବିଳମ୍ବରେ ଏଭଳି ଏକ ସମ୍ବେଦନଶୀଳ ମାମଲାର ପ୍ରାଥମିକ ତଦନ୍ତ ପ୍ରକ୍ରିୟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଅଭିଯୋଗ ଅନୁଯାୟୀ ୧୬ ମାର୍ଚ୍ଚ ୨୦୨୬ ସନ୍ଧ୍ୟା ସମୟରେ ଗଛ ହଣା କୁରାଢ଼ିରେ ହୋଇଥିଲା ମହେନ୍ଦ୍ରଙ୍କୁ ଆକ୍ରମଣ ଏବଂ ଆକ୍ରମଣକାରୀ ମହେନ୍ଦ୍ରଙ୍କୁ ହାଣି ତାଙ୍କ ବାଇକ୍(ଓଡି ୨୯ ୦୭୨୪୪)କୁ ଛଡ଼ାଇ ନେଇଥିଲେ। ପରେ ଘଟଣାସ୍ଥଳରେ ଥିବା ଏକ ଚାହା ଦୋକାନରେ ମହେନ୍ଦ୍ର କ୍ଷତ ବିକ୍ଷତ ଅବସ୍ଥାରେ ନେଇଥିଲେ ବିଶ୍ରାମ । ସ୍ଥାନୀୟ କିଛି ମହିଳା ମହେନ୍ଦ୍ରଙ୍କୁ ପାଣି ପିଆଇ ବସାଇଥିଲେ ଚାହା ଦୋକାନରେ । କିନ୍ତୁ ପରିବାର ଲୋକଙ୍କ କହିବା ଅନୁଯାୟୀ ୧ ଘଣ୍ଟା ବିଳମ୍ବରେ ଖବର ପାଇ ମହେନ୍ଦ୍ରଙ୍କୁ ଖୋଜା ଖୋଜି କରିବାରେ ମହେନ୍ଦ୍ର ଆଖ ପାଖରେ ମିଳିନଥିଲା । ବସିଥିବା ଚାହା ଦୋକାନରେ ପଚାରିବାରୁ ଚାହା ଦୋକାନୀ ମଧ୍ୟ କିଛି ତଥ୍ୟ ଦେଇ ପାରି ନଥିଲେ । ପରେ ପରଦିନ ପ୍ରାତଃ ସକାଳୁ ମହେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ଝଗଡ଼ା ସ୍ଥଳ ଏକ ଚାଖୁଣ୍ଡା ଗଛରୁ କେନ୍ଦ୍ରାପଡ଼ା ସଦର ପୁଲିସ ଉଦ୍ଧାର କରିଥିଲା ଏବଂ ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା ।

ମହେନ୍ଦ୍ରଙ୍କ ସ୍ତ୍ରୀ ନିଜ ବାପ ଘରେ ରହୁଥିବାରୁ ଘଟଣା ବିଷୟରେ ବିଳମ୍ବରେ ଜାଣି ୧୯ ମାର୍ଚ୍ଚ ୨୦୨୬ରେ କେନ୍ଦ୍ରାପଡ଼ା ସଦର ଥାନାରେ ହତ୍ୟା ମାମଲାର ଏକ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସଦର ପୁଲିସ ଅଭିଯୋଗକୁ ପଞ୍ଜିକରଣ ନକରି ମହେନ୍ଦ୍ର ଆତ୍ମହତ୍ୟା କରିଛି ବୋଲି କହି ମହେନ୍ଦ୍ରଙ୍କ ସ୍ତ୍ରୀକୁ ଥାନାରୁ ବିଦା କରିଦେଇଥିଲେ । ପରେ ମହେନ୍ଦ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ମଳିକ କେନ୍ଦ୍ରାପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଗୁହାରି ହୋଇଥିଲେ ।

ମାତ୍ର ୧୭ ଦିନ ପରେ ବ୍ୟବଚ୍ଛେଦ ରିପୋର୍ଟ ନଆସିବାରୁ କେନ୍ଦ୍ରାପଡ଼ା ସଦର ପୁଲିସ ୩ ଏପ୍ରିଲ ୨୦୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଚୁପ୍ ହୋଇ ବସିଯିବା ପରେ ଏ ଘଟଣାକୁ ସମ୍ବେଦନଶୀଳ ଭାବେ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଥିଲେ ରାଜ୍ୟ ଭୀମ ଆର୍ମୀ ଉପସଭାପତିଙ୍କ ସମେତ ୪୦ ରୁ ଉର୍ଦ୍ଧ୍ୱ କର୍ମୀ ।

ଆଜି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମହେନ୍ଦ୍ରଙ୍କୁ ସ୍ପଷ୍ଟ ଆକ୍ରମଣ ବାରି ହେଉଥିବା ବେଳେ କେନ୍ଦ୍ରାପଡ଼ା ସଦର ପୁଲିସ ଏବେ ପ୍ରାଥମିକ ତଦନ୍ତ ଆରମ୍ଭ କରିବା ଏବଂ ଏପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସଦର ପୁଲିସର କାର୍ଯ୍ୟାନୁଷ୍ଠାନ ଶୁନ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରୁଛି ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ରାଜନଗର,୧୩।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବ୍ରାହ୍ମଣସାହି ଗାଁରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଘଟିଛି | ଗାଈ ପାଳି ନେଇ ଯାଇଥିବା ବୃଦ୍ଧ ଗାଈଙ୍କ ସହ ଘରକୁ ଫେରି ନଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି କରି ବିଲ ମଧ୍ୟରେ ବୃଦ୍ଧ ମରି ପଡିଥିବା ଦେଖିଥିଲେ। ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

ବ୍ରାହ୍ମଣସାହି ଗାଁରେ ଅଧିକାଂଶ ପରିବାରରେ ଗାଈ, ବଳଦ ଥିବାରୁ ପାଳି କରି ଗାଈ ଚରାଇବାକୁ ନେଇଥାନ୍ତି। ଗତକାଲି ଏହି ଗାଁର ନିରଞ୍ଜନ ଜେନା (୬୫ ବର୍ଷ) ଗାଁର ପ୍ରାୟ ୧୫୦ରୁ ଅଧିକ ଗାଈ, ବଳଦ ନେଇ ବିଲ ମଧ୍ୟକୁ ଚରାଇବାକୁ ନେଇଥିଲେ। ସକାଳ ୮ ଘଟିକା ସମୟରେ ଗାଈ ପାଳି ନେଇ ଗାଁ ଠାରୁ ଗୋଟିଏ କିଲୋମିଟର ବିଲ ମଧ୍ୟକୁ ଯାଇଥିଲେ। ନିରଞ୍ଜନ ଗାଈ ପାଳି ନେଇ ଯାଇଥିବା ବିଲ ମଧ୍ୟରେ ଛାଇ ଜାଗାରେ ବସିବା ପାଇଁ ଗଛଟିଏ ମଧ୍ୟ ନଥିଲା। ପ୍ରଚଣ୍ଡ ଖରାରେ ଗାଈ ଚରାଉଥିବା ଅବସ୍ଥାରେ ନିରଞ୍ଜନ ଟଳି ପଡିଥିବା ଗ୍ରାମବାସୀ କହିଛନ୍ତି | ଗାଈ ପାଳି ଦିନ ୩ ଘଟିକା ସମୟରେ ଘରକୁ ଫେରିଥିଲେ ମଧ୍ୟ ନିରଞ୍ଜନ ଫେରିନଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ଖୋଜାଖୋଜି କରି ବିଲ ମଧ୍ୟରେ ନିରଞ୍ଜନ ମରି ପଡିଥିବା ଦେଖିଥିଲେ। ଗାଁରେ ଶୋକାକୁଳ ପରିବେଶରେ ନିରଞ୍ଜନଙ୍କ ଶବ ସତ୍କାର କରାଯାଇଛି।

## ଓଡ଼ିଆ ପକ୍ଷ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ପାଳିତ



କେନ୍ଦ୍ରାପଡ଼ା,୧୩।୪(ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିନ ଅବସରରେ ଆଜି ଡେରାବିଶ ବ୍ଲକ ଅଧୀନସ୍ଥ ମିଶନ ଶକ୍ତି କାଫେ ପରିସରରେ ଜିଲ୍ଲାସ୍ତରୀୟ "ପାରମ୍ପରିକ ଖାଦ୍ୟ ଦିବସ" ବହୁ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପରମ୍ପରା, ସ୍ୱାଦ ଓ ପୌଷ୍ଟିକ ମୂଲ୍ୟକୁ ପ୍ରଚାର ଓ ପ୍ରସାର କରିବା ସହ ଲୋକମାନଙ୍କୁ ଏହା ପ୍ରତି ଆକୃଷ୍ଟ କରାଯାଇଥିଲା।

ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରମ୍ପରିକ ଓଡ଼ିଆ ଖାଦ୍ୟର ଗୁରୁତ୍ୱ ବିଷୟରେ ଉଦବୋଧନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଡେରାବିଶ ବିଡ଼ିଓ ନମିତା ବାରିକ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି ଓ ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମିଶନ ଶକ୍ତି ଗୋଷ୍ଠୀ ଓ ସ୍ଥାନୀୟ ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଓଡ଼ିଆ ଖାଦ୍ୟ ଗୁଡିକ ପ୍ରଦର୍ଶିତ ଓ ପ୍ରସ୍ତୁତ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଏହି ସମସ୍ତ ଖାଦ୍ୟର ସ୍ୱାଦ ଗ୍ରହଣକରି ମହିଳାମାନଙ୍କ ପ୍ରୟାସକୁ ବହୁ ପ୍ରଶଂସା ମଧ୍ୟ କରିଥିଲେ। ଏହି ପାରମ୍ପରିକ ଖାଦ୍ୟ ଦିବସ ପାଳନ ମାଧ୍ୟମରେ ଆମ ମୂଳ ସଂସ୍କୃତି ଓ ପାରମ୍ପରିକ ଖାଦ୍ୟପ୍ରତି ଜନମାନସରେ ସଚେତନତା ସୃଷ୍ଟି ପ୍ରଚାର ପ୍ରସାର ପାଇଁ ଏକ ସଫଳ ପ୍ରୟାସ ସରକାରଙ୍କ ପକ୍ଷରୁ କରାଯାଉଛି ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



କେନ୍ଦ୍ରାପଡ଼ା,୧୩।୪(ସଂଚାର ବ୍ୟୁରୋ): ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ାର ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଆଜିର ଶିବିରରେ ମୋଟ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୬୧ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୧୬,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ଏହି ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ଗୌଡ଼, ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନା ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରକାଶ ଥାଉ କି, ଆସନ୍ତା ଦିନଗୁଡ଼ିକରେ ବିଭିନ୍ନ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ତାହାନୁସାରେ ୨୦ ଏପ୍ରିଲରେ ରାଜକନିକା ବ୍ଲକ, ୨୭ ଏପ୍ରିଲରେ ଆଳି ବ୍ଲକ, ୪ ମଇରେ ମାର୍ଶାଘାଇ ବ୍ଲକ, ୧୧ ମଇରେ ମହାକାଳପଡ଼ା ବ୍ଲକ, ୧୮ ମଇରେ ଡେରାବିଶ ବ୍ଲକ ଏବଂ ୨୫ ମଇରେ ଗରଦପୁର ବ୍ଲକରେ ଏହି ଶିବିରଗୁଡ଼ିକ ଆୟୋଜିତ ହେବ।

## ନାରୀ ଶକ୍ତି ବନ୍ଦନ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,୧୩।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅବସରରେ ଏକ ବିରାଟ ଶୋଭାଯାତ୍ରା କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବିଜେପି ନାରୀନେତ୍ରୀ ତଥା କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର 'ନାରୀ ଶକ୍ତି ବନ୍ଦନ' କାର୍ଯ୍ୟକ୍ରମର ସଂଯୋଜିକା ଡ. ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପି ମହିଳା ମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ । ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବ୍ୟାପୀ ନାରୀମାନଙ୍କ ଉଦ୍ଦେଶ୍ୟରେ 'ନାରୀ ଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ଦେଇଥିବା ଉଦ୍‌ବୋଧନ କାର୍ଯ୍ୟକ୍ରମକୁ ମହିଳାମାନେ ଆଭାସୀ ମାଧ୍ୟମରେ ଲେ ୨ ଘଣ୍ଟା ଧରି ଶୁଣିଥିଲେ । ଏଥିସହ ନାରୀ ଶକ୍ତି ବନ୍ଦନ ଦସ୍ତଖତ ଅଭିଯାନରେ ସାମିଲ ହୋଇ ମହିଳାମାନେ ନିଜସ୍ୱ ଦସ୍ତଖତ କରିଥିଲେ। ଏହି ଦସ୍ତଖତ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବ। ଆସନ୍ତା ୧୬ ତାରିଖରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ଜନତାଙ୍କ ନିକଟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପହଞ୍ଚାଇବା ପାଇଁ ହଜାର ହଜାର ସଂଖ୍ୟାରେ ମହିଳା ଶୋଭାଯାତ୍ରାରେ ସାମିଲ ହେବେ ବୋଲି 'ନାରୀ ଶକ୍ତି ବନ୍ଦନ' କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜିକା ଡ. ଜେନା ପ୍ରକାଶ କରିଛନ୍ତି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ 'ଓଡିଆ ପକ୍ଷ' ପାଳନ



କେନ୍ଦ୍ରାପଡା,୧୩।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାରେ 'ଓଡିଆ ପକ୍ଷ'ର 'ବନ୍ଦନୀୟ ବରପୁତ୍ର ଦିବସ' ପାଳନ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ସବିତା ଦାସ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ସ୍ୱାଗତ ଭାଷଣ ଓ ଓଡ଼ିଆ ପକ୍ଷ ପାଳନର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ବିଷୟ ବିଶେଷଜ୍ଞ ଭାବରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପିକା ଡ଼ ନୀଳମଣି ଲେଙ୍କା ଓଡ଼ିଶାର ବରପୁତ୍ର ଓ ଓଡ଼ିଶାକୁ ସେମାନଙ୍କର ଅବଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଓଡ଼ିଆ ଅଧ୍ୟାପକ ଡ଼ ଆଶୁତୋଷ ରାଉତ ଅତିଥି ପରିଚୟ ପ୍ରଦାନ ସହିତ ଆଲୋଚନା ଚକ୍ରକୁ ସଂଯୋଜନା କରିଥିଲେ । 'ଆମ ରୁଚି ଆମ ଖାଦ୍ୟ ଦିବସ' ଅବସରରେ ମହାବିଦ୍ୟାଳୟର ପାରମ୍ପରିକ ଓଡ଼ିଆ ଖାଦ୍ୟର ଆୟୋଜନ କରାଯାଇଥିଲା ।

## ପିକିରାଳିରେ ଦୋଳ ମହୋତ୍ସବ -୨୦୨୬ ପାଳିତ



ମାର୍ଶାଘାଇ,୧୩।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପିକିରାଳି ସ୍ଥିତ କପିଳ ମୁନି ହାଇସ୍କୁଲ ପଡ଼ିଆରେ ରବିବାର ଦିନ ଦୋଳ ମହୋତ୍ସବ ୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ମହାକାଳପଡ଼ା, ମାର୍ଶାଘାଇ ଓ ଗରଦପୁର ବ୍ଲକର ଯାଦବ ସମାଜର ହଜାର ହଜାର ଲୋକଙ୍କର ବିଶାଳ ସମାଗମ ଦେଖାଯାଇଥିଲା।

ଏହି ଉତ୍ସବ ଅବସର ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ମଙ୍ଗଳା ଛକଠାରୁ ଏକ ବିଶାଳ ବାଇକ ରାଲି ମାଧ୍ୟମରେ ଅତିଥି ମାନଙ୍କୁ ପାଛୋଟି ଅଣାଯାଇଥିଲା। ଉତ୍ସବରେ ଉତ୍କଳ ଯାଦବ ମହାସଭାର ମହାସଚିବ ତଥା କଣ୍ଟାବାଞ୍ଜିର ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ସମ୍ପ୍ରତି ଓ ଏକତାକୁ ସୁଦୃଢ଼ କରିବାରେ ଏପରି ଉତ୍ସବମାନଙ୍କର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ। ସେହିପରି ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ପ୍ରଦୀପ ବେହେରା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ ଓ ରାଜ୍ୟ ଉପସଭାପତି ମନୋଜ ପରିଡ଼ା ଉପସ୍ଥିତ ରହି ସଂଗଠନକୁ ଆଗକୁ ବଢ଼ାଇବା ନେଇ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡା, ବରଗଡ଼ ଜିଲ୍ଲା ସଭାପତି ରାଜୁ ଗିବିଲା, ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ଯାଦବ ନେତା ଶିବ ହାତୀଙ୍କ ସହିତ କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭାର ସଭାପତି ପ୍ରଭାକର ପଲାଇ, ସାଧାରଣ ସମ୍ପାଦକ ଚିନ୍ମୟ ଦାସ ଓ କାର୍ଯ୍ୟକାରୀ ସଭାପତି ଧୀରେନ୍ଦ୍ର ପୃଷ୍ଟିଙ୍କ ସମେତ ବିଭିନ୍ନ ବ୍ଲକ ଓ ମ୍ୟୁନିସିପାଲିଟିର ଯୁବ ଓ ସିନିୟର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ।

## କଳିଙ୍ଗନଗରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର
### ୩୯ଟି ଅଭିଯୋଗ ପଞ୍ଜିକୃତ, ୧୦ଟି ଅଭିଯୋଗର ତତ୍କାଳ ସମାଧାନ



ଯାଜପୁର,୧୩।୪(ସଂଚାର ବ୍ୟୁରୋ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ, କଳିଙ୍ଗନଗର ଠାରେ ଅନୁଷ୍ଠିତ ହୋଇଯାଇଅଛି।

ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୩୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୦୮ ଗୋଟି ଏବଂ ରେଡ୍ କ୍ରସ ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ନିଶାରେ ବୁଡୁଛି ଯାଜପୁର




### ବିପଥଗାମୀ ହେଉଛନ୍ତି ଯୁବପିଢ଼ି
### ନିଦାବିଷ୍ଣୁ ସାଜିଛି ପ୍ରଶାସନ
### ଗାଁରୁ ସହର ପର୍ଯ୍ୟନ୍ତ ବଢ଼ି ଚାଲିଛି ନିଶା ମାଫିଆଙ୍କ ଅଦୃଶ୍ୟ ସାମ୍ରାଜ୍ୟ
### ଖୋଲାମେଲାରେ ବିକ୍ରି ହେଉଛି 'ମୃତ୍ୟୁର ସାମଗ୍ରୀ'

ଯାଜପୁର ଟାଉନ, ୧୩।୪ (ସଂଚାର ବ୍ୟୁରୋ): ଏକ ସମୟରେ ସଂସ୍କୃତି, ଐତିହ୍ୟ ଓ ପ୍ରଗତିର ପରିଚୟ ଥିବା ଯାଜପୁର ଆଜି ନିଶା ମାଫିଆଙ୍କ କବଳରେ ଆବୃତ। ଜିଲ୍ଲାର ପ୍ରାୟ ପ୍ରତ୍ୟେକ କୋଣ ବଡ଼ଚଣା, ଧର୍ମଶାଳା, ରସୁଲପୁର, କୋରାଇ, ସୁକିନ୍ଦା, ଦାନଗଦି, ବରୀ, ବିଞ୍ଝାରପୁର, ଦଶରଥପୁର, ଯାଜପୁର ସବୁଠି ଆଜି ନିଶାର କଳାଛାୟା ବିସ୍ତାରିତ। ଚିଲମ ଠାରୁ "ଗୋଗୋ" ପର୍ଯ୍ୟନ୍ତ ନିଶାର ରୂପ ବଦଳୁଥିବା ବେଳେ, ଏହାର ପ୍ରଭାବ ଭୟଙ୍କର ରୂପ ନେଇଛି। ଗଳିକନ୍ଦି ଓ ଦୋକାନରେ ଖୋଲାମେଲାରେ ବିକ୍ରି ହେଉଛି ମୃତ୍ୟୁର ସାମଗ୍ରୀ। ଏହାର ସିଧା ପ୍ରଭାବ ପଡୁଛି ଯୁବପିଢ଼ି ମାନଙ୍କ ଉପରେ। ପଢୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏବେ ନିଶାରେ ଆସକ୍ତ। କେହି ପାଠ ପଢ଼ା ଛାଡୁଛନ୍ତି, କେହି ଅପରାଧ ଦୁନିଆରେ ପଦାର୍ପଣ କରୁଛନ୍ତି। ଫଳରେ ମାତାପିତାଙ୍କ ସ୍ୱପ୍ନ ଭାଙ୍ଗୁଛି, ଅମାନିଆ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯାଉଛି।

ନିଶା ବ୍ୟବସାୟ ଆଜି ସୁସଂଗଠିତ ଅପରାଧର ରୂପ ନେଇଛି। ଗାଁ-ସାହିରେ ଏଜେଣ୍ଟ ନିଯୁକ୍ତ କରି, ସହରରେ ସିଣ୍ଡିକେଟ ସକ୍ରିୟ ହୋଇ, ବାଇକ ଓ ଅଟୋ ଦ୍ୱାରା ବିଭିନ୍ନ ପ୍ରକାର ନିଶା ସାମଗ୍ରୀ ଚୋରା ଚାଲାଣ କରୁଛନ୍ତି। ଏହାକୁ ଧରିବା ପ୍ରଶାସନ ପାଇଁ ଜଟିଳ ହେଉଛି— ନା କି ଧରିବାକୁ ଇଚ୍ଛା ନାହିଁ।

ସନ୍ଧ୍ୟା ହେଲେ ଯାଜପୁରର ବିଭିନ୍ନ ଅଞ୍ଚଳରେ ଖୋଲାମେଲାରେ ବସୁଛି ନିଶା ହାଟ। ଏମିତି ଅନେକ ସ୍ଥାନ, ଗାଁ ଗାଁ, ସାହି ସାହି, ପାନ ଦୋକାନ ଠାରୁ ଆରମ୍ଭ କରି ଗ୍ରୋସରରି ଦୋକାନ ଆଜି ନିଶାର କେନ୍ଦ୍ରବିନ୍ଦୁ ସାଜିଛି। ଅତି ନିକଟରେ ନିଶା ଦ୍ରବ୍ୟ ମିଳୁଥିବାରୁ ବହୁ ଥିଲା ବାଲା ଘର ଠାରୁ ଆରମ୍ଭ କରି କବଡିଆ ବାଲା ପର୍ଯ୍ୟନ୍ତ ସମସ୍ତେ ନିଶାରେ କବଳିତ।

ଅଭିଯୋଗ ହେଉଛି ତଳଠାରୁ ଉପର ପର୍ଯ୍ୟନ୍ତ ସଂପୃକ୍ତି ଟଙ୍କାରେ ଚାଲୁଛି ସମ୍ପୂର୍ଣ୍ଣ ଖେଳ ଛୋଟ ମାଛ ଧରାଯାଉଛି, ବଡ ମାଫିଆ ଅସ୍ପୃଶ୍ୟ, ଧରା ପଡିଲେ ମଧ୍ୟ ଆଇନରେ ସହଜରେ ଜାମିନ ହେଉଛି। ଏହାକୁ ଦେଖି ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଛାତ୍ରଛାତ୍ରୀ ମାନଙ୍କୁ ନେବା ଆଣିବା କରୁଥିବା କିଛି ଗାଡି ଚାଳକ ମଧ୍ୟ ନିଶାସକ୍ତ ଥିବା ଅଭିଯୋଗ ଆସୁଛି। ଯାହା ସାଧାରଣ ଲୋକଙ୍କ ଜୀବନ ପାଇଁ ବଡ ବିପଦ। ପ୍ରଶାସନର ତୁରନ୍ତ ପଦକ୍ଷେପ ନେଇ ନିଶା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ପଟ୍ଟାମୁଣ୍ଡାଇ ବ୍ଲକରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ,୧୩।୪(ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରାଚୀନ କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହିତ ଲୋକକଳାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର ରଘୁରାମ ଆୟାରଙ୍କ ନିର୍ଦ୍ଦେଶ ରେ ଓଡ଼ିଆ ପକ୍ଷ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ପକ୍ଷରୁ ଲୋକକଳାକୁ ଅଧିକ ପ୍ରଚାର ପ୍ରସାର ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ସହ ପାରମ୍ପରିକ ଖାଦ୍ୟ ପରିବେଷଣ ଓ ଝୋଟି ପକା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଭାବଗ୍ରାହୀ କଳା ନିକେତନ ସଭାପତି ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଆମର ପରିଚୟ ହୋଇଥିବାରୁ ଏହାକୁ ବିକଶିତ ଓ ଋଦ୍ଧିମନ୍ତ କରିବାକୁ ପରାମର୍ଶ ଦେଇଥିଲେ। ବିଡ଼ିଓ ଶୀତଲ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗ ଉତ୍କଳୀୟ କଳା ସଂସ୍କୃତି ପରମ୍ପରା ମହାନ ବୋଲି କହିଥିଲେ। ଏଇ ଅବସରରେ ୬୦ଜଣ କଳାକାରଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା,ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ବାଛରା ସମିତି ସଭ୍ୟା ସୁମିତ୍ରା ସାହୁ ବଡ଼ମୂଳବସନ୍ତ ସମିତିସଭ୍ୟା ସ୍ମୃତି ମୟୀ ମଲିକଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଓ ଶତାଧିକ କଳାକାର ଯୋଗ ଦେଇଥିଲେ ।



ମହାବିଷୁବ ସଂକ୍ରାନ୍ତି ଅବସରରେ ଖୋର୍ଦ୍ଧାରେ ମାନସିକଧାରୀ ଦଣ୍ଡପାଟୁଆମାନେ ତତଲା ବାଲି ଓ କଣ୍ଟା ଉପରେ ଗଡୁଛନ୍ତି। (ଫଟୋ- ଦିଲ୍ଲୁ)

### ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୨୬ ଲାଗୁ

## ବିଧେୟକକୁ ମିଳିଲା ରାଜ୍ୟପାଳଙ୍କ ସ୍ୱୀକୃତି



**ଉଚ୍ଚଶିକ୍ଷାରେ ଏସସି, ଏସଟି ଓ ଏସଇବିସି ପ୍ରତିନିଧିତ୍ୱ ସୁନିଶ୍ଚିତ ହେବ**

ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ରାଜ୍ୟରେ ଲାଗୁହେଲା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ,୨୦୨୬। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ବିଧାନସଭାରେ ପାରିତ ହୋଇଥିବା ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ, ୨୦୨୬କୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଗତ ମାର୍ଚ୍ଚ ୩୧ ତାରିଖରେ ବିଧାନସଭାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ପରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ ପାରିତ ହୋଇଥିଲା।

ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି କହିଛନ୍ତି। ଏହି ଅଧିନିୟମ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଏସଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବ। ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ବିଚାର କରାଯିବ। ବିଭାଗଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ଉଚ୍ଛେଦ କରାଯାଇଛି। ଏହା ଫଳରେ ଶିକ୍ଷକମାନଙ୍କର ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ଆଦି ପଦବୀରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଏସଇବିସି ବର୍ଗଙ୍କ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରାଯାଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା କୁଳପତି ପଦବୀକୁ ମଧ୍ୟ ପୂରଣ କରାଯାଇଛି। ଏକକାଳୀନ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତିଙ୍କୁ ନିଯୁକ୍ତ କରାଯାଇଛି। ଶିକ୍ଷାବିତମାନେ ଶୈକ୍ଷିକ ସମାଜର ନେତୃତ୍ୱ ନେଇଛନ୍ତି ଓ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ଓଡ଼ିଶାର ଶିକ୍ଷାବିତ୍‌ମାନେ ନିଯୁକ୍ତି ପାଇଛନ୍ତି। ଏହି ଅଧିନିୟମ ଲାଗୁ ହେବା ପରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀକୁ ପୂରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

### ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ

# ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବାଚସ୍ପତିଙ୍କ ଆହ୍ୱାନ



ଭୁବନେଶ୍ୱର,୧୩।୪ (ସଂଚାର ବ୍ୟୁରୋ): ସୋମବାର ଦିନ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜଧାନୀ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବାଚସ୍ପତି କହିଥିଲେ, ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା। ଦେଶବିଦେଶରୁ ପର୍ଯ୍ୟଟକମାନେ ପ୍ରଥମେ ଆସି ରାଜଧାନୀରେ ପହଞ୍ଚିଥାନ୍ତି। ଏହି

**କ୍ରମବର୍ଦ୍ଧିଷ୍ଣୁ ବିକାଶ ଉପରେ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ**

ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ରାଜଧାନୀବାସୀଙ୍କୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି, ରାଜଧାନୀର କଳା, ସଂସ୍କୃତି, ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢ଼ିତୋଳିବା ପାଇଁ ମେୟର ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିମାନେ ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିଥିଲେ। ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାହାରି ବଡ଼େଇବାଙ୍କ ଛକ, ମାଉସୀମା, ଶିଶୁଭବନ ଛକ, ରାଜମହଲ, ମାଷ୍ଟରକ୍ୟାଣ୍ଟିନ ଦେଇ ପିଏମଜିଠାରେ ପହଞ୍ଚିଥିଲା। ମୁଖ୍ୟଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତ୍ତୋଳନ କରି ଆୟୋଜିତ ଏକ ବେସାମରିକ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିବା ବେଳେ ଏହି ପରେଡ୍‌ରେ ମୋଟ ୫୧ଟି ଦଳ ଭାଗ ନେଇଥିଲେ।

ଉପସ୍ଥିତ ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଭୁବନେଶ୍ୱରକୁ ଆହୁରି ଉନ୍ନତି କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପ୍ରଜ୍ଞାନୟକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ବିଏମସି କମିଶନ ଚଞ୍ଚଳ ରାଣା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହ୍ନର, ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ, ବିଏମସିର ଅତିରିକ୍ତ କମିଶନର କୈଳାଶ ଦାସ ଓ ରତ୍ନାକର ସାହୁ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁଆର, ଆସିୟା ବେଗମ, ଅମରେଶ ଜେନା ଓ ରାମଚନ୍ଦ୍ର ରଣସିଂ, ଭୁବନେଶ୍ୱର ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ଦାଶ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

ପ୍ରକାଶଯୋଗ୍ୟ, ୧୯୪୮ମସିହା ଏପ୍ରିଲ ୧୩ ତାରିଖ ଦିନ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ରାଜଧାନୀ ଫଳକର ଉନ୍ମୋଚନ କରିଥିଲେ। ସେତେବେଳେ ମାତ୍ର ୪୦ ହଜାର ଲୋକଙ୍କ ପାଇଁ ରାଜଧାନୀର ପରିକଳ୍ପନା କରାଯାଇଥିଲା। ମାତ୍ର ଆଜି ଏହାର କଳେବର ବୃଦ୍ଧି ପାଇଛି। ସଂପ୍ରତି ୧୫ଲକ୍ଷରୁ ଅଧିକ ଲୋକ ରାଜଧାନୀରେ ବସବାସ କରୁଛନ୍ତି। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।

## ନାରୀ ଶକ୍ତି ବନ୍ଦନ ଅଧିନିୟମ ନେଇ ଫଟୋଚିତ୍ର ପ୍ରଦର୍ଶନୀ



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଏବେ ସ୍ୱର୍ଣ୍ଣିମ ଯୁଗଆଡ଼କୁ ଅଗ୍ରସର ହେଉଛି। ବିକଶିତ ଭାରତର ସ୍ୱପ୍ନ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଏହି ବିକାଶମୂଳକ କାର୍ଯ୍ୟରେ ମହିଳଙ୍କ ପୂର୍ଣ୍ଣ ଯୋଗଦାନ ରହିବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆସିବ। ଏହି ଅଧିନିୟମ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ମହିଳାଙ୍କ ସଂରକ୍ଷଣ ସୁନିଶ୍ଚିତ କରିବ। ସମ୍ବିଧାନରେ ଏହି ସଂଶୋଧନ ଭାରତ ଇତିହାସରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଆସନ୍ତା ୧୬ରୁ ୧୮ ପର୍ଯ୍ୟନ୍ତ ନାରୀଶକ୍ତି ବନ୍ଦନ ଅଧିନିୟମ ଉପରେ ସଂସଦରେ ସ୍ୱତନ୍ତ୍ର ଅଧିବେଶନ ହେବ। ଏନେଇ ଦିଲ୍ଲୀର ବିଜ୍ଞାନ ଭବନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାରୀ ଶକ୍ତି ବନ୍ଦନ ଅଧିନିୟମ ଉପରେ ଅଭିଭାଷଣ ରଖିଥିଲେ। ଏହି ଅଧିନିୟମ ନାରୀମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବ ବୋଲି ସେ କହିଥିଲେ। ରାଜ୍ୟ କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାମାଜିକ କର୍ମୀ, କଲେଜର ଶିକ୍ଷାବିତ୍ ଓ ଛାତ୍ରୀ ମୋଦିଙ୍କ ଅଭିଭାଷଣର ସିଧା ପ୍ରସାରଣ ଶୁଣିଥିଲେ। ଏନେଇ ଏକ ସ୍ୱତନ୍ତ୍ର ଅଧିବେଶନ ହେବାକୁ ଥିଲା ବେଳେ ଏହାକୁ ସମର୍ଥନ କରି ରାଜ୍ୟ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ରହି ଧାର୍ଯ୍ୟ ନମ୍ବରରେ ମିସ୍‌ଡ କଲ୍ କରିଥିଲେ। ଏହି ଅବସରରେ ନାରୀ କଲ୍ୟାଣ ପାଇଁ ବିଜେପି ସରକାର ପକ୍ଷରୁ ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନା, ମମତା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ଲକ୍ଷପତି ଦିଦି ଯୋଜନା, ଉଜ୍ଜ୍ୱଳା ଯୋଜନା, ମିଶନ ଶକ୍ତି, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହିଳା ଇ-ହାଟ, ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଓଡ଼ିଶାର ମହିୟସୀ ମହିଳାଙ୍କୁ ନେଇ ଫଟୋ ପ୍ରଦର୍ଶନୀ କରାଯାଇଛି। ଏଥିସହ ନାରୀ କଲ୍ୟାଣକାରୀ ଯୋଜନା ପାଇଁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ଧନ୍ୟବାଦ ମୋଦିଜୀ' ଦସ୍ତଖତ ଅଭିଯାନରେ ଶତାଧିକ ମା' ଓ ଭଉଣୀ ସାମିଲ ହୋଇଥିଲେ।

### ● ରାଜଧାନୀ ପ୍ରତିଷ୍ଠା ଦିବସରେ ନିମନ୍ତ୍ରଣ ରାଜନୀତି

## ସାଂସଦ-ମେୟରଙ୍କ କଥା କଟାକଟି



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ରାଜଧାନୀ ପ୍ରତିଷ୍ଠା ଦିବସରେ ନିମନ୍ତ୍ରଣକୁ ନେଇ ରାଜନୀତି ଆରମ୍ଭ ହୋଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ମେୟର ସୁଲୋଚନା ଦାସଙ୍କ ମଧ୍ୟରେ ଏହାକୁ ନେଇ କଥା କଟାକଟି ହୋଇଛି। ପୂର୍ବ ସରକାରକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସମାଲୋଚନା କରି କହିଛନ୍ତି, ବିଗତ ସରକାରରେ ତାଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା। କିନ୍ତୁ ପ୍ରଥମ ଥର ପାଇଁ ତାଙ୍କୁ ରାଜଧାନୀ ପ୍ରତିଷ୍ଠା ଦିବସକୁ ଆମନ୍ତ୍ରଣ କରାଯାଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଏପଟେ ସାଂସଦଙ୍କ ସମାଲୋଚନାର ଉତ୍ତର ରଖିଛନ୍ତି ସୁଲୋଚନା ଦାସ। ସେ କହିଛନ୍ତି, ଭୁବନେଶ୍ୱର ସାଂସଦଙ୍କ କଥା ଅତ୍ୟନ୍ତ ଦୁଃଖଦାୟକ। ମୁଁ ଯେବେଠୁ ମେୟର ହୋଇଛି, ସବୁ ବର୍ଷ ତାଙ୍କୁ ନିମନ୍ତ୍ରଣପତ୍ର ପଠାଯାଇଛି। ମୁଁ ନିଜେ ତାଙ୍କ ସହ ଫୋନରେ କଥା ହୋଇଛି। କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ହୁଏତ ସେ ଆସିପାରି ନଥିବେ। ଆଜିର ଦିନରେ ଏଭଳି କହିବା ଆଦୌ ଠିକ୍ ନୁହେଁ। ସେ ଭୁବନେଶ୍ୱର ସାଂସଦ। ତେଣୁ ସେ ଯେଉଁଠି ଥିଲେ ବି ତାଙ୍କୁ ପ୍ରାଥମିକତା ଦେବା ଦରକାର। ପ୍ରତିଷ୍ଠା ଦିବସରେ ସେ ଯୋଗଦେବାର ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଭୁବନେଶ୍ୱର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ଅପରାଜିତାଙ୍କୁ ଡକା ନଯିବା ନେଇ ସେ ପ୍ରତିବାଦ କରିଥିଲେ। କେଉଁ ଉଦ୍ଦେଶ୍ୟରେ ତାଙ୍କୁ ରାଜଧାନୀ ପ୍ରତିଷ୍ଠା ଦିବସକୁ ଆମନ୍ତ୍ରଣ କରାଯାଉନଥିଲା ସେନେଇ ସେ ପ୍ରଶ୍ନ କରିଥିଲେ।

## ଇନ୍‌ଡୋର୍ ଷ୍ଟାଡିୟମରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ

କଟକ, ୧୩।୪ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ଇନ୍‌ଡୋର ଷ୍ଟାଡିୟମଠାରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରଦୀପ ଜାଳି ଆରମ୍ଭ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପରିଡ଼ା ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ମାଧ୍ୟମରେ ନାରୀ ସଶକ୍ତିକରଣ ଓ ସେମାନଙ୍କୁ ସ୍ୱାବଲମ୍ବୀ କରାଯିବା ସହ ଆର୍ଥିକ ଉନ୍ନତି ସୁରକ୍ଷା ଓ ମର୍ଯ୍ୟାଦା ସମ୍ପର୍କରେ ଆଲୋକପାତ କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ନାରୀ ଶକ୍ତି ପ୍ରତି ଧ୍ୟାନ ଦିଆଯାଇଥିବା ବେଳେ ଏବର ପ୍ରଧାନମନ୍ତ୍ରୀଙ୍କ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ନାରୀ ସଶକ୍ତିକରଣ ଦିଗରେ ପଦକ୍ଷେପ ନିଆଯାଉଥିବା କହିଛନ୍ତି। ଆଜି ନାରୀମାନେ ବ୍ୟବସାୟ, ଚାକିରି, ଶିକ୍ଷା ଦ୍ୱାରା ସ୍ୱାବଲମ୍ବୀ ହୋଇପାରିଛନ୍ତି। ବିଶେଷକରି ରାଜନୀତି କ୍ଷେତ୍ରରେ ନାରୀମାନେ ମଧ୍ୟ ପ୍ରତିନିଧିତ୍ୱ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି। ସେହିପରି ଅନ୍ୟତମ ଅତିଥି ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋଷ କହିଛନ୍ତି ଯେ ଏହି ମହିଳା ସଂଗଠନ ଆଇନ ନୁହେଁ, ବରଂ ଦୀର୍ଘ ବର୍ଷର ସଂଘର୍ଷ, ଯାହାକି ମହିଳାମାନଙ୍କୁ ତୃଣମୂଳ ସ୍ତରରୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ଏବେ ଏହି ଲକ୍ଷ୍ୟ ପୂରଣ ହୋଇପାରିଛି ବୋଲି ଶ୍ରୀମତୀ ଫିର୍ଦ୍ଦୋଷ କହିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ଡ. ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଭାଉ ସାହେବ ଶିନ୍ଦେ, ଏସିପି ଅନନ୍ୟା ଅବସ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିନାକ୍ଷୀ ଠାକୁର, ଏସସିବି ମେଡିକାଲ ଅଧ୍ୟକ୍ଷା ପ୍ରଫେସର ଡାକ୍ତର ପ୍ରତିଭା ପଣ୍ଡା, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାସ, ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ମହିଳା ନେତ୍ରୀ ଯୋଗଦେଇଥିଲେ। ସେହିପରି କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ କୌର ସହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ ନାରୀ ସଶକ୍ତିକରଣ ର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଚିତ୍ରକୋଣ୍ଡାରେ ଅକ୍ଷିମୁଠି ଅନୁକୂଳ କରିବ ପ୍ରଦେଶ କଂଗ୍ରେସ ସମବାୟ ପ୍ରକୋଷ୍ଠ

ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): କୃଷକମାନେ ଅର୍ଥନୀତିର ମେରୁଦଣ୍ଡ ଓ ବିକାଶର ସୂତ୍ରଧର। ଓଡ଼ିଶାର ସଂସ୍କୃତି ଓ ପରମ୍ପରା କୃଷି କାର୍ଯ୍ୟ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବିହନ କୃଷି ଉତ୍ପାଦନର ପ୍ରଥମ ଓ ପ୍ରଧାନ ଆବଶ୍ୟକ ଉପାଦାନ। କୃଷି କାର୍ଯ୍ୟ ଓ କୃଷକ ସମାଜ ପ୍ରତି ସର୍ବଦା ସମ୍ମାନ ପ୍ରଦାନ କରିବା ଆମ ସାଂସ୍କୃତିକ ଭାବଧାରାର ଅନ୍ୟତମ ଦିଗ। କୃଷି ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟା ଦିନ ଅକ୍ଷିମୁଠି ଅନୁକୂଳ କରି ପ୍ରତ୍ୟେକ କୃଷକ ପରିବାର କୃଷି କାର୍ଯ୍ୟ ଶୁଭାରମ୍ଭ କରିବା ସହ ଉକ୍ତଦିନ ମାଟି ମା'କୁ ପୂଜା କରି ଉତ୍ତମ ଫସଲ ଅମଳ ପାଇଁ କରୁଣା ଭିକ୍ଷା କରିଥାନ୍ତି। ବିବିଧ ପ୍ରତିକୂଳ, ପ୍ରାକୃତିକ ପରିବେଶ ସତ୍ତ୍ୱେ ଚାଷୀଙ୍କ ଅକ୍ଳାନ୍ତ ପରିଶ୍ରମ, ଦୃଢ଼ ମନୋବଳ ଓ ସାମର୍ଥ୍ୟ ରାଜ୍ୟ କୃଷି ଉତ୍ପାଦନକୁ ସମୃଦ୍ଧ କରିଥାଏ ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ସେ ପଟ୍ଟନାୟକ କହିଛନ୍ତି ଯେ ୧୯୯୬ ଆସନ୍ତା ୧୬ରେ ତତ୍କାଳୀନ କଂଗ୍ରେସ ସରକାର ସମୟରେ କୃଷି ଓ କୃଷକଙ୍କ ସାମଗ୍ରିକ ବିକାଶ ପାଇଁ ଦେଶରେ ପ୍ରଥମକରି କୃଷି ନୀତି ପ୍ରଣୟନ ହୋଇଥିଲା। ସେହିପରି ଅକ୍ଷୟ ତୃତୀୟାକୁ ସରକାରୀ ସ୍ତରରେ କୃଷକ ଦିବସ ରୂପେ ପାଳନ ଏବଂ କୃଷକ ଓ କୃଷିକୁ ଶିଳ୍ପର ମାନ୍ୟତା ଦିଆଯାଇଥିଲା। ସରକାର କୃଷକ କଲ୍ୟାଣ ପାଇଁ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ସେସବୁର ଫାଇଦା ଚାଷୀ ପାଖରେ ପହଞ୍ଚୁନାହିଁ। ଫଳତଃ ଚାଷୀ ଆଜି ବି ତା'ର ଉତ୍ପାଦ ଉଚିତ ମୂଲ୍ୟ ପାଇପାରୁନାହିଁ। ଚାଷକୁ ପ୍ରୋତ୍ସାହନ, ଚାଷୀକୁ ସମ୍ମାନ ଓ ଗଣତନ୍ତ୍ରର ସୁରକ୍ଷା ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ପକ୍ଷରୁ ଆସନ୍ତା ୨୦ ତାରିଖରେ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡାଠାରେ ଜିଲ୍ଲା କଂଗ୍ରେସ ଓ ସ୍ଥାନୀୟ ବିଧାୟକ ମଙ୍ଗୁ ଖିଲଙ୍କ ନେତୃତ୍ୱରେରେ ଅକ୍ଷିମୁଠି ଅନୁକୂଳ ସହ ଅକ୍ଷୟ ତୃତୀୟା ସମାରୋହ ଅନୁଷ୍ଠିତ ହେବ। ଏଥିରେ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଓ ଦଳର ବରିଷ୍ଠ ନେତୃବୃନ୍ଦ ଅତିଥି ଭାବେ ଯୋଗଦେବେ ବୋଲି ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇ କହିଛନ୍ତି।

## ଫେରିଲା ଦାଦନ ଖଟିବାକୁ ଯାଇଥିବା ଯୁବତୀଙ୍କ ମୃତଦେହ

ମୋହନା ୧୩।୪ (ସଂଚାର ବ୍ୟୁରୋ): ଗଜପତି ଜିଲା ମୋହନା ବ୍ଲକ ଦମାଦୁଆ ଗ୍ରାମ ପଞ୍ଚାୟତ ମଟିକିରିମ୍ବାର ଅନିତା ମଲିକ(୩୪)ଙ୍କ ଘରେ ଅଭାବ କାରଣରୁ ସେ ମୁମ୍ବାଇ ଯାଇଥିଲେ। ପୂର୍ବରୁ ୨୦୨୨ରେ ଅନିତା ଉକ୍ତ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ହୋଇଥିଲେ। ୫୧୧ ଖଣ୍ଡ ଭୋଟ ପାଇ ପରାସ୍ତ ହେବା ପରେ ମୁମ୍ବାଇ ଯାଇଥିଲେ। ସେଠାରେ ସାଙ୍ଗମାନଙ୍କ ସହ ମିଶି କାମ କରୁଥିଲେ। ସାଙ୍ଗମାନେ କାମକୁ ଯାଇଥିବା ବେଳେ କୌଣସି କାରଣରୁ ଅନିତା କାମକୁ ନଯାଇ ଘରେ ରହିଥିଲେ। ସାଙ୍ଗମାନେ କାମ ସାରି ଘରକୁ ଆସି ଅନିତାଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଝିଅର ମୃତଦେହ ଆଣିବାକୁ ଅକ୍ଷମତା ପ୍ରକାଶ କରି ସାହାଯ୍ୟ ମାଗିଥିଲେ। ହେଲେ କୌଣସି ସୂତ୍ରରୁ ସହଯୋଗ ମିଳିନଥିଲା। ଶେଷରେ ଉକ୍ତ ଅଞ୍ଚଳର କିଛି ଯୁବକ ଚାନ୍ଦା କରି ୫୧ ହଜାର ଟଙ୍କା ଆଦାୟ କରି ଶେଷରେ ଆମ୍ବୁଲାନ୍ସ ଯୋଗେ ଅନିତାଙ୍କ ମୃତଦେହ ଗାଁକୁ ଅଣାଯାଇଛି।

## ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଦାବିରେ ନାଗରିକ ସମାବେଶ



କଟକ, ୧୩।୪ (ସଂଚାର ବ୍ୟୁରୋ): ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲବାଗ ଥାନା ସ୍ଥାନାନ୍ତର ନ କରିବା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆଜି ଏକ ନାଗରିକ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, କ୍ଷୀରୋଦ ମହାପାତ୍ର, ଡଲି ଦାଶ, ବିଶ୍ୱଜିତ ଘୋଷ, କାଶିନାଥ ସ୍ୱାଇଁ, ପ୍ରସନ୍ନ କୁମାର ମହାପାତ୍ର, ଅରବିନ୍ଦ ମଲ୍ଲିକ, ଅକ୍ଷୟ କୁମାର ରାଉଳ, ବେଣୁଧର ମହାରଣା, ନୀରୋଦ ମହାପାତ୍ର, ବିଭୂତି ଭୂଷଣ ବେହେରା, ପ୍ରିୟବ୍ରତ ଦେବତା, ରୁଦ୍ରାଶିଷ ଦାଶ ଯୋଗଦେଇଥିଲେ। ସମ୍ପ୍ରତି କଟକ ମହାନଗର ଅଞ୍ଚଳରେ ପ୍ରଶାସନ ଜ୍ଞାତସାରରେ ବହୁ ବେଆଇନ କାର୍ଯ୍ୟ ହେଉଛି ଯାହା ଜନସ୍ୱାର୍ଥବିରୋଧୀ। କିନ୍ତୁ ଏହାର ଉତ୍ତରଦାୟିତ୍ୱ ସ୍ଥାନୀୟ ପ୍ରଶାସନ ନେଉନାହିଁ। ଯେପରିକି ମଧୁସେତୁ ଓ ନେତାଜୀ ସେତୁ ତଥା ନରାଜ ସେତୁର ସଂଯୋଗକାରୀ ମୁଖ୍ୟ ପ୍ରଶସ୍ତ ରାସ୍ତାକୁ ପ୍ରଭାବଶାଳୀ ଲୋକଙ୍କ ଚାପରେ ବନ୍ଦ କରିଦିଆଯାଇଛି। ଉକ୍ତ ରାସ୍ତାରେ ସମସ୍ତ ଯାତ୍ରୀବାହୀ ବସ ଯାତାୟାତ କରୁଥିଲା। କିନ୍ତୁ ଏବେ ଏହି ରାସ୍ତା ବନ୍ଦ ହୋଇଯାଇଥିବାରୁ କେବଳ କଟକ ନୁହେଁ, ସାରା ରାଜ୍ୟର ଲୋକେ ସମସ୍ୟା ଭୋଗୁଛନ୍ତି। ସେହିପରି କଟକର ଲାଲବାଗ ଥାନାର ଏକ ଐତିହ୍ୟ ଥିବା ବେଳେ ଏହା ହାଇକୋର୍ଟ, ଶିଶୁ ଭବନ, ତହସିଲ ଅଫିସ, ବଡ଼ ପୋଷ୍ଟ ଅଫିସ, ନେତାଜୀ ରେଭେନ୍ସା କଲିଜିଏଟ ସ୍କୁଲ, ଜିଲ୍ଲାପାଳ କାର୍ଯ୍ୟାଳୟ, ପରିବହନ କାର୍ଯ୍ୟାଳୟ, ରାଜସ୍ୱ ଭବନ ଓ ସାତ ମହଲାରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ ଅଫିସକୁ ସୁରକ୍ଷା ପ୍ରଦାନ କରୁଛି। କିନ୍ତୁ ଏହାକୁ ଅଚାନକ ସ୍ଥାନାନ୍ତର କରାଯିବା ଫଳରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଏହା ପଛରେ ମଧ୍ୟ ପ୍ରଭାବଶାଳୀ ଲୋକଙ୍କ ଚାପ ରହିଥିବା କୁହାଯାଉଛି। ତେଣୁ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟ ମଧୁସେତୁ କାଠଯୋଡ଼ି ସଂଲଗ୍ନ ପ୍ରଶସ୍ତ ରାସ୍ତାରୁ ଅବରୋଧ ହଟାଇବା ସହ ଲାଲବାଗ ଥାନାକୁ ପୂର୍ବ ସ୍ଥାନକୁ ଆଣିବା ସକାଶେ ଧାରଣାରତ ନାଗରିକମାନେ ଦାବି କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଠାଇଛନ୍ତି।

## ଓଡ଼ିଶା ପାହ୍ୟା ଆଇଏଏସ୍ ଅଧିକାରୀଙ୍କ ପ୍ରଶିକ୍ଷଣ



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ୯ ଜଣ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଆଜି ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନଙ୍କୁ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଇଛି। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ୧ ବର୍ଷିଆ ବିସ୍ତୃତ ପ୍ରଶିକ୍ଷଣର ଏହା ଅଂଶବିଶେଷ ଥିଲା। ପ୍ରଶିକ୍ଷାର୍ଥୀମାନେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମାଧ୍ୟମରେ ପ୍ରଶିକ୍ଷଣ ନେଇ ରାଜ୍ୟର ବିଭିନ୍ନ ବିଭାଗ, ଜିଲ୍ଲା କାର୍ଯ୍ୟାଳୟ, ସଂସ୍ଥା ଓ କମିଶନ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ଅଭିଜ୍ଞତା ହାସଲ କରିବା ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ।

ଏହି ପ୍ରତ୍ୟକ୍ଷ ଅନୁଭୂତିର ଅଂଶ ସ୍ୱରୂପ ପ୍ରଶିକ୍ଷଣରେ ଥିବା ଏହି ଅଧିକାରୀମାନେ ଆଜି ଯୋଜନା ଓ ସଂଯୋଜନ ବିଭାଗରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହଙ୍କୁ ସାକ୍ଷାତ କରିଥିଲେ। ଉନ୍ନୟନ କମିଶନରଙ୍କ ସହ ପାରସ୍ପରିକ ଆଲୋଚନାରେ ପ୍ରଶିକ୍ଷାର୍ଥୀମାନେ ରାଜ୍ୟର ଯୋଜନା ପଦ୍ଧତି, କନଭର୍ଜେନ୍ସ ରଣନୀତି ଏବଂ ପ୍ରମୁଖ ବିକାଶମୂଳକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଅବଗତ ହୋଇଥିଲେ। ଉନ୍ନୟନ କମିଶନର ଏହି ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଓଡ଼ିଶାରେ କାର୍ଯ୍ୟ କରିବାରେ ବହୁ ସୁଯୋଗ ରହିଥିବା କହି ସେମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟର ସମୃଦ୍ଧି ପାଇଁ ଯୋଜନା ଓ ସଂଯୋଜନ ବିଭାଗ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ଭୂମିକା ନିର୍ବାହ କରୁଥିବା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏଥିସହିତ, ସେ ଇସ୍ପାତ ଓ ଖଣି ବିଭାଗର ସଚିବ ଭାବେ ଓଡ଼ିଶାର ଖଣିଜ ସମ୍ପଦ ରାଜ୍ୟର ଅର୍ଥନୀତି ଓ ସାମଗ୍ରିକ ବିକାଶରେ କିପରି ଉଲ୍ଲେଖନୀୟ ଯୋଗଦାନ ରଖୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଉପସ୍ଥିତ ଥିଲେ। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହାନିର୍ଦ୍ଦେଶିକା ଡଃ. ମୋନାଲିସା ଲେଙ୍କା ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ବିନା ପ୍ରଦୂଷଣ ପ୍ରମାଣପତ୍ରରେ ୧୯ ସଂସ୍ଥା ଚାଲିଛି




ଭୁବନେଶ୍ୱର, ୧୩।୪: ଶିଳ୍ପ ପ୍ରତିଷ୍ଠା ସମୟରେ ପ୍ରଦୂଷଣ ନିୟନ୍ତ୍ରଣକୁ ଅଗ୍ରାଧିକାର ଦିଆଯାଉଥିବା ବେଳେ ପ୍ରଦୂଷଣ ଅନୁମତି ପାଇଲା ପରେ ହିଁ ଶିଳ୍ପ ପ୍ରତିଷ୍ଠା ହୋଇଥାଏ। ତେବେ ରାଜ୍ୟରେ ୧୯ଟି ଶିଳ୍ପସଂସ୍ଥା ବିନା ପ୍ରଦୂଷଣ ସମ୍ମତିପତ୍ରରେ କାରଖାନା ଚଳାଇଥିବା ବେଳେ ଏମାନଙ୍କ ମଧ୍ୟରେ ସରକାରଙ୍କ ନିୟନ୍ତ୍ରଣାଧୀନ ଓମଫେଡ୍ ବି ରହିଛି।

କୋରାପୁଟ ଜିଲ୍ଲାର ଜୟପୁରଠାରେ ଥିବା ଓମଫେଡ୍ କାରଖାନା ପ୍ରଦୂଷଣ ନିୟନ୍ତ୍ରଣ ସମ୍ମତିପତ୍ର ବିନା ଚାଲୁଛି। ତୁରନ୍ତ ଏ ସଂକ୍ରାନ୍ତୀୟ ସମ୍ମତିପତ୍ର ହାସଲ ପାଇଁ ଓମଫେଡ୍‌କୁ ପତ୍ର ଲେଖାଯାଇଛି। ସେହିଭଳି ବିନା ପ୍ରମାଣପତ୍ରରେ ଚାଲୁଥିବା କାରଖାନା ତାଲିକାରେ ଯାଜପୁରର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଭିସା ସ୍ପେଶାଲ ଷ୍ଟିଲ, ସୁନ୍ଦରଗଡ଼ର ଥିବା ଆରବି ଅଗ୍ରୱାଲା କମ୍ପାନୀ, ସେହି ଜିଲ୍ଲାରେ ଥିବା ଏଲଆଣ୍ଡଟି ଫାବ୍ରିକେଶନ, କୋରାପୁଟର ପଟାଙ୍ଗିଠାରେ ଥିବା ବାହାର ଭାଟି ମଦ ଦୋକାନ, କୋରାପୁଟରେ ଥିବା ସୂର୍ଯ୍ୟ ଡାଲି ଓ ତେଲ କାରଖାନା। ତେବେ ଏହି ତାଲିକାରେ ସଂଖ୍ୟାଧିକ ବାହାର ଭାଟି ମଦ ଦୋକାନ ଥିବା ଜଣାଯାଇଛି। ଏମାନେ ବିନା ସମ୍ମତିପତ୍ରରେ ବ୍ୟବସାୟ ଚଳାଇଥିବା ବେଳେ ସେମାନଙ୍କୁ ଏଥିପାଇଁ ଆବେଦନ କରିବାକୁ କୁହାଯାଇଛି।

ଉଲ୍ଲେଖନୀୟ ଯେ ରାଜ୍ୟରେ ଥିବା ୮୬୦୪ଟି ଶିଳ୍ପ ପ୍ରତିଷ୍ଠାନ ମଧ୍ୟରୁ ୬୬୬୦ଟି ଶିଳ୍ପ ପ୍ରତିଷ୍ଠାନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ସମ୍ମତିପତ୍ର ହାସଲ କରି କାର୍ଯ୍ୟକ୍ଷମ ଅଛି ଓ ୧୯୪୪ଟି ଶିଳ୍ପର ଅନୁମତି ପାଇଁ ଆବେଦନ କରିଛନ୍ତି। ଏହିସବୁ ଆବେଦନଗୁଡ଼ିକ ବୋର୍ଡ ନିକଟରେ ବିଚାରାଧୀନ ରହିଛି। ସେହିଭଳି ୭୩ଟି ଶିଳ୍ପ ପ୍ରତିଷ୍ଠାନ ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣଠାରୁ ପରିବେଶ ଅନୁମତି ପ୍ରାପ୍ତ କରିଛନ୍ତି।

ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟ କରୁଥିବା ବେଳେ ପ୍ରତ୍ୟେକ ଜିଲ୍ଲାରେ ଏହାର କ୍ଷେତ୍ରୀୟ ଦପ୍ତର ରହିଛି। ଏଠାରେ ଜଣେ ଜଣେ ଆରଓଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ବି ମୁତୟନ ହୋଇଛନ୍ତି। ଏମାନଙ୍କର ପ୍ରମୁଖ କାର୍ଯ୍ୟ ହେଉଛି ପ୍ରଦୂଷଣ କରୁଥିବା କଳାକାରଖାନା ଉପରେ ନଜର ରଖିବା ଓ ଆବଶ୍ୟକ ସ୍ଥଳେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା।

ତେବେ ଏକାଧିକ ଶିଳ୍ପସଂସ୍ଥା, ସରକାରୀ ଉଦ୍ୟୋଗ, ବ୍ୟାବସାୟିକ ପ୍ରତିଷ୍ଠାନ କିଭଳି ବିନା ସମ୍ମତିପତ୍ରରେ ରାଜ୍ୟରେ କାର୍ଯ୍ୟ କରୁଛନ୍ତି, ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏମାନେ ସମ୍ମତି ପାଇଁ ଆବେଦନ ନ କରି କାହା ସାହସ ବଳରେ କାରଖାନା ଓ ବ୍ୟବସାୟ ପ୍ରତିଷ୍ଠାନ ଚଳାଇଲେ ଓ ବୋର୍ଡ ପକ୍ଷରୁ କାହିଁକି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ର ଅଧିକାରୀମାନଙ୍କୁ ଏଥିପାଇଁ ଦାୟୀ କରାଯିବା ଉଚିତ ବୋଲି ମତପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ମଙ୍ଗଳବାର ୧୪ ଏପ୍ରିଲ ୨୦୨୬, ଭୁବନେଶ୍ୱର

Tuesday 14 April 2026, Bhubaneswar

# ରାଜନୀତି ଏବଂ ଭ୍ରଷ୍ଟାଚାର

ଆଧୁନିକ ଗଣତନ୍ତ୍ରର ସବୁଠାରୁ ବଡ଼ ବିପଦ ହେଉଛି ରାଜନୀତି ଓ ଭ୍ରଷ୍ଟାଚାରର ଅବିଚ୍ଛିନ୍ନ ସମ୍ପର୍କ। ଏହାକୁ କେହି କେହି କହନ୍ତି ଯେ ଏହି ଦୁଇଟି ଏକ ମୁଦ୍ରାର ଦୁଇ ପାର୍ଶ୍ୱ। ଗୋଟିଏ ପାର୍ଶ୍ୱ ହେଉଛି କ୍ଷମତାର ଲୋଭ, ଅନ୍ୟ ପାର୍ଶ୍ୱଟି ହେଉଛି ଅର୍ଥର ଲୋଭ। ଏକଥା



ସ୍ୱୀକାର କରିବାକୁ ପଡ଼ିବ ଯେ ଆଜିର ରାଜନୀତିରେ ଭ୍ରଷ୍ଟାଚାର କୌଣସି ଅପରାଧ ନୁହେଁ, ବରଂ ଏକ ଅନିବାର୍ଯ୍ୟ ଅଙ୍ଗ। ଏହା କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଏକ ସାଧାରଣ ଘଟଣା ପାଲଟିଛି। କିନ୍ତୁ ଆମ ଦେଶରେ ଏହାର ପ୍ରଭାବ ଅଧିକ ଗମ୍ଭୀର। ନିର୍ବାଚନ ଖର୍ଚ୍ଚ, କ୍ଷମତାର ଦୁରୁପଯୋଗ ଓ ଜନସାଧାରଣର ଅଧିକାର ହରଣ ଏହି ଦୁଇଟିର ମିଳନରୁ ହୋଇଥାଏ।

ରାଜନୀତି ହେଉଛି ସେବାର ନାମ। କିନ୍ତୁ ଆଜି ଏହା ବ୍ୟବସାୟର ରୂପ ନେଇଛି। ନିର୍ବାଚନ ଲଢ଼ିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ଏହି ଟଙ୍କା ଆସେ କେଉଠୁ? ଶିଳ୍ପପତିଙ୍କ ଦାନ, ଠିକାଦାରଙ୍କ ଚାନ୍ଦା ଓ ସରକାରୀ ଯୋଜନାର ଦୁର୍ନୀତି ମାଧମରେ। ଏକଥା ସ୍ପଷ୍ଟ ଯେ ଯେଉଁ ରାଜନୀତିଜ୍ଞ କ୍ଷମତାକୁ ଆସି ସେମାନେ ପ୍ରଥମେ ନିଜର ଖର୍ଚ୍ଚ ଉଠାଇବାକୁ ଚେଷ୍ଟା କରନ୍ତି। ଫଳରେ ଭ୍ରଷ୍ଟାଚାର ଏକ ଚକ୍ରବ୍ୟୂହ ସୃଷ୍ଟି କରେ। ଏକ ପାର୍ଶ୍ୱରେ ନେତା କ୍ଷମତା ଭୋଗ କରନ୍ତି, ଅନ୍ୟ ପାର୍ଶ୍ୱରେ ଜନସାଧାରଣ ଦୁଃଖ ଭୋଗ କରନ୍ତି। ଓଡ଼ିଶାର ଉଦାହରଣ ନେଲେ ମଧ ଏହା ସ୍ପଷ୍ଟ ହୁଏ। ଖଣି, ବନ୍ଦର ଓ ଶିଳ୍ପ ପ୍ରକଳ୍ପରେ ହଜାର କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଉଠିଛି। ଜନସାଧାରଣର ଜମି ହରାଇ ଶିଳ୍ପପତିଙ୍କୁ ଦିଆଯାଏ ଓ ନେତାଙ୍କ ପକେଟ ଗରମ ହୁଏ। ଏହା କେବଳ ଏକ ଦଳର ସମସ୍ୟା ନୁହେଁ। କ୍ଷମତାରେ ଥିବା ସମସ୍ତ ଦଳରେ ଏହାର ପ୍ରତିଫଳନ ଦେଖାଯାଏ।

ଭ୍ରଷ୍ଟାଚାର ରାଜନୀତିରେ ଏକ ଅନ୍ତର୍ନିହିତ ଅଙ୍ଗ ହୋଇଯାଇଛି କାରଣ ଏହା କ୍ଷମତା ଧରି ରଖିବାର ଏକ ମାଧମ। ନିର୍ବାଚନ ଆୟୋଗ ତଥ୍ୟ ଅନୁଯାୟୀ ଗତ ନିର୍ବାଚନରେ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଟଙ୍କା କେଉଁଠୁ ଆସେ? ଏହା ହେଉଛି ଭ୍ରଷ୍ଟାଚାରର ଚକ୍ର। ଏକ ଠିକାଦାର ସରକାରୀ ପ୍ରକଳ୍ପରେ ଅଧିକ ଟଙ୍କା ଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ନେତାଙ୍କୁ ଭାଗ ଦିଏ। ଫଳରେ ରାସ୍ତା ଖରାପ, ସ୍କୁଲ, ବନ୍ଧ କାମରେ ହରିଲୁଟ ଓ ହସ୍ପିଟାଲରେ ଔଷଧ ମିଳେ ନାହିଁ। ଜନସାଧାରଣ ଯେଉଁ ଯୋଜନା ପାଇଁ ଭୋଟ ଦିଏ ସେହି ଯୋଜନାର ଲାଭ ତାଙ୍କ ପାଖରେ ପହଞ୍ଚେ ନାହିଁ। ଏହା ହେଉଛି ରାଜନୀତି ଓ ଭ୍ରଷ୍ଟାଚାରର ଦୁଇ ପାର୍ଶ୍ୱ। ଏକ ପାର୍ଶ୍ୱରେ ନେତାଙ୍କ ବିଳାସିତା ଜୀବନ, ଅନ୍ୟ ପାର୍ଶ୍ୱରେ ଗରିବର କ୍ଷୁଧା।

ଏହି ସମସ୍ୟାର ମୂଳ କାରଣ ହେଉଛି ଆଇନର ଦୁର୍ବଳତା ଓ ପ୍ରଶାସନିକ ଅନିୟନ୍ତ୍ରିତତା। ଲୋକାୟୁକ୍ତ, ସିବିଆଇ ପରି ସଂସ୍ଥା ଗୁଡ଼ିକ ରାଜନୈତିକ ଚାପରେ କାର୍ଯ୍ୟ କରନ୍ତି। ଫଳରେ ବଡ଼ ବଡ଼ କେସ୍ ଚାଲୁ ରହିଥାଏ କିନ୍ତୁ ଶେଷ ହୁଏ ନାହିଁ। ଏଥି ସହିତ ଭୋଟରଙ୍କ ଅସଚେତନତା ମଧ ଏକ କାରଣ। ଯେଉଁ ନେତା ଭ୍ରଷ୍ଟ ସେହି ନେତାକୁ ପୁଣି ଭୋଟ ଦିଆଯାଏ କାରଣ ସେ ଜାତି, ଧର୍ମ ଓ ଅଞ୍ଚଳର ନାମରେ ଭୋଟ ଭିକ୍ଷା କରନ୍ତି। ଏହା ହେଉଛି ଗଣତନ୍ତ୍ରର ସବୁଠାରୁ ବଡ଼ ବ୍ୟାଧି।

ତେବେ ଏହି ଚକ୍ର ଭାଙ୍ଗିବ କିପରି? ପ୍ରଥମେ ନିର୍ବାଚନ ଖର୍ଚ୍ଚର ସୀମା ନିର୍ଦ୍ଧାରଣ ଓ ତାହାର କଠୋର କାର୍ଯ୍ୟାନ୍ୱୟନ ଆବଶ୍ୟକ। ଦ୍ୱିତୀୟତଃ ରାଜନୈତିକ ଦଳଗୁଡ଼ିକୁ ଆର୍ଥିକ ସ୍ୱଚ୍ଛତା ରକ୍ଷା କରିବାକୁ ବାଧ କରାଯିବା ଉଚିତ୍। ତୃତୀୟତଃ ଶିକ୍ଷା ଓ ସଚେତନତା ମାଧମରେ ଯୁବପିଢ଼ିକୁ ସଚେତନ କରାଯିବା ଦରକାର। ଓଡ଼ିଶାର ଯୁବକ ସମାଜ ଏହି ଦିଗରେ ଅଗ୍ରଣୀ ଭୂମିକା ନେବା ଉଚିତ୍। ଯଦି ଆମେ ଆଜି ଏହି ସମସ୍ୟାର ସମାଧାନ ନ କରିବା ତେବେ ଆଗାମୀ ପିଢ଼ି ଏହି ଭ୍ରଷ୍ଟ ରାଜନୀତିର ଶିକାର ହେବ।

ରାଜନୀତି ଓ ଭ୍ରଷ୍ଟାଚାର ପ୍ରକୃତରେ ଏକ ମୁଦ୍ରାର ଦୁଇ ପାର୍ଶ୍ୱ ହୋଇ ରହିଛି। ଏକ ପାର୍ଶ୍ୱ ଉଠାଇଲେ ଅନ୍ୟ ପାର୍ଶ୍ୱ ଆପେ ଆପେ ଆସେ। ଏହାକୁ ବଦଳାଇବା ପାଇଁ ଆମର ସମବେତ ପ୍ରୟାସ ଆବଶ୍ୟକ। ଯଦି ଗଣତନ୍ତ୍ରକୁ ବଞ୍ଚାଇବାକୁ ଚାହୁଁଛୁ ତେବେ ଏହି ଦୁଇ ପାର୍ଶ୍ୱର ମୁଦ୍ରାକୁ ଭାଙ୍ଗି ଏକ ନୂତନ ମୁଦ୍ରା ଗଢ଼ିବା ଆବଶ୍ୟକ। ସେହି ମୁଦ୍ରାର ନାମ ହେବ ସ୍ୱଚ୍ଛ ରାଜନୀତି ଓ ନିଷ୍ପାପର ସେବା। ଜନସାଧାରଣ ଏହି ପରିବର୍ତ୍ତନର ମୁଖ୍ୟ ଚାଳକ ଶକ୍ତି ହେବା ଉଚିତ୍। ନହେଲେ ଆମର ଗଣତନ୍ତ୍ର କେବଳ ଏକ ନାମମାତ୍ର ହୋଇ ରହିବ।

# ବନେଶ୍ୱର ସହରର ସ୍ଥାପନା ଦିବସ-ଆମ ଗର୍ବ, ଆମ ପରିଚୟ

ଶୁଭ୍ରଜିତ ଦାଶ



ଓଡିଶାର ହୃଦୟରେ ଅବସ୍ଥିତ ଭୁବନେଶ୍ୱର କେବଳ ଏକ ସହର ନୁହେଁ, ଏହା ଆମ ଭାବନା, ଆମ ସ୍ମୃତି ଓ ଆମ ପରିଚୟର ଅଂଶ। ପ୍ରତିବର୍ଷ ଏପ୍ରିଲ ୧୩ ତାରିଖ ଆସିଲେ, ଆମେ ସମସ୍ତେ ଏହି ସହରର ସ୍ଥାପନା ଦିବସକୁ ଗର୍ବର ସହିତ ପାଳନ କରୁଥାଉ। ଏହା କେବଳ ଗୋଟେ ତାରିଖ ନୁହେଁ, ବରଂ ଭୁବନେଶ୍ୱରର ଯାତ୍ରାର ଗୋଟେ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ।



୧୯୪୮ ମସିହାରେ ଯେତେବେଳେ ଓଡିଶାର ରାଜଧାନୀକୁ କଟକରୁ ଭୁବନେଶ୍ୱରକୁ ଆଣାଯାଇଥିଲା, ସେଥିଠାରୁ ଏହି ସହର ନୂତନ ଆକାର ନେବା ଆରମ୍ଭ କଲା। ଜର୍ମାନ ଆର୍କିଟେକ୍ଟ ଓଟିଟିଓ କୋନିଙ୍ଗସବର୍ଗର ଏହି ସହରକୁ ଏକ ସୁନିୟୋଜିତ ରୂପ ଦେଇଥିଲେ। ସେହି ଯୋଜନାର ଫଳ ଆଜି ଆମେ ଦେଖୁଛୁ-ଚଉଡ଼ା ରାସ୍ତା, ସବୁଜ ପରିବେଶ ଓ ସୁବ୍ୟବସ୍ଥିତ ଅଞ୍ଚଳ।

କିନ୍ତୁ ଭୁବନେଶ୍ୱରର ସୌନ୍ଦର୍ଯ୍ୟ କେବଳ ତାହାର ଆଧୁନିକତାରେ ନୁହେଁ, ତାହାର ଐତିହ୍ୟରେ ମଧ୍ୟ ଅଛି। ପ୍ରତ୍ୟେକ ଗଳି, ପ୍ରତ୍ୟେକ ମନ୍ଦିର ଆମକୁ ଗତ ଯୁଗର କାହାଣୀ କହେ। ଲିଙ୍ଗରାଜ ମନ୍ଦିରର ଘଣ୍ଟିର ଶବ୍ଦ, ପୁରୁଣା ସହରର ଶାନ୍ତ ପରିବେଶ ଓ ପର୍ବପର୍ବାଣୀର ରଙ୍ଗ-ଏହା ସବୁ ମିଶି ଭୁବନେଶ୍ୱରକୁ ଭାରତର ଅନ୍ୟ ବଡ଼ ବଡ଼ ସହରଠାରୁ ଅଲଗା କରେ। ଆଜିର ଭୁବନେଶ୍ୱର ଆଉ ଅଧିକ ଆଗକୁ ବଢ଼ୁଛି। ସ୍ମାର୍ଟ ସିଟି ଭାବେ ଏହା ନୂତନ ସ୍ୱପ୍ନ ଦେଖୁଛି ଓ ସାକାର ଦିଗରେ ଦୃତ ଗତିରେ ଆଗକୁ ବଢୁଛି । ନୂଆ ନୂଆ ଶିକ୍ଷାନୁଷ୍ଠାନ, ଆଇଟି କମ୍ପାନୀ ଓ ଉନ୍ନତ ସୁବିଧାମାନେ ଆମ ସହରକୁ ଯୁବମାନଙ୍କ ପାଇଁ ଆକର୍ଷଣୀୟ କରୁଛି। ଏଠାରେ ପୁରୁଣା ପରମ୍ପରା ଓ ନୂତନ ପ୍ରଯୁକ୍ତିର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳେ। ସ୍ଥାପନା ଦିବସ ଆସିଲେ ସହର ଏକ ଅଲଗା ଉତ୍ସାହରେ ଭରିଯାଏ। ଭରିଯାଏ ନୂଆ ରଙ୍ଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ସମାଜସେବା ଓ ସଚେତନତା ଅଭିଯାନ ମାଧ୍ୟମରେ ଲୋକମାନେ ନିଜ ସହର ପ୍ରତି ନିଜର ଅଗାଢ ପ୍ରେମ ଓ ସ୍ନେହ ଦେଖାନ୍ତି। ଏହା ଆମକୁ ଏକତା ଓ ଦାୟିତ୍ୱର ମୂଲ୍ୟବୋଧ ଶିଖାଏ। ସାରକଥା ଟି ହେଲା ଯେ ଭୁବନେଶ୍ୱର କେବଳ ଏକ ସହର ନୁହେଁ-ଏହା ଆମ ଜୀବନର ଅଂଶ। ଏହି ସ୍ଥାପନା ଦିବସରେ ଆମେ ସମସ୍ତେ ଏହି ସହରକୁ ଆଉ ଭଲ, ସୁନ୍ଦର ଓ ସୁସଜ୍ଜିତ କରିବା ପାଇଁ ସଂକଳ୍ପ ନେବା । କାରଣ ଭୁବନେଶ୍ୱର ହେଉଛି ଆମର ଗର୍ବ, ଆମର ଘର।

ଡକ୍ଟର ଅଫ ଫିଲୋସୋଫି ଛାତ୍ର, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଭେଷଜ ବିଜ୍ଞାନ ବିଭାଗ

# ଧର୍ମ ପରିବର୍ତ୍ତନ କରୁଥିବା ଦଳିତଙ୍କୁ ମିଳିବନି ସଂରକ୍ଷଣ



ଗୋପାଳ ମହାପାତ୍ର

ମାନ୍ୟବର ସୁପ୍ରିମ କୋର୍ଟ ଗତ ତା ୨୪.୩.୨୦୨୬ରିଖ ଦିନ ଏକ ଏମିତି ରାୟ ଶୁଣାଇଛନ୍ତି ଯାହା ସାମାଜିକ ନ୍ୟାୟ ପ୍ରସଙ୍ଗରେ ଆଲୋଚନାକୁ ପୁଣି ସରଗରମ କରି ଦେଇଛି। ମାନ୍ୟବର କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ହିନ୍ଦୁ, ଶିଖ ବା ବୌଦ୍ଧ ଧର୍ମରୁ ଅନ୍ୟ କୌଣସି ଧର୍ମ ଗ୍ରହଣା କରୁଥିବା ବ୍ୟକ୍ତି ଯଦି ଅନୁସୂଚିତ ଜାତିର ହୋଇଥାଏ ତେବେ ସେ ଅନୁସୂଚିତ ଜାତି ମାନ୍ୟତା ତୁରନ୍ତ ହରାଇବ। ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏହି ପ୍ରସଙ୍ଗକୁ ନେଇ ଦେଇଥିବା ରାୟକୁ ମାନ୍ୟବର କୋର୍ଟ କାଏମ ରଖିଛନ୍ତି। ଜଣାପଡ଼ିଛି ଯେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାର ଚିନ୍ତାଦା ଆନନ୍ଦ ନାମକ ଜନୈକ ଖ୍ରୀଷ୍ଟିଆନ ପାଦ୍ରୀ କିଛି ଲୋକଙ୍କ ବିରୁଦ୍ଧରେ ଜାତିଗତ ଗାଳି ଗୁଲଜ ଏବଂ ଆକ୍ରମଣର ଅଭିଯୋଗ କରି ଅନୁସୂଚିତ ଜାତି ଓ ଅନୁସୂଚୀତ ଜନ ଜାତି ଅତ୍ୟାଚାର ନିବାରଣ ଆଇନ୍ ଅନୁସାରେ ଏକ ମାମଲା କରିଥିଲେ। କିନ୍ତୁ ଅଭିଯୁକ୍ତ ମାନଙ୍କ ଯୁକ୍ତି ଥିଲା ଯେ ଅଭିଯୋଗକାରୀ ଦଶବର୍ଷରୁ ଅଧିକ ସମୟ ହେବ ଖ୍ରୀଷ୍ଟଧର୍ମ ଗ୍ରହଣ କରି ପାଦ୍ରୀଭାବେ କାର୍ଯ୍ୟକରୁଛନ୍ତି। ଏଣୁ ଚିନ୍ତା ଦା ଆନନ୍ଦଙ୍କ ଅଭିଯୋଗ ଅନସାରେ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଅତ୍ୟାଚାର ନିବାରଣ ଆଇନ ଲାଗୁ କରାଯିବା ଉଚିତ ନୁହେଁ। ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରିଥିଲେ କିନ୍ତୁ ପରେ ଏହି ମାମଲା ସୁପ୍ରିମ କୋର୍ଟରେ ପହଞ୍ଚିଥିଲା। ସୁପ୍ରିମ କୋର୍ଟଙ୍କ ଦୁଇଜଣିଆ ପୀଠ ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ସୁପ୍ରିମ୍‌କୋର୍ଟର ବିଚାରପତି ପ୍ରଶାନ୍ତ କୁମାର ମିଶ୍ରା ଏବଂ ବିଚାରପତି ଏନ୍‌ବି ଅଞ୍ଜାରିଆଙ୍କ ପୀଠ ମାମଲାର ଶୁଣାଣିକରି କହିଥିଲେ ଯେ ଆବେଦନକାରୀ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ଏବଂ ପାଦ୍ରୀ ଭାବରେ କାର୍ଯ୍ୟ କରୁଥିବା ବାବଦରେ ମିଳିଥିବା ପ୍ରମାଣ ସ୍ପଷ୍ଟ। ଏଣୁ ଆବେଦନ କାରୀଙ୍କୁ ମିଳିଥିବା ଅନୁସୂଚୀତ ଜାତିର (ସଂରକ୍ଷଣ) ମାନ୍ୟତା ଆଉ ନାହିଁ।

ମାନ୍ୟବର ସୁପ୍ରିମ କୋର୍ଟ ଏ ଯେଉଁ ରାୟ ଦେଇଛନ୍ତି ଏହା କୌଣସି ନୂଆ ଆଇନ୍ ନୁହେଁ ବରଂ ୧୯୫୦ର ସମ୍ବିଧାନ (ଅନୁସୂଚୀତ ଜାତି) ଆଦେଶର ଧାରା ୩ର ପୁନଃପାଠ ବୋଲି କୁହାଯାଇପାରେ। ସମ୍ବିଧାନ ଆଦେଶର ଧାରା ୩ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ଅନୁସୂଚୀତ ଜାତିର ମାନ୍ୟତା କେବଳ ସେଇ ଲୋକଙ୍କୁ ମିଳିଥାଏ ଯିଏ ହିନ୍ଦୁ, ବୌଦ୍ଧ ଶିଖ ଧର୍ମକୁ ମାନିଥାନ୍ତି। ଏହି ୩ଟି ଧର୍ମର ଲୋକେ ଯଦି ନିଜ ଧର୍ମକୁ ଛାଡି ଅନ୍ୟ ଧର୍ମଗ୍ରହଣ କରନ୍ତି ତେବେ ଜନ୍ମ ବେଳରୁ ମିଳିଥିବା ମାନ୍ୟତା ସ୍ୱତଃ ରଦ୍ଦ ହୋଇଯାଏ। ମାନ୍ୟବର ସୁପ୍ରିମ୍ କୋର୍ଟ କହିଥିଲେ ଯେ ଏହି ପ୍ରତିବନ୍ଧ ପୂର୍ଣ୍ଣ ଅଟେ ଏଥିରେ କୌଣସି ରିହାତି ଦିଆଯାଇ ପାରିବ ନାହିଁ। ବ୍ୟକ୍ତିର ଜନ୍ମ କୌଣସି ବି ଦଳିତ ପରିବାରରେ ହେଉନା କାହିଁକି ଯଦି ସେହି ବ୍ୟକ୍ତି ଖ୍ରୀଷ୍ଟଧର୍ମ ବା ଇସଲାମ ଧର୍ମ ଗ୍ରହଣ କରେ ତେବେ ତାକୁ ଅନୁସୂଚୀତ ଜାତିର ମାନ୍ୟତର ମିଳିବ ନାହିଁ। ଖ୍ରୀଷ୍ଟ ଧର୍ମରେ ଜାତିର ବ୍ୟବସ୍ଥାକୁ ଗ୍ରହଣ କରାଯାଏ ନାହିଁ ଏଣୁ ଚିନ୍ତାଦା ଆନନ୍ଦଙ୍କ ମାମଲାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଜାତିଗତ ଅତ୍ୟାଚାର ଆଇନ୍ ଲାଗୁ କରାଯାଇପାରିବ ନାହିଁ। ଚିନ୍ତାଦା ଆନନ୍ଦ ଘର ଘର ଘରବୁଲି ରବିବାର ଦିନ ପ୍ରାର୍ଥନା କରାଉଥିଲେ, ପାଦ୍ରୀ ଭାବରେ କାମ କରୁଥିଲେ। ମାନ୍ୟବର କୋର୍ଟ ଏ ବାବଦରେ ପ୍ରମାଣ ପାଇବା ପରେ କହିଥିଲେ ଯେ ଚିନ୍ତାଦା ଆନନ୍ଦ ଖ୍ରୀଷ୍ଟଧର୍ମର ହୋଇଥିବାରୁ ସେ ଆଉ ଅନୁସୂଚୀତ ଜାତିର ନୁହଁନ୍ତି।

ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଏହି ରାୟର ଗଭୀରତାକୁ ବୁଝିବାପାଇଁ ଆମକୁ ସମ୍ବିଧାନର ମୂଳ ଭାବନାକୁ ମନେ ପକାଇବାକୁ ପଡ଼ିବ। ସମ୍ବିଧାନ ସଭା ଅନୁସୂଚୀତ ଜାତିଙ୍କୁ ବିଶେଷ ମାନ୍ୟତା ଦେବାର କାରଣ ଥିଲା ଯେ ହିନ୍ଦୁ ସମାଜରେ ବହୁ ବର୍ଷ ହେବ ଛୁଆଁ ଅଛୁଆଁ ଏବଂ ଅସ୍ପୃଷ୍ୟତା ଭଳି ଘଟଣା ଥିଲା। ଏମାନଙ୍କୁ ଏହି ଭେଦଭାବରୁ ମୁକ୍ତି କରିବା ପାଇଁ ବିଶେଷ ମାନ୍ୟତା (ସଂରକ୍ଷଣ) ପ୍ରଦାନ କରାଯାଇ ଥିଲା। ୧୯୫୦ର ସମ୍ବିଧାନର ଆଦେଶରେ ହିନ୍ଦୁ ଦଳିତ ମାନଙ୍କ ପାଇଁ ଏହି ମାନ୍ୟତା ଥିଲା ପରେ ୧୯୫୬ରେ ବୌଦ୍ଧଙ୍କୁ ଏବଂ ୧୯୯୦ରେ ଶିଖ ମାନଙ୍କୁ ଏଥିରେ ସାମିଲ କରାଗଲା। କାରଣ ଏସବୁ ଧର୍ମରେ



ଜାତିଗତ ସଂରଚନା ରହିଛି। କିନ୍ତୁ ଖ୍ରୀଷ୍ଟଧର୍ମ ଏବଂ ଇସଲାମ ଧର୍ମ ଜାତିବିହୀନ ବୋଲି କୁହାଯାଉଛି। ଏଣୁ ସଂରକ୍ଷଣ, ସଂରକାରୀ ନିଯୁକ୍ତ, ଶିକ୍ଷା ବ୍ୟବସ୍ଥାରେ ସୁବିଧା, ଛାତ୍ରବୃତ୍ତି ଏପରିକି ଆଇନଗତ ସୁରକ୍ଷା ଭଳି ଲାଭ କେବଳ ହିନ୍ଦୁ, ବୌଦ୍ଧ ଏବଂ ଶିଖ ଧର୍ମାବଲମ୍ବୀ ଦଳିତ ମାନଙ୍କୁ ମିଳିବ ଅନ୍ୟ ଧର୍ମର ଲୋକଙ୍କୁ ନୁହେଁ ବୋଲି ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଦୁଇ ଜଣିଆ ପୀଠ ସ୍ପଷ୍ଟ ଭାବରେ କହିଛନ୍ତି।

ମାନ୍ରବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ କ'ଣ ଧର୍ମନ୍ତରଣ ବନ୍ଦ ହେବ? ସମ୍ବିଧାନର ଅନୁଛେଦ ୨୫ ଅନୁସାରେ ଯେକୌଣସି ଭାରତୀୟ ଚାହିଁଲେ ଅନ୍ୟ ଧର୍ମ ଗ୍ରହଣ କରିପାରିବ। କେହି ବ୍ୟକ୍ତି ତାର ଆସ୍ଥା ବଦଳାଇ ପାରିବ, ପ୍ରଚାର କରି ପାରିବ। କିନ୍ତୁ ଏହି ଅଧିକାର କ'ଣ ସଂରକ୍ଷଣ ଭଳି ଲାଭ ପାଇଁ ବି ଲାଗୁହୋଇପାରିବ? ଏ ପ୍ରଶ୍ନର ଉତ୍ତର ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁସାରେ ହେଉଛି ନା। ସଂରକ୍ଷଣର ଲାଭ ଅନୁସୂଚୀତ ଜାତି ଓ ଜନ ଜାତି ପାଇବେ ଯେଉଁମାନେ ହିନ୍ଦୁ, ବୌଦ୍ଧ ଓ ଶିଖ ଧର୍ମକୁ ମାନୁଥିବେ। କେହି ଦଳତି ଓ ଖ୍ରୀଷ୍ଟିଆନ ହେବା ପରେ ଯଦି ଅନୁସୂଚିତ ଜାତିର ସାର୍ଟିଫିକେଟ ଦେଖାଇ ସଂରକ୍ଷଣର ଲାଭ ପାଉଥାନ୍ତି ତେବେ ସେମାନେ ହିନ୍ଦୁ ଦଳିତଙ୍କ ହକ୍ ଛଡାଇନେଉଛନ୍ତି ବୋଲି କୁହାଯିବ। ସଂରକ୍ଷଣ ସୀମିତ ଏବଂ ସଂଶୋଧନ ମଧ୍ୟ ସୀମିତ। ନୂଆ ଲୋକଙ୍କୁ ଯେତିଲେ ମିଳିବା ଉଚିତ୍ ନା ଉଚିତ୍ ନୁହେଁ? ୨୦୦୭ରେ ରଙ୍ଗନାଥ ମିଶ୍ର କମିଶନ ଶୁପାରିଶ କରିଥିଲେ ଯେ ସବୁ ଧର୍ମର ଦଳିତଙ୍କୁ ସଂରକ୍ଷଣ ମିଳିବା ଉଚିତ୍ କାରଣ ପଛୁଆପଣ ଧର୍ମ ପରିବର୍ତ୍ତନ କଲେ କଟିଯାଏ ନାହିଁ। କିନ୍ତୁ କେନ୍ଦ୍ର ସରକାର ଏହି ଶୁପାରିଶକୁ ଆଗ୍ରହ୍ୟ କରିଛନ୍ତି। ଏବେ ସୁପ୍ରିମ୍‌କୋର୍ଟର ପୁର୍ବତନ ପ୍ରଧାନ ବିଚାରପତି କେଜି ବାଳକୃଷ୍ଣନଙ୍କ ଅଧ୍ୟକ୍ଷତାରେ ଗଠିତ ନୂଆ କମିଶନ ଏ ପ୍ରସଙ୍ଗରେ ବିଚାର କରୁଛି। ସୁପ୍ରିମକୋର୍ଟରେ ଏହିଭଳି ଅନେକ ମାମଲା ମଧ୍ୟ ବିଚାରାଧିନ ରହିଛି। କିନ୍ତୁ ଗତ ତା ୨୪.୩.୨୦୨୬ରିଖରେ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା ରାୟ ଏବେ ଏ ପ୍ରସଙ୍ଗକୁ ନେଇ ବିମର୍ଷ ତୀବ୍ର କରି ଦେଇଛି। ମାନ୍ରବର କୋର୍ଟ କହିଛନ୍ତି ଯେ ୧୯୫୦ର ସମ୍ବିଧାନର ଆଦେଶ ଏବେ ବି କାଏମ ରହିଛି। ସଂସଦ ଚାହିଁଲେ ଏଥିରେ ପରିବର୍ତ୍ତନ କରିପାରିବ। କୋର୍ଟଙ୍କ ମତରେ ସଂରକ୍ଷଣର ଉଦେଶ୍ୟ ହେଉଛି ସାମାଜିକ ସମାନତା ଆଣିବା, ଧର୍ମ ପରିବର୍ତ୍ତନକୁ ଅଗ୍ରାଧିକାର ଦେବା ନୁହେଁ। ଯଦି ଧର୍ମ ପରିବର୍ତ୍ତନ କଲେ ଲାଭ ମିଳୁଛି ତେବେ ମୂଳ ଉଦେଶ୍ୟ ଆଉ ରହିବ କେମିତି?

ପ୍ରକୃତ ଲାଭାର୍ଥୀ ବଞ୍ଚିତ ହେବେ। କୋର୍ଟଙ୍କ ରାୟର ପ୍ରଭାବ ରାଜନୀତି ଉପରେ ମଧ୍ୟ ପଡ଼ିବ। ସଂରକ୍ଷିତ ଆସନର ପ୍ରାର୍ଥୀଙ୍କ ଚରିତ୍ର ବଦଳିଯିବ।

କୋର୍ଟଙ୍କ ରାୟପରେ ଧର୍ମ ପରିବର୍ତ୍ତନ କରି ସଂରକ୍ଷଣର ଲାଭ ପାଉଥିବା ଲୋକଙ୍କ ପାଇଁ ସଂରକ୍ଷଣ ପାଇବାର ରାସ୍ତା ବନ୍ଦ ହୋଇଯିବ। କିନ୍ତୁ ଏ ପ୍ରସଙ୍ଗ ଏତେ ସହଜ ବା ସରଳ ନୁହେଁ। ଦୀର୍ଘଦିନ ହେବ ବିମର୍ଷ ଚାଲିଛି ଯେ ହିନ୍ଦୁ, ବୌଦ୍ଧ ଓ ଶିଖ ଧର୍ମର ଅନୁସୂଚୀତ ଜାତିର ଯେଉଁ ଲୋକମାନେ ଖ୍ରୀଷ୍ଟଧର୍ମ ଇସଲାମ ଦର୍ମ ଗ୍ରହଣ କରୁଛନ୍ତି ସେମାନଙ୍କୁ ଅନୁସୂଚୀତ ଜାତିର ମାନ୍ୟତା

ରାମଚନ୍ଦ୍ର ପୁର, ରଣପୁର

ମୋବାଇଲ୍:୯୪୩୮୪୫୦୯୪

# ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଆଶୀର୍ବାଦର ମହତ୍ତ୍ୱ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସର୍ବଦା ଡାହାଣ ହାତରେ କାହିଁକି ଆଶୀର୍ବାଦ ଦିଆଯାଏ ? କାରଣ ସୂର୍ଯ୍ୟ ଏବଂ ଶରୀରର ଶକ୍ତି ସହିତ ଜଡିତ। ଭାରତୀୟ ପରମ୍ପରାରେ, ଡାହାଣ ହାତରେ ଆଶୀର୍ବାଦ ଦେବାର ଅଭ୍ୟାସ ଜ୍ୟୋତିଷ, ଯୋଗ ଏବଂ ମନସ୍ତତ୍ତ୍ୱ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ। ଏହା ପିଢ଼ି ପିଢ଼ି ଧରି ସମାଜରେ ଏକ ପ୍ରାକୃତିକ ଅଭ୍ୟାସ ହୋଇଆସିଛି, ଯାହା ସକାରାତ୍ମକ ଶକ୍ତି, ଆତ୍ମବିଶ୍ୱାସ ଏବଂ ସମ୍ମାନର ପ୍ରତୀକ। ଯେତେବେଳେ ଜଣେ ବୟସ୍କ ବ୍ୟକ୍ତି ଆମ ମୁଣ୍ଡରେ ହାତ ରଖି କୁହନ୍ତି "ଖୁସି ରୁହନ୍ତୁ" କିମ୍ବା "ସର୍ବଦା ସଫଳ ହୁଅନ୍ତୁ", ସେତେବେଳେ ଆମେ ସେହି ମୁହୂର୍ତ୍ତରେ ଏକ ଅଦ୍ଭୁତ ଉଷ୍ମତା ଅନୁଭବ କରୁ। ଏହା କେବଳ ଶବ୍ଦର ପ୍ରଭାବ ନୁହେଁ, ବରଂ ସ୍ପର୍ଶର ଶକ୍ତି ଯାହା ଆମେ ପିଲାଦିନରୁ ଅନୁଭବ କରିଆସୁଛୁ। ଆଶ୍ଚର୍ଯ୍ୟର କଥା, ଆଶୀର୍ବାଦ କରିବାର ସମାନ ପଦ୍ଧତି ପ୍ରାୟ ପ୍ରତ୍ୟେକ ସଂସ୍କୃତି ଏବଂ ପ୍ରତ୍ୟେକ ଘରେ ଦେଖାଯାଏ - ଡାହାଣ ହାତରେ। ଆପଣ କେବେ ଭାବିଛନ୍ତି କାହିଁକି ? ଏହା କେବଳ ଏକ ପରମ୍ପରା, ନା ଏହା ପଛରେ ଏକ ଗଭୀର ଅର୍ଥ ଏବଂ ଯୁକ୍ତି ଅଛି ? ପ୍ରକୃତରେ, ଭାରତୀୟ ବିଶ୍ୱାସରେ, ଡାହାଣ ହାତରେ ଆଶୀର୍ବାଦ କରିବାର ପରମ୍ପରାକୁ ଜ୍ୟୋତିଷ, ଯୋଗ ଏବଂ ବ୍ୟବହାରିକ ବିଜ୍ଞାନ ସହିତ ଜଡିତ ବୋଲି କୁହାଯାଏ। ଏହି କାରଣରୁ ଏହି ଅଭ୍ୟାସ ପିଢ଼ି ପରେ ପିଢ଼ି ଚାଲିଆସିଛି ଏବଂ ଆଜି ମଧ୍ୟ ପ୍ରାକୃତିକ ମନେହୁଏ।

ଭାରତୀୟ ଜ୍ୟୋତିଷରେ, ଶରୀର ମଧ୍ୟ ଗ୍ରହ ସହିତ ଜଡିତ। ଏହା ବିଶ୍ୱାସ କରାଯାଏ ଯେ ଶରୀରର ଡାହାଣ ପାର୍ଶ୍ୱ ସୂର୍ଯ୍ୟ ଦ୍ୱାରା ପ୍ରଭାବିତ। ସୂର୍ଯ୍ୟଙ୍କୁ ଶକ୍ତି, ଆତ୍ମବିଶ୍ୱାସ ଏବଂ ଜୀବନଶକ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ। ତେଣୁ, ଡାହାଣ ପାର୍ଶ୍ୱ କାର୍ଯ୍ୟକଳାପ, ନେତୃତ୍ୱ ଏବଂ ସକାରାତ୍ମକ ପ୍ରଭାବ ସହିତ ଜଡିତ। ଯେତେବେଳେ ଜଣେ ବ୍ୟକ୍ତି ଡାହାଣ ହାତରେ ଆଶୀର୍ବାଦ କରନ୍ତି,



ସେତେବେଳେ ଏହା ବିଶ୍ୱାସ କରାଯାଏ ଯେ ସେମାନେ ତାଙ୍କ ସୌରଶକ୍ତି ତାଙ୍କ ସାମ୍ନାରେ ଥିବା ବ୍ୟକ୍ତିଙ୍କୁ ପଠାନ୍ତି। ଏହି କାରଣରୁ ଆଶୀର୍ବାଦର ସ୍ପର୍ଶ କେବଳ ଏକ ଔପଚାରିକତା ନୁହେଁ, ବରଂ ଶୁଭ ଶକ୍ତିର ପ୍ରସାରଣ ଭାବରେ ବିବେଚନା କରାଯାଏ। ଭାରତୀୟ ସଂସ୍କୃତିରେ, ଶୁଭ କାର୍ଯ୍ୟ ପାଇଁ ଡାହାଣ ହାତକୁ ଶୁଭ ବୋଲି ବିବେଚନା କରାଯାଏ। ପୂଜା, ହବନ, ପ୍ରସାଦ ଅର୍ପଣ ଏବଂ ଦାନ - ଏହି ସମସ୍ତ କାର୍ଯ୍ୟକଳାପରେ ଡାହାଣ ହାତ ସାମିଲ ଅଛି। ଏହା ପଛରେ ଏକ ସାଂସ୍କୃତିକ ମନସ୍ତତ୍ତ୍ୱ ଅଛି। ଡାହାଣ ହାତକୁ ସକ୍ରିୟ ଏବଂ ଦାନ ବୋଲି ବିବେଚନା କରାଯାଏ, ଯେତେବେଳେ ବାମ ହାତ ଗ୍ରହଣ କିମ୍ବା ବ୍ୟକ୍ତିଗତ କାର୍ଯ୍ୟ ସହିତ ଜଡିତ। ଧୀର ଗତିରେ, ଏହି ଅଭ୍ୟାସ ଏକ ସାମାଜିକ ସଙ୍କେତ ହୋଇଗଲା। ଏହା ସମ୍ମାନ ଦେଖାଇବା, ହାତ ମିଳାଇବା କିମ୍ବା କିଛି ହସ୍ତାନ୍ତର କରିବା ହେଉ - ଡାହାଣ ହାତ ବ୍ୟବହାର କରିବା ଶିଷ୍ଟାଚାରର ଅଂଶ ହୋଇଗଲା। ଆଶୀର୍ବାଦ ମଧ୍ୟ ଏହି ବର୍ଗରେ ପଡ଼ିଲା। ଏହା ପରମ୍ପରାରେ ସମାନତା ବଜାୟ ରଖିଲା ଏବଂ ସମାଜରେ ସମ୍ମାନ ପ୍ରକାଶ କରିବାର ଏକ ସ୍ଥିର ଉପାୟ ହୋଇଗଲା। ଯୋଗ ଏବଂ ଆଧ୍ୟାତ୍ମିକତା ଶରୀରର ତିନୋଟି ମୁଖ୍ୟ ନାଡ଼ି - ଇଡା, ପିଙ୍ଗଳା ଏବଂ ସୁଷୁମ୍ନାକୁ ବର୍ଣ୍ଣନା କରେ। ଏଥିମଧ୍ୟରୁ, ପିଙ୍ଗଳା ନାଡ଼ିକୁ ଡାହାଣ ପାର୍ଶ୍ୱ ସହିତ ଜଡିତ ବୋଲି ବିବେଚନା କରାଯାଏ। ଏହାକୁ ଶକ୍ତି, ଉଷ୍ମତା ଏବଂ କାର୍ଯ୍ୟକଳାପର ନାଡ଼ି ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଡାହାଣ ହାତ ଅଧିକ ସକ୍ରିୟ ଜୀବନ ଶକ୍ତି ସହିତ ଜଡିତ। ଯଦି କାହାର ମୁଣ୍ଡକୁ ଡାହାଣ ହାତରେ ଆଶୀର୍ବାଦ କରାଯାଏ, ତେବେ ଏହାକୁ ଶକ୍ତି ସଂଚାରର ଏକ ପ୍ରକ୍ରିୟା ଭାବରେ ଦେଖାଯାଏ। ଏହି କାରଣରୁ ଆଶୀର୍ବାଦର ସ୍ପର୍ଶ ଲୋକଙ୍କୁ ମାନସିକ ଭାବରେ ଆଶ୍ୱସ୍ତ ଏବଂ ଭାବପ୍ରବଣ ଭାବରେ ସୁରକ୍ଷିତ ଅନୁଭବ କରାଏ।

ଆଧୁନିକ ବିଜ୍ଞାନ ଏହି ପରମ୍ପରାକୁ ଭିନ୍ନ ଭାବରେ ବ୍ୟାଖ୍ୟା କରେ। ଶରୀରର ଡାହାଣ ପାର୍ଶ୍ୱ ମସ୍ତିଷ୍କର ବାମ ପାର୍ଶ୍ୱ ଦ୍ୱାରା ନିୟନ୍ତ୍ରିତ ହୁଏ, ଏବଂ ବାମ ପାର୍ଶ୍ୱ ତର୍କ, ଭାଷା ଏବଂ ନିଷ୍ପତ୍ତି ଗ୍ରହଣ ସହିତ ଜଡିତ ବୋଲି ବିଶ୍ୱାସ କରାଯାଏ। ଅଧିକାଂଶ ଲୋକ ଡାହାଣ ହାତିଆ, ତେଣୁ ଏହି ହାତ ଅଧିକ ନିୟନ୍ତ୍ରିତ ଏବଂ ସଠିକ୍। ମନୋବିଜ୍ଞାନ ପରାମର୍ଶ ଦିଏ ଯେ ଯେତେବେଳେ ଜଣେ ବ୍ୟକ୍ତି ନିଜ ପ୍ରଭାବଶାଳୀ ହାତ ସହିତ ସ୍ପର୍ଶ କରନ୍ତି, ସେମାନେ ସ୍ୱାଭାବିକ ଭାବରେ ଆତ୍ମବିଶ୍ୱାସ ଏବଂ ନିୟନ୍ତ୍ରଣର ଭାବନା ଅନୁଭବ କରନ୍ତି। ଏହି ସଙ୍କେତ ଅନ୍ୟ ବ୍ୟକ୍ତିଙ୍କୁ ସୁରକ୍ଷା ଏବଂ ବିଶ୍ୱାସର ଭାବନା ପ୍ରଦାନ କରେ। ଏହି କାରଣରୁ ଡାହାଣ ହାତରେ ଦିଆଯାଇଥିବା ଆଶୀର୍ବାଦ ଅଧିକ ଶକ୍ତିଶାଳୀ ଅନୁଭବ ହୁଏ। ଆପଣ ହୁଏତ ଲକ୍ଷ୍ୟ କରିଥିବେ ଯେ ଘରେ ପିଲାମାନେ ମଧ୍ୟ ବଡ଼ମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିବା ସମୟରେ ଅଚେତନ ଭାବରେ ଡାହାଣକୁ ମୁଣ୍ଡ ନୁଆଁଇଥାନ୍ତି, ଯାହା ସଠିକ୍ ହାତ ସ୍ଥାପନ ସୁନିଶ୍ଚିତ କରିଥାଏ। ଏହି ଅଭ୍ୟାସ ବିବାହ, ପର୍ବ ଏବଂ ଧାର୍ମିକ ସମାରୋହ ସମୟରେ ମଧ୍ୟ ଅନୁସରଣ କରାଯାଏ। ଆପଣ ହୁଏତ ଲକ୍ଷ୍ୟ କରିଥିବେ ଯେ ଏହା କେବଳ ଏକ ଧାର୍ମିକ ନିୟମ ନୁହେଁ, ବରଂ ଏକ ସାମାଜିକ ଅଭ୍ୟାସ ହୋଇଗଲାଣି। ଯେତେବେଳେ ଆମେ ପିଲାଦିନରୁ ସମାନ ପଦ୍ଧତି ପାଳନ କରୁ, ଏହା ସ୍ୱାଭାବିକ ମନେହୁଏ। ଧୀରେ ଧୀରେ, ଏହି ପରମ୍ପରା ଆମର ପରିଚୟର ଏକ ଅଂଶ ହୋଇଯାଏ। ଡାହାଣ ହାତରେ ଆଶୀର୍ବାଦ କରିବାର ପରମ୍ପରା କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ। ଏହା ଜ୍ୟୋତିଷ ଶାସ୍ତ୍ରର ପ୍ରତୀକ, ଯୋଗର ଶକ୍ତି ଧାରଣା ଏବଂ ବିଜ୍ଞାନର ବ୍ୟବହାରିକ ତର୍କକୁ ମିଶ୍ରଣ କରିଥାଏ। ଏହି କାରଣରୁ ଏହି ଅଭ୍ୟାସ ଆଜି ମଧ୍ୟ ସେହିପରି ପ୍ରାଣବନ୍ତ ରହିଛି। ଯେତେବେଳେ ଜଣେ ବୃଦ୍ଧ ତାଙ୍କର ଡାହାଣ ହାତ ମୁଣ୍ଡ ଉପରେ ରଖନ୍ତି, ସେ କେବଳ ଏକ ପୂଜାର୍ଚ୍ଚନା କରନ୍ତି ନାହିଁ - ସେ ପିଢ଼ି ପରେ ପିଢ଼ି ଧରି ଆସୁଥିବା ବିଶ୍ୱାସର ଏକ ପରମ୍ପରାକୁ ଆଗକୁ ବଢ଼ାନ୍ତି।

ଅରଙ୍ଗାବାଦ, ବରୀ, ଯାଜପୁର

ମୋବାଇଲ୍: ୯୯୩୮୯୦୬୦୭୦

# ଆର୍ଥିକ ସଂକଟ ଭିତରକୁ ଠେଲି ହୋଇଯିବ ବିଶ୍ୱ



## ଚିନ୍ତାରେ ବିଶ୍ୱ କୂଟନୀତିଜ୍ଞ

## ହର୍ମୁଜ ସାଜିବ ତୃତୀୟ ବିଶ୍ୱଯୁଦ୍ଧର କାରଣ

ନୂଆଦିଲ୍ଲୀ, ୧୩।୪: ପାକିସ୍ତାନ ମଧ୍ୟସ୍ଥତାରେ ପାକ୍ ରାଜଧାନୀ ଇସଲାମାବାଦଠାରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହୋଇଯିବା ପରେ କେବଳ ଉପସାଗରୀୟ ଅଞ୍ଚଳରେ ନୁହେଁ, ସମଗ୍ର ବିଶ୍ୱରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକଶ ପାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଶେଷ ଲାଗି ଶାନ୍ତି ଆଲୋଚନାକୁ ନିର୍ଣ୍ଣାୟକ ମାଧ୍ୟମ ବୋଲି ଧରି ନେଇଥିବା ବିଶ୍ୱର କୂଟନୀତିଜ୍ଞ ଏହାଦ୍ୱାରା ବିଶ୍ୱ ଘୋର ଅର୍ଥନୈତିକ ସଂକଟ ଭିତରକୁ ଠେଲି ହେଇଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ଯେଉଁଭଳି ଭାବରେ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବଢୁଛି, ଆଉ ଯେଉଁଭଳି ଭାବରେ ଦୁଇ ଦେଶ ପରସ୍ପର ଜିଦରେ ଅଡ଼ି ରହିଛନ୍ତି, ଏହା ଦ୍ୱାରା ଆଗାମୀ ଦିନରେ ପାରସ୍ୟ ଉପସାଗର ଭୟଙ୍କର ଯୁଦ୍ଧକୁ ଦେଖିବ। ଆଉ ଏହି ଯୁଦ୍ଧ ହିଁ ସମଗ୍ର ବିଶ୍ୱର ଅର୍ଥନୀତିକୁ ଧ୍ୱଂସ କରିଦେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଇସଲାମାବାଦଠାରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହୋଇଯିବା ପରେ ପୁଣିଥରେ ପଶ୍ଚିମ ଏସିଆରେ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। ଶାନ୍ତି ଆଲୋଚନା ପରେ ମିଳିଥିବା ବିଫଳତାର କାରଣରୁ ଯେତିକି ଜଣା ପଡ଼ିଛି, ସେଥିରୁ କୂଟନୀତିଜ୍ଞମାନେ ଅନୁମାନ କରୁଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ହିଁ ଏଥର ହୁଏତ ତୃତୀୟ ବିଶ୍ୱଯୁଦ୍ଧର କାରଣ ପାଲଟିବ। ଶାନ୍ତି ଆଲୋଚନା ପାଇଁ ଆମେରିକା ଯେଉଁ ସବୁ ପ୍ରସ୍ତାବ ଦେଇଥିଲା ସେଥିରୁ ହର୍ମୁଜ ଉପରୁ ଇରାନ ସାର୍ବଭୌମତ୍ୱ ଉଠାଇନେବା ଥିଲା ଅନ୍ୟତମ। ପୁଣି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେମିତି ବି ହେଉ ହର୍ମୁଜ ପ୍ରଣାଳୀରୁ ଇରାନର ଅଧିକାର ହଟାଇବା ମୁଡରେ ଅଛନ୍ତି। ହର୍ମୁଜ ପ୍ରଣାଳୀରେ ତେଲ ରୋକିବାକୁ ତଥା ଜାହାଜ ଚଳାଚଳ ଉପରେ ରୋକ୍ ଲଗାଇବାକୁ ଟ୍ରମ୍ପ୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହାଦ୍ୱାରା ଇରାନର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିବ। ସେଥିଲାଗି, ହର୍ମୁଜ ପ୍ରଣାଳୀରେ ଥିବା ୪ଟି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଚେକ୍ ପଏଣ୍ଟ କରି ଟ୍ରମ୍ପ୍ ପ୍ରଶାସନ ଇରାନକୁ ଅଣନିଃଶ୍ୱାସୀ କରିବାକୁ ଲକ୍ଷ୍ୟ ରଖିଛି। ଟ୍ରମ୍ପ ପ୍ରଶାସନ ଖାର୍ଗ ଦ୍ୱୀପରୁ ତେଲ ରପ୍ତାନି ଏବଂ ବନ୍ଦର ଅବ୍ବାସରୁ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଯୋଜନା କରୁଛି। ସୂଚନାଯୋଗ୍ୟ, ଇରାନ ଅର୍ଥନୀତି ଏକ ବଡ଼ ଭାଗ ହର୍ମୁଜ ଉପରେ ନିର୍ଭରଶୀଳ। ଏହାର ପ୍ରାୟ ୯୦ ପ୍ରତିଶତ ତେଲ ରପ୍ତାନି ଖାର୍ଗ ଦ୍ୱୀପ ଦେଇ ହୋଇଥାଏ। ଏବେ ଖାର୍ଗଦ୍ୱୀପକୁ ଆମେରିକାର ଟାର୍ଗେଟ କରିଛି। ଯଦି ଆମେରିକା ଏହି ଅଞ୍ଚଳଗୁଡ଼ିକରେ ନାକାବନ୍ଦୀ ଲଗାଇଦିଏ, ତା'ହେଲେ ଇରାନର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ।

ତେବେ ଏହାକୁ ନେଇ ଇରାନ ପକ୍ଷରୁ ମଧ୍ୟ କଡ଼ା ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଇରାନର ଶକ୍ତିଶାଳୀ ସେନା 'ଇସଲାମିକ ରିଭଲ୍ୟୁସନାରୀ ଗାର୍ଡ କର୍ପସ' ପକ୍ଷରୁ ଆମେରିକାକୁ ଚେତାବନୀ ଦିଆଯାଇ କୁହାଯାଇଛି ଯେ, ଏହି ଅଞ୍ଚଳରେ ଶତ୍ରୁପକ୍ଷର କୌଣସି ବି ଗୋଟିଏ ଭୁଲ୍ ପଦକ୍ଷେପ ତା' ଲାଗି ଘାତକ ସାବ୍ୟସ୍ତ ହେବ। ଇରାନ ନୌସେନା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଡ୍ରୋନ୍ ଫୁଟେଜ୍ ଜାରି କରି ନିଜର ଶକ୍ତି ପ୍ରଦର୍ଶନ କରିଛି । ଇରାନର 'ଇସଲାମିକ୍ ରିଭଲ୍ୟୁସନାରୀ ଗାର୍ଡ କର୍ପସ' ଦାବି କରିଛି ଯେ, ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ପ୍ରତ୍ୟେକ ଜାହାଜ ଏବଂ ପ୍ରତିଟି ଗତିବିଧି ଉପରେ ଇରାନ ସଶସ୍ତ୍ର ବାହିନୀ କଡ଼ା ନଜର ରଖିଛି। ଆମେରିକାର ଦୁଇଟି ଯୁଦ୍ଧ ଜାହାଜ ଇତିମଧ୍ୟରେ ହର୍ମୁଜ ରେଞ୍ଜକୁ ଆସି ଯାଇଥିବାରୁ ସେ ଦୁଇଟିକୁ ତୁରନ୍ତ ପଛକୁ ହଟାଇନେବା ଲାଗି ଇରାନ ସତର୍କ କରାଇଦେଇଛି। କୌଣସି ବି ବିଦେଶୀ ଯୁଦ୍ଧ ଜାହାଜ ଏହି ସୀମା ମଧ୍ୟକୁ ପ୍ରବେଶକଲେ ତାହାକୁ ଇରାନ୍ ସିଜଫାୟାର ବା ଅସ୍ତ୍ରବିରତିର ଉଲ୍ଲଂଘନ ବୋଲି ଧରିନେବ।

ଯୁଦ୍ଧ ବିରତି ସତ୍ତ୍ୱେ ଆମେରିକା ଓ ଇରାନ୍ ମଧ୍ୟରେ ଭିତିରି ଉତ୍ତେଜନା କୁହୁଳୁଥିବା ବେଳେ ଇସଲାମାବାଦରେ ଆୟୋଜିତ ଶାନ୍ତି ଆଲୋଚନା ବିନା ନିଷ୍କର୍ଷରେ ବିଫଳ ହୋଇଯିବା କେବଳ ଉପସାଗରୀୟ ଅଞ୍ଚଳରେ ନୁହେଁ, ସମଗ୍ର ବିଶ୍ୱର ମୁଣ୍ଡବ୍ୟଥା ବଢ଼େଇଦେଇଛି। ହର୍ମୁଜ ପ୍ରଣାଳୀ ହେଉଛି ବିଶ୍ୱର ସବୁଠାରୁ ବଡ଼ ତୈଳ ପରିବହନ ମାର୍ଗ। ଶାନ୍ତି ଅଲୋଚନା ବିଫଳ ହେବା ପରେ ଯଦି ଯୁଦ୍ଧ ପରିସ୍ଥିତି ସୃଷ୍ଟିହୁଏ ତା'ହେଲେ ପ୍ରଥମ ଟାର୍ଗେଟରେ ରହିବ ହର୍ମୁଜ ପ୍ରଣାଳୀ। ଆଉ ଏହାଦ୍ୱାରା ସାରା ବିଶ୍ୱରେ ପେଟ୍ରୋଲ-ଡିଜେଲ ଦର ଆକାଶଛୁଆଁ ହେବା ସହ ବିଶ୍ୱ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବ।




## ତୈଳ ରିଫାଇନାରି ଛାନିଆ

## ଯେଉଁଠୁ ମିଳୁଛି କିଣୁଛନ୍ତି ତେଲ

ନୂଆଦିଲ୍ଲୀ, ୧୩।୦୪: ଇରାନ ଆମେରିକା ଯୁଦ୍ଧ ଯୋଗୁ ସାରା ବିଶ୍ୱର ତୈଳ ଯୋଗାଣ ସଙ୍କଟରେ ପଡ଼ିଛି। ବିଶ୍ୱର ତେଲ ଯୋଗାଣ କ୍ଷେତ୍ରରେ ପ୍ରମୁଖ ଜଳପଥ ଷ୍ଟ୍ରେଟ ଅଫ୍ ହର୍ମୁଜ ଉପରେ କଟକଣା ଲଗାଇବା ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏହି ରାସ୍ତା ଦେଇ ବିଶ୍ୱ ବଜାରର ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ତେଲ ଏବଂ ଗ୍ୟାସ ଯୋଗାଣ ହୋଇଥାଏ। ଆମେରିକା ଯୁଦ୍ଧ ବିରତି ଘୋଷଣା କରିବା ପରେ ଏହି ରାସ୍ତା ଖୋଲିବ ବୋଲି ସାରା ବିଶ୍ୱ ଆଶା ପ୍ରକଟ କରିଥିଲା। ମାତ୍ର ପାକିସ୍ତାନରେ ଯୁଦ୍ଧ ବିରତି ନେଇ ଆଲୋଚନା ସଫଳ ନ ହେବାରୁ ଏବେ ତେଲ ସଙ୍କଟ ଟଳିବନି ବୋଲି ସ୍ପଷ୍ଟ ହୋଇଯାଇଛି। ଏଭଳି ସ୍ଥିତିରେ ତୈଳ ବିଶୋଧନ କମ୍ପାନି ଗୁଡ଼ିକ ଯେଉଁଠାରୁ ବି ଅଶୋଧିତ ତେଲ ପାଉଛନ୍ତି ଛାନିଆ ହୋଇ କିଣି ନେଉଛନ୍ତି।

ଉତ୍ତର କୋରିଆରେ ଗତ ସପ୍ତାହରେ ତେଲ କ୍ରେତାମାନେ ୪୦ ବିଡ୍ ଦାଖଲ କରିଛନ୍ତି। ସେଥି ମଧ୍ୟରୁ ୪ଟି ଅଫର ଗ୍ରହଣଯୋଗ୍ୟ ହୋଇଛି। ବ୍ୟାରେଲ ପିଛା ୧୪୦ ଡଲାରରୁ ଉର୍ଦ୍ଧ୍ୱ ମୂଲ୍ୟରେ ଏହି ତେଲ ଡେଲିଭରି ହେଉଛି। ଯେଉଁ ସ୍ଥାନରେ ଅଶୋଧିତ ତେଲ ମିଳୁଛି ତାହାକୁ ପ୍ରିମିୟମ ମୂଲ୍ୟରେ କିଣାଯାଉଛି। ଫଳରେ ଅଶୋଧିତ ତେଲ ବ୍ୟବସାୟରେ ଏକ ପ୍ରକାର ଅପ୍ରତ୍ୟାଶିତ ସ୍ଥିତି ଦେଖାଯାଇଛି। ମଧ୍ୟପ୍ରାଚ୍ୟ ବଜାରରେ ସ୍ଥିତି ସ୍ୱାଭାବିକ ହେଉ ନ ଥିବା ଯୋଗୁ ସାରା ବିଶ୍ୱର ତେଲ ବଜାରରେ ଏଭଳି ଆଶଙ୍କିତ ବାତାବରଣ ସୃଷ୍ଟି ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ଏସୀୟ ବଜାର ଉପରେ ଅଶୋଧିତ ତେଲ ପାଇଁ ନିର୍ଭରଶୀଳ ୟୁରୋପୀୟ ବିଶୋଧନାଗାର ଗୁଡ଼ିକ ସେମାନଙ୍କ ଉତ୍ପାଦନକୁ କମାଇ ଦେଲେଣି। କାରଣ ସେମାନେ ପର୍ଯ୍ୟାପ୍ତ ସଂଖ୍ୟକ ଅଶୋଧିତ ତେଲ ପାଇବାରେ ସମସ୍ୟା ହେଉଛି। ସେମାନେ ଉତ୍ପାଦନ କମାଇଲେ ହୁଏତ ବଜାରରେ ଅଶୋଧିତ ତେଲ ମୂଲ୍ୟରେ ସନ୍ତୁଳନ ଉପୁଜିପାରେ। ଅନ୍ୟପଟେ ପେଟ୍ରୋଲ ଡିଜେଲ ଭଳି ଉତ୍ପାଦ ବଜାରରେ ଅଭାବ ଦେଖାଯିବ। ସ୍ପାର୍ଟା କମୋଡିଟିଜର ରିସର୍ଚ୍ଚ ମୁଖ୍ୟ ନିଲ୍ କ୍ରସବି କହିଛନ୍ତି, ଅଶୋଧିତ ତୈଳ ପର୍ଯ୍ୟାପ୍ତ ଭାବେ ମିଳୁନାହିଁ। ବ୍ରେଣ୍ଟ ଅଶୋଧିତ ତେଲ ଦର ଉପର ମୁହାଁ ହୋଇଛି। ଫଳରେ ୟୁରୋପୀୟ ରିଫାଇନରମାନେ ସେମାନଙ୍କ ଉତ୍ପାଦନ କ୍ଷମତା କମାଇବେ। ଫ୍ୟୁଚର ମାର୍କେଟ ତୁଳନାରେ ତେଲର ଫିଜିକାଲ ମାର୍କେଟରେ ବଡ ପାର୍ଥକ୍ୟ ଦେଖାଯାଇଛି। ଜୁନ ମାସ ପାଇଁ ତେଲ ଡେଲିଭରି ଗତ ସପ୍ତାହରେ ୧୩% ହ୍ରାସ ହୋଇଛି। ଏହି ଅବଧିରେ ବ୍ୟାରେଲ ପିଛା ୯୫ ଡଲାର ଦେଇ ତେଲ କିଣିଥିଲେ କ୍ରେତା। ହୋର୍ମୁଜ ପ୍ରଣାଳିରେ ଟ୍ରାଫିକ ସ୍ୱାଭାବିକ ନ ହେବା ଯୋଗୁ ଗଲ୍ଫ ତେଲ ବିଶୋଧନାଗାରରେ ପହଞ୍ଚିବା ଲାଗି ଅନେକ ଦିନ ଲାଗିବ। ଯୁଦ୍ଧ ଆଗରୁ ହୋର୍ମୁଜ ପାର କରିଥିବା ଜାହାଜ ଗୁଡ଼ିକ ଏବେ ବିଶୋଧନାଗାରରେ ଲାଗୁଛି। ଏବେ ଏସିଆର ବିଶୋଧନାଗାର ଗୁଡ଼ିକ ଶକ୍ତି ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ରହୁଥିବା ଦେଖାଯାଇଛି। କୌଣସି ବି ପରିସ୍ଥିତିରେ ସୁରକ୍ଷିତ ଭାବେ ତେଲ ଆସି ପହଞ୍ଚୁ ବୋଲି ସେମାନେ ବିଚାର କରୁଛନ୍ତି। ଯୁଦ୍ଧ ବିରତି ଘୋଷଣା ପରେ ବ୍ରେଣ୍ଟ ବ୍ୟାରେଲ ୧୪୪ ଡଲାର ଛୁଇଁଥିଲା। ଯାହା ୨୦୦୮ର ରେକର୍ଡକୁ ଭାଙ୍ଗିଥିଲା। ତେବେ ଶୁକ୍ରବାର ଏହା ୧୨୬ ଡଲାର ସ୍ତରରେ ବିକ୍ରି ହେଉଥିଲା। ଏହା ସତ୍ତ୍ୱେ ମଧ୍ୟ ଜୁନ ଡେଲିଭରି ତୁଳନାରେ ଅଶୋଧିତ ତେଲ ୩୦ ଡଲାର ଉଚ୍ଚରେ ବିକ୍ରି ହେଉଛି। ନାଇଜେରିଆରେ କମ୍ପାନି ଗୁଡ଼ିକ ୨୫ ଡଲାର ଅଧିକ ଦେୟ ଦେଇ ତେଲ କିଣୁଛନ୍ତି। ଜାପାନର ବିଶୋଧନାଗାର ଗୁଡ଼ିକ ଆମେରିକା ତେଲକୁ ପ୍ରିମିୟମରେ କିଣୁଛନ୍ତି। ଚୀନ କାନାଡା ଏବଂ ଭାରତୀୟ ବିଶୋଧନାଗାର ଗୁଡ଼ିକ ଭେନେଜୁଏଲା ତେଲ କିଣିଛନ୍ତି।

## ଶାନ୍ତି ଆଲୋଚନାକୁ ବିଗାଡ଼ିଦେଲେ ନେତାନ୍ୟାହୁ



ନୂଆଦିଲ୍ଲୀ,୧୩।୪: ଆମେରିକା ଓ ଇରାନ ମଧ୍ୟରେ ଶନିବାର ଇସଲାମାବାଦରେ ଆୟୋଜିତ ହୋଇଥିବା ଶାନ୍ତି ଅଲୋଚନା ବିଫଳ ହେବା ପଛରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ହାତ ରହିଛି। ଏଭଳି ଦାବି କରିଛନ୍ତି ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି। ଆରାଘଚି ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି ଯେ, ଶାନ୍ତି କଥାବାର୍ତ୍ତା ଉଚିତ ମାର୍ଗରେ ଗତି କରୁଥିଲା। ଆଲୋଚନା ମଝିରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କର ଏକ ଫୋନ୍ କଲ ଜେ.ଡି. ଭାନ୍ସଙ୍କୁ ଆସିଥିଲା। ଏହାପରେ କଥାବାର୍ତ୍ତା ଭିନ୍ନମୋଡ଼ ନେଇଥିଲା ଆଉ ଶେଷରେ ଆଲୋଚନା ଭାଙ୍ଗି ଯାଇଥିଲା। ଆରାଘଚି କହିଛନ୍ତି, ପାକିସ୍ତାନରେ ହୋଇଥିବା ଆଲୋଚନାରେ ଇରାନ ସଦ୍‌ଭାବନାର ସହିତ ଅଂଶଗ୍ରହଣ କରିଥିଲା। ସେ ଏହା ମଧ୍ୟ କହିଛନ୍ତି ଯେ ପାକିସ୍ତାନ ଛାଡିବା ପୂର୍ବରୁ ଭାନ୍ସଙ୍କ ସାମ୍ବାଦିକ ସମ୍ମିଳନୀର କୌଣସି ଆବଶ୍ୟକତା ନଥିଲା। ସୂଚନାଯୋଗ୍ୟ, ୱାଶିଂଟନ୍ ପକ୍ଷରୁ ଆଲୋଚନା ମଝିରେ ନେତାନ୍ୟାହୁଙ୍କ ଫୋନ୍ କଲ ବିଷୟରେ କୌଣସି ବିବୃତ୍ତି ଦିଆଯାଇନାହିଁ। ୱାଶିଂଟନ ତାହାକୁ ନିଶ୍ଚିତ କରିନାହିଁ କିମ୍ବା ଅସ୍ୱୀକାର ବି କରିନାହିଁ। ଆରାଘଚି କହିଛନ୍ତି, ପ୍ରସ୍ତାବିତ ଇସଲାମାବାଦ ଚୁକ୍ତିନାମା (ଏମ୍‌ଓୟୁ) ପ୍ରାୟ ପ୍ରସ୍ତୁତ ହୋଇ ସାରିଥିଲା ଏବଂ ଉଭୟ ପକ୍ଷ ଏକ ଚୂଡ଼ାନ୍ତ ଚୁକ୍ତିନାମାର ନିକଟତର ହୋଇସାରିଥିଲେ। କେବଳ ନେତାନ୍ୟାହୁଙ୍କ ଫୋନ୍ ପାଇଁ ୨୧ ଘଣ୍ଟାର ଗୁରୁତ୍ୱପୂର୍ଣ୍ଣ ଆଲୋଚନା କୌଣସି ଚୁକ୍ତିନାମା ବିନା ଶେଷ ହୋଇଥିଲା। ତେହେରାନ ଏହା ମଧ୍ୟ ସୂଚାଇ ଦେଇଛନ୍ତି ଯେ ଯଦି ଆଲୋଚନାର ସର୍ତ୍ତାବଳୀ ନିରନ୍ତର ପରିବର୍ତ୍ତନ କରାଯାଇ ନଥାନ୍ତା ତେବେ ଏକ ଚୁକ୍ତିନାମା ସମ୍ଭବ ହୋଇପାରିଥାନ୍ତା।




## ଚେନ୍ ରିଆକ୍ସନ୍ ଭଳି ବଢ଼ିବ ତୈଳ ଦର

### ଗାଣିତିକ ସୂତ୍ରରେ ଚେତାବନୀ ଦେଲେ ଇରାନ ସଂସଦର ବାଚସ୍ପତି

ତେହେରାନ,୧୩/୪: ପ୍ରତିଦିନ ଆମେରିକା ଏବଂ ଇରାନ ମଧ୍ୟରେ ବିବାଦ ଏକ ନୂତନ ମୋଡ଼ ନେଉଛି। ଇରାନକୁ ବିଶ୍ୱ ମାନଚିତ୍ରରୁ ହଟାଇଦେବା ଲାଗି ଟ୍ରମ୍ପ ବାରମ୍ବାର ଚେତାବନୀ ଦେଉଥିବା ବେଳେ ଇରାନ ଆମେରିକୁ ପରିହାସ କରିବାକୁ ପଛାଉନାହିଁ। ଇରାନ ପକ୍ଷରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧମକକୁ ପରିହାସ କରି ସୋସିଆଲ ମିଡ଼ିଆରେ ଏକ ଗାଣିତିକ ସୂତ୍ର ସେୟାର କରାଯାଇଛି। ଟ୍ରମ୍ପ୍ ଧମକ ଦେଇଥିଲେ, ସେ ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ସମସ୍ତ ଜାହାଜକୁ ଅବରୋଧ କରିବେ। ଏହାର ଜବାବରେ ଇରାନ ପକ୍ଷରୁ ଗାଣିତିକ ସୂତ୍ର ଜରିଆରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକର ଗାଲିବାଫ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଟ୍ରମ୍ପଙ୍କ ଚେତାବନୀକୁ ପରିହାସ କରି ହ୍ୱାଇଟ୍ ହାଉସ୍ ନିକଟରେ ବର୍ତ୍ତମାନର ପେଟ୍ରୋଲ ମୂଲ୍ୟର ଏକ ଫଟୋ ସେୟାର କରିଛନ୍ତି ଏବଂ ଆମେରିକୀୟମାନଙ୍କୁ ଚେତାବନୀ ଦେଇଛନ୍ତି। ଯେତେବେଳେ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବ ସେତେବେଳେ ଆମେରିକୀୟମାନେ ବର୍ତ୍ତମାନର ମୂଲ୍ୟକୁ ମନେ ପକାଇବେ।

ଗାଲିବାଫ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେୟାର କରିଥିବା ଗାଣିତିକ ସମୀକରଣଟି ହେଉଛି, 'O_BSOH >; 0 ▫ f(f(O)) >; f(O)'। ଏହାକୁ ସେ ଆମେରିକାରେ ତୈଳ ମୂଲ୍ୟ ସୂଚାଇବା ପାଇଁ ବ୍ୟବହାର କରିଥିବା ଅନୁମାନ କରାଯାଉଛି। ଇରାନ ସୂଚିତ କରିଛି, ଯଦି ହର୍ମୁଜରେ ଅବରୋଧ ବୃଦ୍ଧି କରାଯାଏ, ତେବେ ତୈଳ ମୂଲ୍ୟ କେବଳ ସ୍ୱାଭାବିକ ଭାବରେ ବୃଦ୍ଧି ପାଇବ ନାହିଁ, ବରଂ ଏକ ଚେନ୍ ରିଆକ୍ସନ୍ ଭଳି ପ୍ରତିକ୍ରିୟା ପକାଇବ। ଏହା ଫଳରେ ତୈଳ ମୂଲ୍ୟ ଦ୍ରୁତ ଗତିରେ ବହୁଗୁଣିତ ହୋଇଯିବ। ପ୍ରତିଥରର ନୂଆ ମୂଲ୍ୟ ପୁରୁଣା ମୂଲ୍ୟଠାରୁ ବହୁ ବ୍ୟବଧାନ ଅଧିକ ରହିବ। ଗାଣିତିକ ସୂତ୍ର ଅନୁସାରେ, ଯଦି ହର୍ମୁଜରେ ଅବରୋଧ ବଢ଼େ ତେବେ ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ହେବ। ଫଳରେ ତୈଳ ମୂଲ୍ୟ ବୃଦ୍ଧି ପାଇବ। ଏହି ବୃଦ୍ଧି ଏକକାଳୀନ ପ୍ରଭାବ ପକାଇବ ନାହିଁ, ବରଂ ବାରମ୍ବାର ମୂଲ୍ୟ ବୃଦ୍ଧି କରିବ। ଅର୍ଥାତ୍, ପ୍ରଥମେ ତେଲର ମୂଲ୍ୟ ବୃଦ୍ଧି ପାଇବ। ଏହାପରେ ସେହି ବର୍ଦ୍ଧିତ ମୂଲ୍ୟ ଉପରେ ଚାପ ପଡ଼ିବ, ଯାହା ଫଳରେ ମୂଲ୍ୟ ଆହୁରି ବୃଦ୍ଧି ପାଇବ। ଗାଲିବାଫ ଏହି ଗାଣିତିକ ସୂତ୍ର ଜରିଆରେ ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଆମେରିକାର ଗୋଟିଏ ଭୁଲ ସେମାନଙ୍କ ପାଇଁ ଭୟଙ୍କର ସାବ୍ୟସ୍ତ ହେବ।

## ଦିଲ୍ଲୀ ବିଧାନସଭାକୁ ଧମକ

ନୂଆଦିଲ୍ଲୀ, ୧୩।୪: ସୋମବାର ଦିନ ଦିଲ୍ଲୀ ବିଧାନସଭାକୁ ପୁଣିଥରେ ଧମକପୂର୍ଣ୍ଣ ଇମେଲ ଆସିଛି। ଇମେଲରେ ବହୁ ଆପତ୍ତିଜନକ ତଥା ଉତ୍ତେଜନା ସୃଷ୍ଟିକାରୀ ବାର୍ତ୍ତା ରହିଥିବା ସୂତ୍ରରୁ ପ୍ରକାଶ କରାଯାଇଛି। ଦିଲ୍ଲୀ ବିଧାନସଭାରେ ସମ୍ଭାବ୍ୟ ବୋମା ବିପଦର ସୂଚନା ସମ୍ବଳିତ ଏକ ଇମେଲ୍ ମିଳିବା ପରେ ବିଧାନ ସଭାରେ ସୁରକ୍ଷା ସତର୍କତା ଜାରି କରାଯାଇଥିବା ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି। ଇମେଲରେ କୁହାଯାଇଥିଲା ଯେ, ସବୁ ମୁସଲମାନ କର୍ମଚାରୀଙ୍କୁ ତୁରନ୍ତ ବିଧାନସଭା ପରିସରରୁ ହଟାଇ ନିଆଯାଉ। ଏହା ସହିତ ଇମେଲରେ ଏହା ମଧ୍ୟ ଲେଖିଥିଲେ ଯେ କୌଣସି ବ୍ରାହ୍ମଣଙ୍କୁ ଡିଏମକେ୍‌ରେ ସାମିଲ କରା ନଯିବା ଉଚିତ। ଏହାପରେ ବିଧାନସଭା ଅଧିକାରୀମାନେ ତୁରନ୍ତ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସୂଚନା ଦେଇଥିଲେ। ପରେ ଦିଲ୍ଲୀ ପୋଲିସ, ବୋମା ନିଷ୍କ୍ରିୟକାରୀ ଦଳ, ସନ୍ଧାନୀ କୁକୁର ଏବଂ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନଙ୍କୁ ବିଧାନସଭା ପରିସରରେ ତୁରନ୍ତ ନିୟୋଜିତ କରାଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ ସୁରକ୍ଷା ସୁନିଶ୍ଚିତ କରିବା ଏବଂ କୌଣସି ବିସ୍ଫୋରକ ଉପକରଣକୁ ବାଦ ଦେବା ପାଇଁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସମଗ୍ର କମ୍ପ୍ଲେକ୍ସକୁ ସମ୍ପୂର୍ଣ୍ଣ ଭାବରେ ତଲାସି କରାଯାଇଥିଲା। ଅଭିଯାନ ସମୟରେ ବିଧାନସଭା କୋଠା ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଇମେଲ କୋଉଠୁ ଆସିଛି, କିଏ ପଠାଇଛି ତାହା ଜାଣିବା ଲାଗି ଅଧିକ ତଦନ୍ତ ଚାଲିଛି। ଏହା ପୂର୍ବରୁ ବି ଦିଲ୍ଲୀ ବିଧାନସଭାକୁ ଇମେଲ ଧମକ ମିଳିସାରିଛି। ୨୫ ମାର୍ଚ୍ଚରେ ବମ୍‌ରେ ଉଡାଇବା ନେଇ ଏକ ଧମକ ମିଳିଥିଲା। ଏହି ମେଲ୍‌ରେ ୧୬ ଆରଡିଏକ୍ସ ଆଇଡି ଲଗାଯାଇଥିବାର ଦାବି ହୋଇଥିଲା।

### ପଶ୍ଚିମବଙ୍ଗରେ ଅମିତ ଶାହଙ୍କ ନିର୍ବାଚନ ପ୍ରଚାର

## ବଙ୍ଗଳା ଭୋଟର ବୋମାର ଜବାବ ବାଲାଟ୍‌ରେ ଦେବେ



କୋଲକାତା,୧୩।୪ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗ ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜନୈତିକ ଆରୋପ ପ୍ରତ୍ୟାରୋପ ସେତେ ଚରମ ରୂପ ନେଉଛି। ସୋମବାର ଦିନ ମୟୂରେଶ୍ୱର (ବୀରଭୂମ)ର କୋଟାସୁରରେ ଏକ ନିର୍ବାଚନୀ ସଭାରେ ଉଦବୋଧନ ଦେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଭୋଟରମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, ସେମାନେ ତୃଣମୂଳର ଗୁଣ୍ଡାମାନଙ୍କୁ ଡରିବାର କୌଣସି କାରଣ ନାହିଁ। କାହାକୁ ନ ଡରି ସେମାନେ ଏପ୍ରିଲ ୨୩ ରେ ନିଶ୍ଚୟ ଭୋଟ ଦିଅନ୍ତୁ। ନିର୍ବାଚନ କମିଶନ ଭୋଟରଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ କେନ୍ଦ୍ରୀୟ ବାହିନୀ ନିୟୋଜିତ କରିଛନ୍ତି। ବୀରଭୂମର ମାଟିରୁ ହୁଙ୍କାର ଦେଇ ଶାହ ଘୋଷଣା କରିଛନ୍ତି, ମୁଁ ବୀରଭୂମର ଲୋକମାନଙ୍କୁ କହୁଛି, ଏପ୍ରିଲ ୨୩ରେ ମମତା ଦିଦିଙ୍କ କୌଣସି ଗୁଣ୍ଡା ଆପଣଙ୍କର କିଛି କରିପାରିବ ନାହିଁ। ଏଠାରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ନିର୍ବାଚନ କମିଶନ ୮୦୦ ରୁ ଅଧିକ କେନ୍ଦ୍ରୀୟ ବାହିନୀ ପଠାଇଛନ୍ତି। ରାଜ୍ୟବ୍ୟାପୀ ପ୍ରଚାର କରି, ଅମିତ ଶାହ ବାରମ୍ବାର ଜୋର ଦେଇଛନ୍ତି ଯେ ଏହି ନିର୍ବାଚନ ବଙ୍ଗଳାରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ ଏକ ଜନାଦେଶ। ମମତା ଦିଦି ସେମାନଙ୍କ ବହିଷ୍କାରକୁ ବାଧା ଦେଉଛନ୍ତି। ସେମାନେ ବିଏସ୍‌ଏଫ୍‌କୁ କଣ୍ଟା ତାରବାଡ଼ ସ୍ଥାପନ ପାଇଁ ଜମି ଯୋଗାଇବାକୁ ମନା କରୁଛନ୍ତି। ଆମେ ସଂକଳ୍ପ ନେଇଛୁ ଯେ, ବଙ୍ଗଳାରେ ସରକାର ଗଠନ କରିବାର ୪୫ ଦିନ ମଧ୍ୟରେ ବିଜେପି ରାଜ୍ୟର ସମଗ୍ର ସୀମାରେ କଣ୍ଟା ତାର ବାଡ଼ ସ୍ଥାପନ ପାଇଁ ଆବଶ୍ୟକୀୟ ଜମି ହସ୍ତାନ୍ତର କରିବ। ମେ ୫ ତାରିଖରେ ବଙ୍ଗଳାରେ ବିଜେପି ସରକାର ହେବ। ଏହି ଅବସରରେ ଶାହ କହିଛନ୍ତି, ବଙ୍ଗଳାର ଲୋକମାନେ ମମତା ବାନାର୍ଜୀଙ୍କୁ 'ଟାଟା-ବାଏ-ବାଏ' କହିବାକୁ ଅପେକ୍ଷା କରିଛନ୍ତି। ତୃଣମୂଳ ମୟୂରେଶ୍ୱରକୁ ଦିଦି ବୋମା ଏବଂ ବାରୁଦର ଭଣ୍ଡାରରେ ପରିଣତ କରିଛନ୍ତି। ବଙ୍ଗଳାର ଲୋକମାନେ ବୋମାର ଜବାବ ବାଲାଟରେ ଦେବେ। ସେମାନେ ବିଶ୍ୱାସ ସହିତ ଭୟର ଜବାବ ଦେବେ। ଅମିତ ଶାହ ଏକ କଡ଼ା ଚେତାବନୀ ଦେଇଛନ୍ତି: ୨୩ ଏପ୍ରିଲରେ, ତୃଣମୂଳ ଗୁଣ୍ଡାମାନଙ୍କୁ ସେମାନଙ୍କ ଘରେ ସୀମିତ ରହିବାକୁ ପଡ଼ିବ। ଶାହ ଦୃଢ଼ତାର ସହ ଘୋଷଣା କରିଛନ୍ତି ଯେ ମେ' ୪ ତାରିଖ ପରେ ରାଜ୍ୟରେ 'ଡବଲ-ଇଞ୍ଜିନ୍ ସରକାର' ପ୍ରତିଷ୍ଠା ହେବ। ଏହା ପରେ ଗୋଟି ଗୋଟି ହିସାବ ହେବ। ଯେଉଁମାନେ ଏତେ ସମୟ ଧରି ବିଜେପି କର୍ମୀମାନଙ୍କୁ ଅତ୍ୟାଚାର ଏବଂ ଆକ୍ରମଣ କରିଛନ୍ତି ସେମାନେ ଜେଲକୁ ଯିବା ନିଶ୍ଚିତ।

## କାନ୍ଦିଲେ ସଚିନ, ଭାଇରାଲ ହେଲା ଭାବବିହ୍ୱଳ ଭିଡିଓ



ମୁମ୍ବାଇ, ୧୩।୪: ମହାନଗାୟିକା ଆଶା ଭୋସଲେଙ୍କ ଦେହାନ୍ତ କୋଟିକୋଟି ଭାରତୀୟଙ୍କ ହୃଦୟକୁ ତରଳାଇ ଦେଇଛି। କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କ ଭାବବିହ୍ୱଳ ଏହାର ପ୍ରମାଣ। ଆଶା ଭୋସଲେଙ୍କ ବିୟୋଗ ଖବର ଶୁଣି ସଚିନ ନିଜକୁ ସମ୍ଭାଳି ପାରିନଥିଲେ। ମୁମ୍ବାଇସ୍ଥିତ ଆଶା ଭୋସଲେଙ୍କ ବାସଭବନରେ ଶେଷ ଶ୍ରଦ୍ଧାଞ୍ଜଳି ଦେବା ସମୟରେ ସଚିନଙ୍କ ଆଖିରୁ ଲୁହ ଝରିପଡ଼ିଥିଲା। ରବିବାର ଦିନ ୯୨ ବର୍ଷ ବୟସରେ ସ୍ୱର ସାମ୍ରାଜ୍ଞୀ ଆଶା ଭୋସଲେଙ୍କର ଦେହାନ୍ତ ଖବର ଶୁଣିବା ପରେ ସଚିନ ତେନ୍ଦୁଲକର ଏବଂ ତାଙ୍କ ପତ୍ନୀ ଅଞ୍ଜଳି ତେନ୍ଦୁଲକର ତୁରନ୍ତ ତାଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ ଆଶାଙ୍କ ପରିବାର ସଦସ୍ୟଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ ସଚିନ ଅତ୍ୟନ୍ତ ଭାବୁକ ହୋଇପଡ଼ିଥିଲେ। ସୋସିଆଲ ମିଡିଆରେ ବହୁଳ ଭାବରେ ଘୂରିବୁଲୁଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ, ସଚିନ ବାରମ୍ବାର ନିଜ ଆଖିରୁ ଲୁହ ପୋଛୁଛନ୍ତି। ଜଣେ ମହାନ ଖେଳାଳିଙ୍କର ଏହି କୋହଭରା ଆଖି ପ୍ରମାଣ କରୁଥିଲା ଯେ ଆଶା ତାଇଙ୍କ ସହ ତାଙ୍କର ସମ୍ପର୍କ କେତେ ଗଭୀର ଥିଲା ।

ସୂଚନାଯୋଗ୍ୟ, ସଚିନ ତେନ୍ଦୁଲକର ଏବଂ ଆଶା ଭୋସଲେଙ୍କ ମଧ୍ୟରେ ବହୁବର୍ଷର ଏକ ପାରିବାରିକ ସମ୍ପର୍କ ରହିଥିଲା। ସଚିନ ଅନେକ ସମୟରେ କହିଛନ୍ତି ଯେ, ସେ ଆଶା ଭୋସଲେଙ୍କ ଗୀତ ଶୁଣି ବଡ଼ ହୋଇଛନ୍ତି ଏବଂ ତାଙ୍କ ଗୀତ ତାଙ୍କୁ ପ୍ରେରଣା ଦେଇଥାଏ। ଅନ୍ୟପଟେ, ଆଶା ଭୋସଲେ ମଧ୍ୟ ସଚିନଙ୍କୁ ଜଣେ ପୁଅ ଭଳି ସ୍ନେହ କରୁଥିଲେ। ନିକଟରେ ଜାମନଗରରେ ଅନୁଷ୍ଠିତ ଅର୍ଜୁନ ତେନ୍ଦୁଲକରଙ୍କ ବିବାହ ଉତ୍ସବରେ ଆଶା ଭୋସଲେ ଯୋଗ ଦେଇଥିଲେ। ଏହା ହିଁ ସେମାନଙ୍କର ଶେଷ ସାଧାରଣ କାର୍ଯ୍ୟକ୍ରମ ଥିଲା।

ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ଆଶାଙ୍କ ବିୟୋଗରେ ନିଜର ଦୁଃଖ ପ୍ରକାଶ କରି ସଚିନ ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, "ଆମ ପାଇଁ ଆଶା ତାଇ ପରିବାର ଭଳି ଥିଲେ। ଆଜି ଆମେ ଯେଉଁ କଷ୍ଟ ଅନୁଭବ କରୁଛୁ, ତାହା ପ୍ରକାଶ କରିବାକୁ ଶବ୍ଦ ନାହିଁ। ମନେହେଉଛି ସମୟ ଯେମିତି ଅଟକି ଯାଇଛି । ତଥାପି, ନିଜର ଅମର ସଙ୍ଗୀତ ମାଧ୍ୟମରେ ସେ ସବୁଦିନ ପାଇଁ ଜୀବିତ ରହିବେ । ଆଶା ତାଇ, ଆମେ ଆପଣଙ୍କୁ ସବୁବେଳେ ମନେ ରଖିବୁ।" ସଚିନଙ୍କ ଏହି ଭାବପ୍ରବଣତା ଦର୍ଶାଉଛି ଯେ ସମ୍ପର୍କ କେବଳ ରକ୍ତର ନୁହେଁ, ବରଂ ହୃଦୟର ମଧ୍ୟ ହୋଇଥାଏ। ଭାରତ ଜଣେ କୋହିନୂରକୁ ହରାଇଥିବା ବେଳେ ସଚିନ ଜଣେ ଅଭିଭାବକଙ୍କୁ ହରାଇଛନ୍ତି।

### ଜମି ଦୁର୍ନୀତି ମାମଲାରେ ଲାଲୁଙ୍କୁ ଝଟ୍‌କା

## ଏଫ୍‌ଆଇଆର୍ ରଦ୍ଦ ଆବେଦନ ସୁପ୍ରିମକୋର୍ଟରେ ଖାରଜ



ନୂଆଦିଲ୍ଲୀ, ୧୩।୪: ଚାକିରି ପାଇଁ ଜମି ପ୍ରଦାନ ମାମଲାରେ ସିବିଆଇ ଦାଖଲ କରିଥିବା ଏଫ୍‌ଆଇଆରକୁ ରଦ୍ଦ କରିଦେବା ଲାଗି ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ସୁପ୍ରିମକୋଟରେ କରିଥିବା ଆବେଦନକୁ ଆଜି ସର୍ବୋଚ୍ଚ ନ୍ୟାୟାଳ ଖାରଜ କରିଦେଇଛନ୍ତି। ଫଳରେ ଚାକିରି ପାଇଁ ଜମି ମାମଲାରେ ଲାଲୁଙ୍କୁ ଏକ ଜବରଦସ୍ତ ଝଟ୍‌କା ଲାଗିଛି। ଟ୍ରାଏଲ୍ କୋର୍ଟ ଗୁରୁତ୍ୱ ଅନୁଯାୟୀ ମାମଲାର ଶୁଣାଣି ଜାରି ରଖିଯିବା ଆବଶ୍ୟକ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ମାମଲାରେ ତାଙ୍କ ସହ ତାଙ୍କ ପରିବାର ବିରୋଧରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ରୁଜୁ କରିଥିବା ଏଫ୍‌ଆଇଆର୍‌କୁ ରଦ୍ଦ କରିବାକୁ ଲାଲୁ ଆବେଦନ କରିଥିଲେ। ଆବେଦନ ଜରିଆରେ ଲାଲୁ ଯୁକ୍ତି ବାଢ଼ିଥିଲେ ଯେ, ଏଫ୍‌ଆଇଆର୍, ତଦନ୍ତ ପ୍ରକ୍ରିୟା ଏବଂ ମାମଲାରେ ଦାଖଲ ହୋଇଥିବା ପରବର୍ତ୍ତୀ ଚାର୍ଜସିଟ୍ ଆଇନଗତ ଭାବରେ ବିଚାରଯୋଗ୍ୟ ନୁହେଁ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦୁର୍ନୀତି ନିବାରଣ ଆଇନର ଧାରା ୧୭-ଏ ଅନୁଯାୟୀ ଆବଶ୍ୟକ ମଞ୍ଜୁରୀ ପୂର୍ବରୁ ନେଇ ନଥିଲେ। ସେ ୨୦୦୪ ରୁ ୨୦୦୯ ମଧ୍ୟରେ ରେଳମନ୍ତ୍ରୀ ଥିବାବେଳେ ମଧ୍ୟପ୍ରଦେଶର ଜବଲପୁରରେ ଭାରତୀୟ ରେଳବାଇର ପଶ୍ଚିମ କେନ୍ଦ୍ରୀୟ ଜୋନରେ ଗ୍ରୁପ୍ ଡି ପଦବୀ ପାଇଁ ପ୍ରାର୍ଥୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଜମି ନିଆଯାଇଥିବା ଅଭିଯୋଗ ହୋଇଥିଲା। ତଦନ୍ତକାରୀ ସଂସ୍ଥା ପକ୍ଷରୁ କୁହାଯାଇଥିଲା ଯେ, ଚାକିରି ବଦଳରେ ଏହି ଜମିଗୁଡ଼ିକୁ ଲାଲୁଙ୍କ ପରିବାର କିମ୍ବା ତାଙ୍କ ସହଯୋଗୀମାନଙ୍କୁ ହସ୍ତାନ୍ତର କରାଯାଇଥିଲା ଅବା ଉପହାର ଦିଆଯାଇଥିଲା। ୧୮ ମେ ୨୦୨୨ରେ ମାମଲା ଦାୟର କରାଯାଇଥିଲା, ଯେଉଁଥିରେ ଲାଲୁ ପ୍ରସାଦ ଯାଦବ, ତାଙ୍କ ପତ୍ନୀ, ଦୁଇ ଝିଅ, ଅନେକ ସରକାରୀ ଅଧିକାରୀ ଏବଂ ବ୍ୟକ୍ତିଗତ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବରେ ଦର୍ଶାଯାଇଥିଲା। ବର୍ତ୍ତମାନ, ୭୭ ବର୍ଷୀୟ ଲାଲୁ ପ୍ରସାଦ ଯାଦବ ଏବଂ ଅନ୍ୟ ଅଭିଯୁକ୍ତମାନେ ଜାମିନରେ ଅଛନ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ, ଏବେ ଏହା ସ୍ପଷ୍ଟ ହୋଇଛି, ଟ୍ରାଏଲ୍ କୋର୍ଟରେ ମାମଲାର ବିଚାର ହେବ।

ବିଚାରପତି ଏମ୍.ଏମ୍. ସୁନ୍ଦରେଶ ଏବଂ ଏନ୍. କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଶୁଣାଣି ସମୟରେ ଲାଲୁ ଯାଦବଙ୍କୁ ପ୍ରତ୍ୟେକ ଥର ନିମ୍ନ ଅଦାଲତରେ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ପଡ଼ିବ ନାହିଁ। ମାମଲାର ଗୁରୁତ୍ୱକୁ ସମ୍ପୂର୍ଣ୍ଣ ବିଚାର କରିବା ପାଇଁ ମଧ୍ୟ ଟ୍ରାଏଲ୍ କୋର୍ଟକୁ କ୍ଷମତା ଦିଆଯାଇଛି।

## ପଞ୍ଚଭୂତରେ ଲୀନ ହେଲେ ଆଶା



ମୁମ୍ବାଇ, ୧୩।୪: ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦାର ସହ ଜଣାଶୁଣା ଗାୟିକା ଆଶା ଭୋସଲେଙ୍କ ଶେଷକୃତ୍ୟ ଆଜି ମୁମ୍ବାଇର ଶିବାଜୀ ପାର୍କରେ ସମ୍ପନ୍ନ ହୋଇଛି। ପୁଅ ଆନନ୍ଦ ମୁଖାଗ୍ନି ଦେଇଥିଲେ। ଅତ୍ୟନ୍ତ ଶୋକାକୂଳ ପରିବେଶ ମଧ୍ୟରେ ଆଶାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରବିବାର ମୁମ୍ବାଇର ବ୍ରିଚକ୍ୟାଣ୍ଡି ହସ୍ପିଟାଲରେ ଆଶାଙ୍କ ପରଲୋକ ହୋଇଥିଲା। ସୋମବାର ସକାଳ ସାଢ଼େ ୧୦ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ କସା ଗ୍ରାଣ୍ଡେ ବିଲ୍ଡିଂରେରେ ମରଶରୀରକୁ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ଆଶା ଭୋସଲେଙ୍କ ଶେଷ ଦର୍ଶନ ପାଇଁ ସେଲିବ୍ରିଟିମାନେ ତାଙ୍କ ଘରେ ପହଞ୍ଚିଥିଲେ । ଆଶା ଭୋସଲେଙ୍କ ପରିବାର ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ସମସ୍ତେ ଶାନ୍ତ୍ୱନା ଦେଇଥିଲେ । ଆଶାଙ୍କ ନାତୁଣୀ ଜନାଇ ଅଧିକ ଭାବପ୍ରବଣ ହୋଇପଡ଼ିଥିଲେ । ନାତୁଣୀ ଅଭିନେତ୍ରୀ ତବୁକୁ ଧରି କାନ୍ଦିବାର ଦେଖିବାକୁ ମିଳିଥିଲେ।

ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବ

# ପୁରୁଣା ଦିନ କଥା ମନେ ପକାଇ ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ

- ବିଦ୍ୟାଳୟର ଉନ୍ନତିକରଣ ପାଇଁ ଦିଆଯିବ ୨୦ କୋଟି
- ନିର୍ମାଣ ହେବ ୫୦୦ ସିଟବିଶିଷ୍ଟ ଅଡିଟୋରିଅମ



ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ): କେବଳ ଜଣେ ପୁରାତନ ଛାତ୍ର ଭାବେ ନୁହେଁ, ବରଂ ମୁଖ୍ୟମନ୍ତ୍ରୀ ଭାବେ ଆଜି ମୁଁ ମୋ ସ୍କୁଲ ପାଇଁ ଗର୍ବିତ। ଏହା ଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ଅଭିଭାଷଣ। ଅଭିଭାଷଣ ବେଳେ କେତେବେଳେ ସେ ହୋଇପଡୁଥିଲେ ଭାବବିହ୍ୱଳ ତ କେତେବେଳେ ଖୁସିରେ ଗଦଗଦ୍ ହୋଇଯାଉଥିଲେ। ଝୁମ୍ପୁରା ମାଟି ଆଜି ମୁଖ୍ୟମନ୍ତ୍ରୀଙ୍କୁ ପାଇ ଆନନ୍ଦିତ ଥିବା ବେଳେ ଝୁମ୍ପୁରା ହାଇସ୍କୁଲ ଉଲ୍ଲସିତ ହୋଇଉଠିଥିଲା ପାଖରେ ନିଜ ପୁରାତନ ଛାତ୍ରଙ୍କୁ ପାଇ। ନିଜ ଗୁରୁମାନଙ୍କୁ ପାଖରେ ଦେଖି ମୁଖ୍ୟମନ୍ତ୍ରୀ ପାଦ ଛୁଇଁ ପ୍ରଣାମ କରିବା ସହ ସମସ୍ତ ଶିକ୍ଷକଙ୍କ ସହ ସହପାଠୀଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷକମାନେ ମଧ୍ୟ ନିଜ ଆଦରର ଛାତ୍ର ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ସ୍ନେହରେ କୋଳାଗ୍ରତ କରିଥିଲେ। ଏହି ଅବସରରେ ଶ୍ରୀ ମାଝୀ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପାଇଁ ୨୦ କୋଟି ଟଙ୍କାର ଅର୍ଥରାଶି ଘୋଷଣା କରିଛନ୍ତି। ଏହି ଅର୍ଥ ବିଦ୍ୟାଳୟର ବହୁବିଧ ଉନ୍ନତିକରଣରେ ଖର୍ଚ୍ଚ ହେବ। ୫୦୦ ସିଟ୍‌ର ଅଡିଟୋରିଅମ, ବହୁତଳ ବିଶିଷ୍ଟ ବିଲ୍ଡିଂ, ଇନ୍‌ଡୋର ଗେମ୍ ଫାସିଲିଟି, ସ୍କୁଲ ପାଚେରୀ, ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ଏହି ଅର୍ଥ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଏବଂ ଆଉ ଅଧିକ ଅର୍ଥର ଆବଶ୍ୟକତା ହେଲେ ମଧ୍ୟ ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ପ୍ରଦାନ କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଖୁବଶୀଘ୍ର କାନୁପୁର ବନ୍ଧ ଦେଇ ଝୁମ୍ପୁରାର ସମସ୍ତ ଚାଷ ଜମି ଜଳ ପାଇବେ। ରାଇକଳା ପଞ୍ଚାୟତକୁ ଲିଫ୍ଟ ଇରିଗେସନ ମାଧ୍ୟମରେ ଯିବ ପାଣି। ଲୋକେ ଇଚ୍ଛା କଲେ ଝୁମ୍ପୁରା ବହୁ ବିକଶିତ ହେବ। ଓଡ଼ିଶାର ଶ୍ରେଷ୍ଠ ବିଦ୍ୟାଳୟ ମଧ୍ୟରେ ଆମ ହାଇସ୍କୁଲ ମଧ୍ୟ ସ୍ଥାନ ପାଇବ। କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ସମସ୍ତ ଆନୁଷଙ୍ଗିକ କ୍ଷେତ୍ରରେ ଆମ ସ୍କୁଲ ହେବ ନମ୍ବର ୱାନ। ଏବେ ଓଡ଼ିଶାକୁ ଶିକ୍ଷା ସମୃଦ୍ଧ ଓ କେନ୍ଦୁଝରକୁ ସମୃଦ୍ଧ କେନ୍ଦୁଝର କରିବାର ସମୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଜନା ବୋର୍ଡର ଅଧ୍ୟକ୍ଷ ଡଃ ଫକୀର ନାଏକ, ସ୍ୱତନ୍ତ୍ର ଉନ୍ନୟନ କମିଟିର ଅଧ୍ୟକ୍ଷା ମମିତା ନାଏକ, ନିକୁ ସାହୁ, ହୀରକ ଜୟନ୍ତୀ ସମାରୋହର ଅଧ୍ୟକ୍ଷ ଦେବବ୍ରତ ବେହେରା, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ, ହୀରକ ଜୟନ୍ତୀ ସଭାପତି ଶ୍ରୀକାନ୍ତ ନାଏକ ଓ ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଚର୍ଚ୍ଚା



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ଅବସରରେ ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ୟାସକବି ଫକୀରମୋହନଙ୍କ ପୁତ୍ର ମୋହିନୀମୋହନ ସେନାପତିଙ୍କ ପ୍ରବନ୍ଧ ସଙ୍କଳନ 'ବିବିଧ ପ୍ରସଙ୍ଗ'ର ନୂତନ ସଂସ୍କରଣ, ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ମୁକ୍ତିକାମୀ ମୋହିନୀ ମୋହନ' ଓ ଫକୀରମୋହନଙ୍କ ଜାୟାଙ୍କ ଡ.ମୋନିକା ଦାସଙ୍କ ଇଂରାଜୀ ପୁସ୍ତକ 'ଇଣ୍ଡିଆନ କଲ୍ଚର ଅଫ୍ ବିଡର' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଡ. ମିହିର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ ପୁସ୍ତକର ସାହିତ୍ୟିକ ଗୁରୁତ୍ୱ, ଭାଷା, ଭାବ ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ମୋନିକା ଦାସ ସମସାମୟିକ ଯୁବପିଢ଼ି ଆମ ଐତିହ୍ୟ ଓ ପରମ୍ପରାର ସଂରକ୍ଷଣ ନିମନ୍ତେ ସଂକଳ୍ପବଦ୍ଧ ହୋଇ ଏହାର ପ୍ରସାର ଓ ପ୍ରଚାର ନିମନ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ବକ୍ତା ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ପ୍ରାବନ୍ଧିକ ମୋହିନୀମୋହନ ତାଙ୍କର ପ୍ରଖର ବୁଦ୍ଧିମତା ଓ ବୌଦ୍ଧିକ ଦମ୍ଭିକତା ଯୋଗୁଁ ବହୁ ଯୁକ୍ତିନିଷ୍ଠ ତର୍କ ସମ୍ବଳିତ ପ୍ରସଙ୍ଗଭିତ୍ତିକ ପ୍ରବନ୍ଧ ମାଧ୍ୟମରେ ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ । ପ୍ରଫେସର ମଣିନ୍ଦ୍ର କୁମାର ମେହେର ସମ୍ମାନିତ ବକ୍ତାଭାବେ ଯୋଗ ଦେଇ ପ୍ରାବନ୍ଧିକ ମୋହିନୀମୋହନଙ୍କ ରଚନାର ବିବିଧତା ସମ୍ପର୍କରେ ବ୍ୟାଖ୍ୟା କରିବା ସହ ତାଙ୍କ ପ୍ରବନ୍ଧରେ ରହିଥିବା ଦାର୍ଶନିକ ତତ୍ତ୍ୱ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । କବି ରଶ୍ମିରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ପ୍ରବନ୍ଧର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ପୁଲିସ ଏସଆଇ ପରୀକ୍ଷା ସ୍କାମ୍

## ପୁଣି ଆରମ୍ଭ ହେଲା ସିବିଆଇ ଧରପଗଡ଼

- ଅନଲାଇନ ପରୀକ୍ଷା ସେଣ୍ଟରରେ ବ୍ୟାପକ ଚଢ଼ାଉ



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା ସ୍କାମ ନେଇ ସିବିଆଇ ତଦନ୍ତ ହୋଇଛି। ନିକଟରେ ଭୁବନେଶ୍ୱରର ଦି ଟେକ୍ନୋ ସ୍କୁଲ କ୍ୟାମ୍ପସ ମଧ୍ୟରେ ଥିବା ଅନଲାଇନ ପରୀକ୍ଷା ସେଣ୍ଟରରେ ହୋଇଛି ରେଡ୍। ଆଉ ଏହା ପରେ ସାମ୍ନାକୁ ଆସିଛି ଆଉ ଜଣେ ଅଭିଯୁକ୍ତଙ୍କ ନାମ। ବାଲିଗୁଡ଼ାରେ ଶିକ୍ଷକତା କରୁଥିବା ଗୋବିନ୍ଦ ତ୍ରିପାଠୀ ଏହି ସ୍କାମରେ ସିବିଆଇ ସ୍କାନରକୁ ଆସିଛନ୍ତି। ସିବିଆଇର ଚଢ଼ାଉ ପରେ ଏବେ ପରୀକ୍ଷା ସେଣ୍ଟରରେ ହୋଇଥିବା ସମସ୍ତ ପରୀକ୍ଷାକୁ ନେଇ ଉଠିଛି ପ୍ରଶ୍ନ। ଭୁବନେଶ୍ୱରର ପାତ୍ରପଡ଼ାରେ ଥିବା ଦି ଟେକ୍ନୋ ସ୍କୁଲ କ୍ୟାମ୍ପସରେ ଥିବା ଏକ ଅନ୍‌ଲାଇନ ପରୀକ୍ଷା ସେଣ୍ଟରରେ ସିବିଆଇର ୨୦ ଜଣିଆ ଟିମ୍ ଚଢ଼ାଉ କରିବା ସହ ଜବତ କରିଛି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଚଢ଼ାଉ ବେଳେ ଜଣାପଡ଼ିଛି ବାଲିଗୁଡ଼ାରେ ଶିକ୍ଷକତା କରୁଥିବା ଗୋବିନ୍ଦ ତ୍ରିପାଠୀ ଏହି ପରୀକ୍ଷା ସେଣ୍ଟରକୁ ଚଳାଉଥିଲେ। ଅଭିଯୋଗ ହୋଇଛି ଯେ ଗୋବିନ୍ଦ ପଞ୍ଚପଟ୍ଟ ମାଲିକ ଶଙ୍କର ପ୍ରୁଷ୍ଟି ସହ ମିଶି ଏକାଧିକ ସରକାରୀ ଚାକିରି ପାଇଁ ଫିକ୍ସିଂ କରିବା ସହ କୋଟି କୋଟି ଟଙ୍କା ରୋଜଗାର କରୁଥିଲେ। ପରୀକ୍ଷା ସ୍କାମ୍ ସାମ୍ନାକୁ ଆସିବା ଦିନଠାରୁ ଗୋବିନ୍ଦ ଫେରାର ଥିବା ଜଣାପଡ଼ିଛି। ଏହାରି ଭିତରେ ସିବିଆଇ ଏକାଧିକ ପରୀକ୍ଷାର୍ଥୀଙ୍କୁ ଜେରା କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପାଇଥିବା ସୂଚନା ମିଳିଛି।

- କେନ୍ଦ୍ରୀୟ ବାହିନୀ ଗାଡ଼ିକୁ ଧକ୍କା ଦେଲା ଗାଡ଼ି

## ଯବାନଙ୍କ ସମେତ ୪ ଆହତ



କୋଲକାତା, ୧୩।୪ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ବାହିନୀର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ଜଣେ ସହାୟକ କମାଣ୍ଡାଣ୍ଟ, ଜଣେ ଡାକ୍ତର, ଜଣେ କନଷ୍ଟେବଲ ଏବଂ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସୋମବାର ଭୋର ସମୟରେ ହୁଗ୍ଲିର ଗୁଡ଼ାପ ଅଞ୍ଚଳରେ ୧୯ ନମ୍ବର ଜାତୀୟ ସଡ଼କରେ ଏହି ଘଟଣା ଘଟିଥିଲା। କେନ୍ଦ୍ରୀୟ ବାହିନୀର ଗାଡ଼ିଟି ଏକ ଲରି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ସୂତ୍ର ଅନୁଯାୟୀ, ଚାରି ଚକିଆ ଗାଡ଼ିଟି ବର୍ଦ୍ଧମାନ ଅଭିମୁଖେ ଯାଉଥିବା ବେଳେ ଗୁଡ଼ାପ ଅଞ୍ଚଳରେ ଏକ ଟ୍ରକ୍‌କୁ ଓଭରଟେକ କରିବାକୁ ଚେଷ୍ଟା କରିଥିଲା। କିଛି ସମୟ ପରେ, ପଛରେ ଆସୁଥିବା ଏକ ଚାରି ଚକିଆ ଗାଡ଼ି ନିୟନ୍ତ୍ରଣ ହରାଇ କେନ୍ଦ୍ରୀୟ ବାହିନୀର ଗାଡ଼ିରେ ଧକ୍କା ଦେଇଥିଲା। ଫଳସ୍ୱରୂପ, କେନ୍ଦ୍ରୀୟ ବାହିନୀର ଗାଡ଼ିରେ ଥିବା ଚାରି ଜଣ ଯାତ୍ରୀ ଏବଂ ପଛରେ ଥିବା ଗାଡ଼ିର ଦୁଇ ଜଣ ଯାତ୍ରୀଙ୍କ ସମେତ ମୋଟ ଛଅ ଜଣ ଆହତ ହୋଇଥିଲେ। ଘଟଣାର ଖବର ପାଇ, ଗୁଡ଼ାପ ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଧକ୍କାରେ ଗାଡ଼ିଟି ସମ୍ପୂର୍ଣ୍ଣ ଖଣ୍ଡବିଖଣ୍ଡିତ ହୋଇଯାଇଛି। କେନ୍ଦ୍ରୀୟ ବାହିନୀର କର୍ମଚାରୀମାନେ ଭଗ୍ନାବଶେଷ ଭିତରେ ଫସି ରହିଥିଲେ, ପ୍ରବୁର ଉଦ୍ଧାର କରାଯାଇଥିଲା। ଆହତ ବ୍ୟକ୍ତିମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଥିଲା, ଯେଉଁଠାରେ ସେମାନେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି।

## ଯୁବକଙ୍କ ଗୁଳିବିଦ୍ଧ ଶରୀର ଉଦ୍ଧାର, ୨ ଗିରଫ

କୋଲକାତା, ୧୩।୪(ସଂଚାର ବ୍ୟୁରୋ): ବାଗୁଇଆଟି ଘଟଣାର ଲହରୀ ଶାନ୍ତ ହେବା ପୂର୍ବରୁ ସହରର ମଧ୍ୟଭାଗରେ ଆଉ ଜଣେ ଯୁବକ ଗୁଳିବିଦ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ନରେନ୍ଦ୍ରପୁର ଥାନା ଅନ୍ତର୍ଗତ ନବଗ୍ରାମ ଅଞ୍ଚଳର ଏକ ଫ୍ଲାଟରୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିବା ଘଟଣାରେ ସ୍ଥାନୀୟ ଅଞ୍ଚଳରେ ପୁଣି ଥରେ ଆତଙ୍କ ସୃଷ୍ଟି କରିଛି। ମୃତକଙ୍କ ନାମ ଅରୂପ ମଣ୍ଡଳ (୩୭)। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ସାମ୍ନାକୁ ଆସିଥିଲା। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅରୂପ ଫ୍ଲାଟରେ ଏକା ରହୁଥିଲେ। ଘଟଣାସ୍ଥଳରୁ ଏକ ବନ୍ଧୁକ ଏବଂ ଗୁଳି ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ତାଙ୍କ ମୁଣ୍ଡରେ ଆଘାତ ଚିହ୍ନ ମଧ୍ୟ ପ୍ରକାଶ ପାଇଛି। ଯାହା ଘଟଣା ଘେରି ରହିଥିବା ସନ୍ଦେହକୁ ଆହୁରି ଘନିଷ୍ଠ କରିଛି। ପରିବାରର ଦାବି, ଅରୂପଙ୍କ ମାମୁଁ ଶଙ୍କର ନସ୍କର ରାତି ପ୍ରାୟ ୧ଟା ସମୟରେ ଜଣେ ପରିଚିତ ବ୍ୟକ୍ତିଙ୍କ ମାଧ୍ୟମରେ ଏହି ଘଟଣା ବିଷୟରେ ଖବର ପାଇଥିଲେ। ସୂଚନା ପାଇବା ପରେ ପରିବାର ସଦସ୍ୟମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ ଏବଂ ପରେ ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ରାତିରେ ଭୁଶୁଡ଼ିଲା ବ୍ରିଜ୍, ଅବରୋଧ ରଘୁନାଥପୁର-ବରାକର ରାଜ୍ୟ ସଡ଼କ



କୋଲକାତା, ୧୩।୪ (ସଂଚାର ବ୍ୟୁରୋ): ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଗଲା। ରଘୁନାଥପୁର ନିକଟରେ ବୁନ୍ଦଲା ସେତୁର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିବା ପରେ ରଘୁନାଥପୁର-ବରାକର ରାଜ୍ୟ ସଡ଼କକୁ ପ୍ରଭାବଶାଳୀ ଭାବରେ ଅବରୋଧ କରାଯାଇଛି। ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ପ୍ରଶାସନ ତତ୍ପର ହୋଇ ଉଠିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁନ୍ଦଲା ସେତୁ ରଘୁନାଥପୁର ନିକଟରେ ଅବସ୍ଥିତ। ଏହି ସେତୁଟି ବହୁତ ଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ଫଳସ୍ୱରୂପ, ଏହାର ବିପଦପୂର୍ଣ୍ଣ ଅବସ୍ଥାକୁ ଦୃଷ୍ଟିରେ ରଖି, ପବ୍ଲିକ୍ ପୂର୍ତ୍ତ ବିଭାଗ ପୂର୍ବ ସେତୁ ସହିତ ସଂଲଗ୍ନ ଏକ ନୂତନ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଏହି କାର୍ଯ୍ୟ ମଧ୍ୟରେ, ରବିବାର ଗଭୀର ରାତିରେ ସେତୁର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିଲା। ଘଟଣା ପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇଥିଲା। ଦୁର୍ଘଟଣାର ଆଶଙ୍କାକୁ ଏଡ଼ାଇବା ପାଇଁ, ସେତୁ ଦେଇ ଭାରୀ ଯାନବାହାନ ଚଳାଚଳକୁ ବିଳମ୍ବ ନକରି ବନ୍ଦ କରିଦିଆଯାଇଥିଲା। ବର୍ତ୍ତମାନ, ବସ୍, ହାଲୁକା ଯାନବାହାନ ଏବଂ ମାଲବାହୀ ଟ୍ରକ୍‌ଗୁଡ଼ିକୁ ବିକଳ୍ପ ରାସ୍ତାରେ ପଠାଯାଉଛି। ତେବେ, ସେତୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ, ସେତୁ ପାଖରେ ନିର୍ମିତ ଏକ ଅସ୍ଥାୟୀ ବାଇପାସ୍ ରାସ୍ତା ବ୍ୟବହାର କରି ସାଇକେଲ ଏବଂ ମୋଟରସାଇକେଲ ପାର ହେବାକୁ ଅନୁମତି ଦିଆଯାଇଛି।

# ଫାଟକ ଖୋଲୁନି ଛତିଶଗଡ଼, ଶୁଖିଲା ପଡ଼ିଛି ମହାନଦୀ

ଭୁବନେଶ୍ୱର,୧୩।୪: ମହାନଦୀର ଶାଖାନଦୀଗୁଡ଼ିକ ଏବେ ଶୁଖିଲା ପଡ଼ିଥିବା ବେଳେ ଛତିଶଗଡ଼ର କଲମା ଜଳଭଣ୍ଡାରରେ ଜଳଧାରଣ କ୍ଷମତାର ୬୭ ପ୍ରତିଶତରୁ ଅଧିକ ପାଣି ଜମା ହୋଇ ରହିଛି। ସେଠାରେ ଥିବା ଜଳ ନିଷ୍କାସନ ଫାଟକଗୁଡ଼ିକରୁ ଗୋଟିଏ ହେଲେ ଛତିଶଗଡ଼ ଖୋଲୁନାହିଁ।

ମହାନଦୀର ବର୍ତ୍ତମାନ ଓ ଭବିଷ୍ୟତ ସଂକ୍ରାନ୍ତରେ ଏଠାରେ ଆୟୋଜିତ ଏକ କର୍ମଶାଳାରେ ଏଭଳି ସୂଚନା ଦେଇଛନ୍ତି ଇଞ୍ଜିନିୟର ଆଶୁତୋଷ ଦାଶ। ସେ ଆଶଙ୍କାବ୍ୟକ୍ତ କରିଛନ୍ତି ଯେ ଉପରମୁଣ୍ଡରେ ବର୍ଷା ହେଲେ ଛତିଶଗଡର ଜଳଭଣ୍ଡାର ଏକକାଳୀନ ଅଧିକ ଜଳ ନିଷ୍କାସନ ଫାଟକ ଖୋଲିଲେ ଓଡ଼ିଶାରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ।

ଏଠାରେ ଉଲ୍ଲେଖନୀୟ ଯେ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନା ଆଳରେ ଛତିଶଗଡ଼ ହୀରାକୁଦର ଉପର ମୁଣ୍ଡରେ ୭୦ରୁ ଅଧିକ ବନ୍ଧ ବାନ୍ଧିଛି। ଫଳରେ ମହାନଦୀକୁ ସଂଯୋଗ କରୁଥିବା ସେଠାକାର ଅନେକ ଉପନଦୀର ଜଳପ୍ରବାହ କମୁଛି। ଜଳସେଚନ ଯୋଜନା ନାମରେ ବନ୍ଧ ବାନ୍ଧି ବାସ୍ତବରେ କିନ୍ତୁ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଜଳ ଦେବା ଲାଗି ସେଠାକାର ସରକାର ରାଜିନାମା କରିଛନ୍ତି। ତେବେ ଇତିମଧ୍ୟରେ ସେଠାରେ ବି କେତେକ କଳକାରଖାନା ବନ୍ଦ ହୋଇଯାଇଥିବା ବେଳେ ମହାନଦୀରୁ ଜଳ ଉଠାଣ କମିଯାଇଛି। ଅନ୍ୟ ପକ୍ଷରେ ସେଠାକାର କୃଷକମାନଙ୍କୁ ଚାଷ ପାଇଁ କିନ୍ତୁ ପାଣି ମିଳୁନାହିଁ।

ଦୁଇ ବର୍ଷ ତଳେ ଛତିଶଗଡ଼ର ଯେଉଁ ଜଳଭଣ୍ଡାରଗୁଡ଼ିକରେ ଅତି ବେଶୀରେ ୪୨ ପ୍ରତିଶତ ପର୍ଯ୍ୟନ୍ତ ଜଳ ଏପ୍ରିଲ ଭଳି ତିରୋଟ ମାସରେ ମହଜୁଦ ରହୁଥିଲା, ସେଠାରେ ଏବେ ୬୭ ପ୍ରତିଶତରୁ ଅଧିକ ଜଳ ମହଜୁଦ ଥିଲେ ବି ତା'ର ଠିକଣା ଉପଯୋଗ ହେଉନାହିଁ। ଅଥଚ ତଳ ମୁଣ୍ଡରେ ପାଣି ଅଭାବରୁ ମହାନଦୀ ଓ ତା'ର ଶାଖାନଦୀଗୁଡ଼ିକ ଶୁଖିଲା ପଡ଼ିଛନ୍ତି ଏବଂ ଜଳଭଣ୍ଡାରରେ ପର୍ଯ୍ୟାପ୍ତ ପାଣି ନ ଥିବାରୁ ଓଡ଼ିଶାରେ କେନାଲ ଜଳସେଚନ ବ୍ୟାହତ ହେଉଛି।

ସୁପ୍ରିମକୋର୍ଟଙ୍କ ଆଦେଶ ପରେ ୨୦୧୮ ମାର୍ଚ୍ଚ ୧୧ ତାରିଖରେ ମହାନଦୀ ଜଳବିବାଦ ସମାଧାନ ଟ୍ରିବ୍ୟୁନାଲ କେନ୍ଦ୍ର ସରକାର ଗଠନ କରିଥିଲେ। ଇତିମଧ୍ୟରେ ଏହି ଟ୍ରିବ୍ୟୁନାଲର କାର୍ଯ୍ୟକାଳ ତିନି ଥର ବଢ଼ାଗଲାଣି। ଟ୍ରିବ୍ୟୁନାଲ ଗଠନ କରାଯିବା ବେଳେ ତିନି ବର୍ଷ ଭିତରେ ଏହି ନଦୀ ବିବାଦ ସମାଧାନ କରିବାକୁ କୁହାଯାଇଥିଲା। ପରିବର୍ତ୍ତୀ ସମୟରେ ଦୁଇ ବର୍ଷ ଓ ଆଉ ଥରେ ତିନି ବର୍ଷ ଏହି ଟ୍ରିବ୍ୟୁନାଲର କାର୍ଯ୍ୟକାଳ ବଢ଼ିସାରିଛି। ଏବେ କେନ୍ଦ୍ର ସରକାର ପୁଣି ଏହାର କାର୍ଯ୍ୟକାଳ ଆଉ ୯ ମାସ ବଢ଼ାଇଛନ୍ତି।

ଆଠ ବର୍ଷ ଭିତରେ ଜଳ ବିବାଦ ସମାଧାନ ହୋଇନାହିଁ କିମ୍ବା ଓଡ଼ିଶା ସପକ୍ଷରେ ଟ୍ରିବ୍ୟୁନାଲଙ୍କଠାରୁ କୌଣସି ମଧ୍ୟବର୍ତ୍ତୀକାଳୀନ ଆଦେଶ ବି ମିଳିନାହିଁ। ଟ୍ରିବ୍ୟୁନାଲର ସଦସ୍ୟ ଓ ଅନ୍ୟ ଅଧିକାରୀମାନେ ଏକାଧିକବାର ଓଡ଼ିଶା ଗସ୍ତରେ ଆସିବା ସହ ଛତିଶଗଡ଼ରେ ନିର୍ମିତ ହୋଇଥିବା ବନ୍ଧ ମଧ୍ୟ ଦେଖିଛନ୍ତି। ଏମିତିକି ନିକଟରେ ଏହି ଟ୍ରିବ୍ୟୁନାଲର ସଦସ୍ୟ ଓ ଅଧିକାରୀମାନେ ହୀରାକୁଦ ଜଳଭଣ୍ଡାର ସମେତ ଶ୍ରୀକ୍ଷେତ୍ର ପୁରୀ ଓ ଚିଲିକା ଗସ୍ତରେ ଆସି ସ୍ଥିତି ପରଖି ଫେରିଛନ୍ତି।

ଏହି ନଦୀ ଜଳବିବାଦ ସଂକ୍ରାନ୍ତରେ ଓଡ଼ିଶା ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗତବର୍ଷ ଡିସେମ୍ବରରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିବା ବେଳେ ଛତିଶଗଡ଼ରେ କିନ୍ତୁ ଏଯାବତ୍ ଏଭଳି କୌଣସି କମିଟି ଗଠିତ ହୋଇନାହିଁ। ଟ୍ରିବ୍ୟୁନାଲରେ ଜଳବିବାଦ ପ୍ରସଙ୍ଗ ଆଠ ବର୍ଷ ଧରି ଚାଲିଥିବା ପରିପ୍ରେକ୍ଷୀରେ ଓଡ଼ିଶା ସରକାର ବି ବିପୁଳ ଅର୍ଥ ବ୍ୟୟ କଲେଣି। ଅନ୍ୟ ପକ୍ଷରେ ଛତିଶଗଡ଼ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ଓଡ଼ିଶା ପକ୍ଷରୁ ବାରମ୍ବାର ବକ୍ତବ୍ୟ ଜାରି କରାଯାଉଥିବା ବେଳେ ଛତିଶଗଡ଼ କିନ୍ତୁ ଆଲୋଚନା ପାଇଁ ଆଗେଇ ଆସୁନାହିଁ। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହିଳାଙ୍କ...

ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ ହେବ। ରାଜ୍ୟ ବିଧାନସଭାଠାରୁ ଆରମ୍ଭ କରି ଦେଶର ସଂସଦ ପର୍ଯ୍ୟନ୍ତ ଅନେକ ଦଶନ୍ଧି ଧରି ରହିଥିବା ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୨୦୨୩ରେ ନୂତନ ସଂସଦ ଭବନରେ ନାରୀ ଶକ୍ତି ବନ୍ଦନ ଆଇନ ଗୃହୀତ ହେବା ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାକୁ ସେତେବେଳେ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା। ସବୁ ଦଳ ଏହାକୁ ଯେକୌଣସି ପରିସ୍ଥିତିରେ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ସହମତ ମଧ୍ୟ ହୋଇଥିଲେ। ନାରୀ ଶକ୍ତି ବନ୍ଦନ ଆଇନକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ, ଯାହାଦ୍ୱାରା ମହିଳାମାନଙ୍କର ଅଂଶଗ୍ରହଣ ଆମର ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିପାରିବ। ଏଥିପାଇଁ ସଂସଦର ବଜେଟ ଅଧିବେଶନର ଏକ ସ୍ୱତନ୍ତ୍ର ଅଧିବେଶନ ଏପ୍ରିଲ ୧୬ରୁ ଆରମ୍ଭ ହେବ।

ସାରା ଦେଶରେ ମହିଳାମାନେ ବିଧାନସଭା ଓ ଲୋକସଭାରେ ପହଞ୍ଚିବା ପାଇଁ ଇଚ୍ଛାପ୍ରକାଶ କରୁଛନ୍ତି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ପ୍ରତିନିଧିତ୍ୱର ସୁଯୋଗ ପାଇଥିବା ମହିଳାମାନେ ଦେଶର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଆଜି ମଧ୍ୟ ଆମ ଦେଶରେ ରାଷ୍ଟ୍ରପତିଙ୍କଠାରୁ ଅର୍ଥମନ୍ତ୍ରୀ ପର୍ଯ୍ୟନ୍ତ, ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଛନ୍ତି ଏବଂ ସେମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଓ ପରମ୍ପରା ସୃଷ୍ଟି କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ମହିଳା ନେତୃତ୍ୱର ଏକ ଉତ୍କୃଷ୍ଟ ଉଦାହରଣ। ଆଜି ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାଗୁଡ଼ିକରେ ୧୪ ଲକ୍ଷରୁ ଅଧିକ ମହିଳା ସଫଳତାର ସହ କାର୍ଯ୍ୟ କରୁଛନ୍ତି। ପ୍ରାୟ ୨୧ଟି ରାଜ୍ୟରେ ପଞ୍ଚାୟତରେ ସେମାନଙ୍କର ଅଂଶଗ୍ରହଣ ପ୍ରାୟ ୫୦ ପ୍ରତିଶତରେ ପହଞ୍ଚିଛି। ରାଜନୀତି ଓ ସାମାଜିକ ଜୀବନରେ ଲକ୍ଷ ଲକ୍ଷ ମହିଳାଙ୍କ ଏହି ସକ୍ରିୟ ଅଂଶଗ୍ରହଣ ବିଶ୍ୱର ପ୍ରମୁଖ ନେତା ଓ ରାଜନୈତିକ ବିଶେଷଜ୍ଞମାନଙ୍କୁ ମଧ୍ୟ ଚକିତ କରିଛି। ଏହା ଭାରତର ଗୌରବକୁ ବୃଦ୍ଧି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଉଦବୋଧନ ଅବସରରେ ଏକ ବିଶେଷ ନିବେଦନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମହିଳାମାନଙ୍କୁ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମର ଆଲୋଚନାକୁ ବ୍ୟକ୍ତିଗତ ବୈଠକ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଦେଶର ପ୍ରତ୍ୟେକ ଗାଁକୁ ନେବା ଉଦ୍ୟମ କରାଯିବା ଆବଶ୍ୟକ। ଫଳରେ ସେମାନେ ଏହାର ଶକ୍ତିକୁ ବୁଝିପାରିବେ ଓ ସ୍ୱପ୍ନ ଦେଖିପାରିବେ। ନାରୀ ଶକ୍ତିକୁ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କୁ ସମ୍ପୂର୍ଣ୍ଣ ଅଂଶଗ୍ରହଣର ସୁଯୋଗ ଦେବା ପାଇଁ ସଂକଳ୍ପ ନେବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି।

ଏହି ଅବସରରେ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ଯେ ନାରୀ ଶକ୍ତି ବନ୍ଦନ ଅଧିନିୟମ ମହିଳା ସଶକ୍ତିକରଣ, ସ୍ୱାଭିମାନ ଓ ଗଣତାନ୍ତ୍ରିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବ। ଆଜି ଝିଅମାନେ ଦେଶର ବିକାଶ ଯାତ୍ରାରେ ଆଗରେ ରହିଛନ୍ତି। ମହିଳା ସଶକ୍ତିକରଣ ମାଧ୍ୟମରେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ପାଇଁ ପଥ ପ୍ରଶସ୍ତ ହେବ ବୋଲି ସେ କହିଛନ୍ତି। ଏହାଛଡ଼ା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ ଭାରତରେ ମହିଳାମାନେ ନିଜ ଦେଶ ମଧ୍ୟରେ ସମ୍ମାନ ଏବଂ ସମାନ ଅଧିକାର ହାସଲ କରିବା ପାଇଁ ସଂଘର୍ଷର ଏକ ଲମ୍ବା ଯାତ୍ରା ଦେଖିଛନ୍ତି। ଆଜି ଭାରତ 'ବେଟି ବଚାଓ, ବେଟି ପଢ଼ାଓ, ଓ ବେଟି ବଢ଼ାଓ' ଯୁଗରେ ପ୍ରବେଶ କରିଛି। ଆଜି କୋଟି କୋଟି ଜନଧନ ଆକାଉଣ୍ଟ ମାଧ୍ୟମରେ ମହିଳାମାନଙ୍କୁ ଦେଶର ମୁଖ୍ୟସ୍ରୋତରେ ଯୋଡ଼ାଯାଉଛି ବୋଲି ଶ୍ରୀମତୀ ଗୁପ୍ତା କହିଛନ୍ତି।

## ସୀମା...

ଭାବନାର ବିରୋଧୀ ବୋଲି ସୋନିଆ ସ୍ପଷ୍ଟ କରିଛନ୍ତି। ସୋନିଆ କହିଛନ୍ତି ଯେ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ସହ ଜଡ଼ିତ ଯେକୌଣସି ସୀମା ନିର୍ଦ୍ଧାରଣ କେବଳ ଗାଣିତିକ ଆଧାରରେ ନୁହେଁ, ରାଜନୈତିକ ସ୍ତରରେ ମଧ୍ୟ ନିରପେକ୍ଷ ହେବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ହେଉଛି ଜାତିଗତ ଜନଗଣନାକୁ ଆହୁରି ବିଳମ୍ବିତ କରିବା। ବିରୋଧୀ ଦଳଙ୍କ ଉପରେ ଚାପ ପକାଇବା ପାଇଁ ସରକାର ଏପରି ଏକ ସମୟରେ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଏଭଳି ତରବରିଆ ପଦକ୍ଷେପ ରାଜନୈତିକ ଲାଭ ପାଇବା ଓ ବିରୋଧୀ ଦଳକୁ ଅସହଜ ସ୍ଥିତିରେ ପକାଇବା ପାଇଁ ଉଦ୍ଦିଷ୍ଟ ବୋଲି ସୋନିଆ ମତ ବ୍ୟକ୍ତ କରିଛନ୍ତି।

ସୋନିଆ ଆହୁରି କହିଛନ୍ତି ଯେ ସେପ୍ଟେମ୍ବର ୨୦୨୩ରେ ସଂସଦ ସର୍ବସମ୍ମତି କ୍ରମେ ନାରୀ ଶକ୍ତି ବନ୍ଦନ ଆଇନ, ୨୦୨୩ ପାସ୍ କରିଥିଲା। ଏହା ସମ୍ବିଧାନରେ ଧାରା ୩୩୪-ଏ' ଯୋଡ଼ିଥିଲା। ଏହା ଅନ୍ତର୍ଗତ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣ ପ୍ରଦାନ କରିବାର ପ୍ରାବଧାନ ରହିଛି। କିନ୍ତୁ ପରବର୍ତ୍ତୀ ଜନଗଣନା ଓ ପରବର୍ତ୍ତୀ ସୀମା ନିର୍ଦ୍ଧାରଣ ପରେ ଏହାକୁ କାର୍ଯ୍ୟକାରୀ କରାଯିବାର ଯୋଜନା ଥିଲା। ମାତ୍ର ସରକାର ଏହାକୁ କାର୍ଯ୍ୟକାରୀ କରି ନ ଥିଲେ। ବର୍ତ୍ତମାନ ଏହି ବିଲ ଉପରେ ଆଲୋଚନା କରିବା ପଛରେ ସରକାରଙ୍କର ରହିଥିବା ଉଦ୍ଦେଶ୍ୟ ଜଳଜଳ ଦିଶୁଛି। ସେହିପରି ଆସନ୍ତା ୧୬ରୁ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ବିଷୟରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଶେୟାର କରାଯାଇନାହିଁ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛତା ଓ ରାଜନୈତିକ ରଣନୀତିର ତ୍ରୁଟିକୁ ସୂଚିତ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## ପଡ଼ିଲା...

ଭୁକ୍ତଭୋଗୀ। ତେଣୁ ଏସବୁ ଅସୁବିଧା ଦୂର କରିବା ପାଇଁ ଆମ ସରକାର ପ୍ରଥମରୁ ହିଁ ନିଷ୍ପତ୍ତି ନେଇଥିଲେ। ଆଜି ସେହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଇ ବଡ଼ବିଲ ସହର ପାଇଁ ୧୮ କିମିରୁ ଊର୍ଦ୍ଧ୍ୱ ଲମ୍ବା ବାଇପାସ୍ ତଥା ରିଂ ରୋଡ୍‌ର ଶିଳାନ୍ୟାସ ହୋଇଛି। ଭଦ୍ରା ସାହିରୁ ସେରେଣ୍ଡା ପର୍ଯ୍ୟନ୍ତ ୩.୭ କିମି, ସେରେଣ୍ଡାରୁ ବଲାଣି ପର୍ଯ୍ୟନ୍ତ ୬.୩ କିମି ଓ ସେରେଣ୍ଡାରୁ ନଲ୍‌ଦା ପର୍ଯ୍ୟନ୍ତ ୮.୩ କିମି। ଏହି ପୂରା ବାଇପାସ୍‌ଟି ସ୍ଥାନୀୟ ଲୋକଙ୍କର ଏକ ଦୀର୍ଘଦିନର ସମସ୍ୟାର ସମାଧାନ କରିବ। ଏହାର ଡିଜାଇନ୍ ଅତ୍ୟନ୍ତ ଉନ୍ନତ ମାନର ହେବ ଓ ଅଧିକ ଗାଡ଼ିର ବୋଝ ବା ଟ୍ରାଫିକ୍ ସମ୍ଭାଳିଲା ଭଳି ଦୃଢ଼ତା ଏହାର ରହିବ। ଆଧୁନିକ ଡିଜାଇନ୍ ଅନୁଯାୟୀ ଦିନକୁ ୪୦ ହଜାର ପାସେଞ୍ଜର କାର ଗଲା ପରି ସଡ଼କ ନିର୍ମାଣ ହେବ। ଏହି ରିଂ ରୋଡ୍‌ରେ ଏତିକି ଗାଡ଼ି ଚଳାଚଳ କରିପାରିବ। ଏବେ ଦିନକୁ ସର୍ବାଧିକ ୧୫ ହଜାର ୩୭୫ ପାସେଞ୍ଜର କାର୍ ଯିବାଆସିବା କରୁଛି। ଏହି ରିଂ-ରୋଡ୍ ସମ୍ପୂର୍ଣ୍ଣ ହେବା ପରେ ଏଥିରେ ୪୦ ହଜାର କାର୍ ଯିବାଆସିବା କରିପାରିବ। ଏହାଦ୍ୱାରା ବଡବିଲ୍ ସହରର କଳେବର ମଧ୍ୟ ବୃଦ୍ଧି ପାଇବ। ରିଂ-ରୋଡ୍‌ର ଉଭୟ ପାର୍ଶ୍ୱରେ ଅଧିକ ହାଉସିଂ କଲୋନୀ ଗଢ଼ିଉଠିବ ଓ ଇକୋନୋମିକ୍ ଆକ୍ଟିଭିଟି ମଧ୍ୟ ବଢ଼ିବ। ଯେଉଁ ଗାଡ଼ିଗୁଡ଼ିକ ଏହି ରୁଟ୍‌ରେ ଅପରେଟ୍ କରିବେ, ତାଙ୍କର ଅପରେଟିଂ ଖର୍ଚ୍ଚ ମଧ୍ୟ ହ୍ରାସ ହେବ। ଅଧିକନ୍ତୁ ଏହାଦ୍ୱାରା ଅର୍ଥନୀତିକୁ ମଧ୍ୟ ଏହାର ଅବଦାନ ରହିବ। ମୋଟାମୋଟି ଭାବେ ଉପରେ ଏହି ପ୍ରକଳ୍ପଟି ସ୍ଥାନୀୟ ଅଞ୍ଚଳରେ ସମୃଦ୍ଧି ଆଣିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ସେ କହିଛନ୍ତି ଯେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳ ଆବଶ୍ୟକତାଟି ହେଉଛି ଭିତ୍ତିଭୂମି। ଉନ୍ନତ ରାସ୍ତା, ଉନ୍ନତ ସେତୁ, ଉନ୍ନତ ବିଜୁଳି ବ୍ୟବସ୍ଥା ଓ ପାନୀୟ ଜଳର ସୁବିଧା। ତେଣୁ ଆମ ସରକାର ପ୍ରଥମ ଦିନରୁ ହିଁ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇଆସିଛି। କେନ୍ଦୁଝର ଜିଲ୍ଲାର ବିକାଶ ପାଇଁ ବ୍ୟକ୍ତିଗତ ଭାବେ ସରକାରୀ ସ୍ତରରେ ପ୍ରତ୍ୟେକ ବୈଠକରେ ପ୍ରତ୍ୟେକ ଆଲୋଚନାରେ ସେ ଗୁରୁତ୍ୱ ଦେଇଆସିଛନ୍ତି। ଆମ ସରକାର ଆସିବା ପରଠାରୁ ଆମେ ସମୃଦ୍ଧିର କଥା କହୁଛୁ। ସମୃଦ୍ଧ ଓଡିଶା ପାଇଁ ସଂକଳ୍ପ ରଖିଛୁ। ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଆମର ଜିଲ୍ଲାଗୁଡ଼ିକ ମଧ୍ୟ ସମୃଦ୍ଧ ହେବା ଦରକାର ଓ ଜିଲ୍ଲା ମଧ୍ୟରେ ଥିବା ପ୍ରତ୍ୟେକ ସହର, ପ୍ରତ୍ୟେକ ଗାଁ ମଧ୍ୟ ସମୃଦ୍ଧ ହେବା ଦରକାର। ଅର୍ଥନୈତିକ ଅଭିବୃଦ୍ଧି ଜରୁରୀ। କେନ୍ଦୁଝରରେ ଡାଟା ସେଣ୍ଟର, ସାନ ଘାଗରାରେ ରିଜିଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ଆପାରେଲ୍ ୟୁନିଟ୍, କେନ୍ଦୁଝର ବାଇପାସ୍, ଅନେକ ପର୍ଯ୍ୟଟନ ସ୍ଥଳୀର ବିକାଶ କାମ ଆରମ୍ଭ ହୋଇଛି। ଯୋଡ଼ା ବନବିଲ୍ ଅଞ୍ଚଳର ଭିତ୍ତିଭୂମିର ବିକାଶ କାମ ମଧ୍ୟ ଆରମ୍ଭ ହୋଇଛି। ଖଣି ଅଞ୍ଚଳକୁ ଯାଉଥିବା ସବୁ ରାସ୍ତାକୁ ୮ ଲେନ୍ ବିଶିଷ୍ଟ କରିବା ପାଇଁ ଆମେ ନିଷ୍ପତ୍ତି ନେଇଛୁ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ କେନ୍ଦୁଝରରେ ଏକ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ପ୍ରକ୍ରିୟା ଜାରି ରହିଛି। ସମସ୍ତ ପ୍ରସ୍ତୁତି ପ୍ରକ୍ରିୟା ଦ୍ରୁତ ଗତିରେ ଆଗେଇ ଚାଲିଛି। ଖୁବ୍‌ଶୀଘ୍ର ଏଥିପାଇଁ ଶିଳାନ୍ୟାସ କରାଯିବ। ଯେକୌଣସି ଶିଳ୍ପସଂସ୍ଥା କେନ୍ଦୁଝରରେ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ କଲେ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ଦେଲେ, ଉକ୍ତ ସଂସ୍ଥାକୁ ରାଜ୍ୟ ସରକାର ସମସ୍ତ ପ୍ରକାରର ପ୍ରଶାସନିକ ସୁବିଧା ଯୋଗାଇଦେବାକୁ ଘୋଷଣା କରାଯାଇଛି। ବଡ଼ବିଲ ଆଇଟିଆଇ ଆଗାମୀ ଦିନରେ ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ସରକାର ମଧ୍ୟ ତିନୋଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପାଇଁ ନିଷ୍ପତ୍ତି ନେଇଛନ୍ତି। ବ୍ରହ୍ମପୁରକୁ ଜୟପୁର ସହର ସହ ଯୋଡ଼ିବା ପାଇଁ ୨୮୭ କିମିର ଏକ୍ସପ୍ରେସ୍‌ୱେ ୯ ହଜାର କୋଟି ଟଙ୍କାରେ ନିର୍ମାଣ କରାଯିବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମଧୁବାବୁ ପେନସନ ଯୋଜନା ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରିବା ସହ ବଡ଼ବିଲ ଅଞ୍ଚଳର ହିତାଧିକାରୀଙ୍କୁ ଜମିପଟ୍ଟା ଆବଣ୍ଟନ କରିଥିଲେ। ସମାରୋହରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ସିଂହ, ଜିଲ୍ଲାପାଳ ବିଶାଳ ସିଂ ମଞ୍ଚାସୀନ ଥିଲେ।

## ସିଜିମାଳି...

ହୋଇଛି ଯେ ଯେଉଁ ନେତାମାନେ ନୂଆପଡ଼ା ଉପନିର୍ବାଚନ ସମୟରେ ବିଭିନ୍ନ ଆଳ ଦେଖାଇ ପ୍ରଚାରକୁ ଯିବା ପାଇଁ କୁଣ୍ଠକୁଣ୍ଠ ହେଉଥିଲେ, ସେମାନେ ଏବେ ସିଜିମାଳି ଯାଇ ଫଟୋ ଉଠାଇବାରେ ଲାଗିଛନ୍ତି। ନିଜକୁ ଆଦିବାସୀଙ୍କ ତ୍ରାଣକର୍ତ୍ତା ବୋଲି ଦର୍ଶାଉଛନ୍ତି।

ତେବେ ହେଉଥିବା ଆଲୋଚନା ଅନୁଯାୟୀ, ସିଜିମାଳିର ଅଶାନ୍ତି ଏବକାର ନୁହେଁ। ଏଠାରେ ବକ୍ସାଇଟ୍ ଖଣି ଖୋଲିବା ପାଇଁ ଯେବେଠାରୁ ଆନ୍ଧ୍ର ସଂସ୍ଥା ମୈତ୍ରୀ ଦାୟିତ୍ୱ ନେଇଛି, ସେବେଠାରୁ ଏଭଳି ଗଣ୍ଡଗୋଳ ଲାଗି ରହିଛି। ଖଣି ଖୋଲିବା ପାଇଁ ମୈତ୍ରୀ ଏଠାରେ ମାଇନ୍ ଡେଭଲପ୍ ଆଣ୍ଡ ଅପରେଟର (ଏମଓଡି) ସହଯୋଗୀ। ବିଜେଡି ସରକାର ସମୟରେ ବି ଏହି ଠିକା ସଂସ୍ଥା ନିଜର ମନମାନୀ ଚଳାଇଥିଲା। ଆଦିବାସୀଙ୍କ ନାଁରେ ପ୍ରଥମେ ନିଜ ଆଡୁ ମାମଲା ରୁଜୁ କରିବା, ପରବର୍ତ୍ତୀ ସମୟରେ ସେମାନଙ୍କୁ ଜାମିନରେ ଆଣିବା ଓ ଏହି ସୁଯୋଗରେ ନିଜ ସହ ରଖିବା ପାଇଁ ରୀତିମତ ଖେଳ ଚାଲିଥିଲା। ଯେଉଁ ଆଦିବାସୀମାନେ ଏଥିରେ ରାଜି ହେଉ ନ ଥିଲେ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିଲା। ବିଜେଡି ଛତ୍ରଛାୟାରେ ଥିବାରୁ ଖଣିଖୋଲା ସଂସ୍ଥା କିମ୍ବା ସ୍ଥାନୀୟ ପୁଲିସ୍ ଏଥିପ୍ରତି ଆଖି ବୁଜି ଦେଉଥିଲେ। ସେତେବେଳେ ବିଜେଡି ନେତାମାନେ ବି ମୁହଁରେ ତୁଣ୍ଡିବାନ୍ଧି ବସିଥିଲେ।

ଏବେ ସିଜିମାଳିରେ ଅଶାନ୍ତି ବ୍ୟାପିବା ନେଇ ଖବର ପାଇବା ପରେ ବିଜେଡି ନେତାମାନେ ସେଠାକୁ ଛୁଟିବାରେ ଲାଗିଛନ୍ତି। ସେହିଭଳି ବିଜେଡି ସରକାର ସମୟରେ ସିଜିମାଳିରେ ଆଦିବାସୀଙ୍କ ଉପରେ ଚାଲିଥିବା ଅତ୍ୟାଚାରକୁ ନେଇ ସେମିତି ଜୋରଦାର ପ୍ରତିବାଦ କରି ନ ଥିବା କଂଗ୍ରେସ ମଧ୍ୟ ଏବେ ବିଜେଡି ବଳରେ ସେଠାରେ ତା'ର ଉପସ୍ଥିତି ଜାହିର କରୁଛି। ଏମାନଙ୍କ ସହ ବାମପନ୍ଥୀ ନେତାମାନେ ବି ସେଠାରେ ପହଞ୍ଚିଛନ୍ତି। ତେବେ ଏତେ ନେତାଙ୍କ ସମାଗମ ସତ୍ତ୍ୱେ କ'ଣ ପାଇଁ ଆଦିବାସୀଙ୍କ ଉପରେ ପୁଲିସ୍ ଜୁଲୁମ୍ କରୁଛି, ଏହା ପଛରେ କେଉଁ କେଉଁ ଠିକାସଂସ୍ଥା ରହିଛନ୍ତି ସେ ସଂକ୍ରାନ୍ତରେ ସ୍ପଷ୍ଟ ଚିତ୍ର ଲୋକଙ୍କ ସାମ୍ନାକୁ ଆସିପାରୁନାହିଁ। ଏପରିକି ଓଡ଼ିଶାରେ ଖଣି ଖୋଲିବା ପାଇଁ ରାଜ୍ୟ ବାହାରର ଠିକାଦାରମାନଙ୍କୁ କିଏ ଆଣି ଏଠାରେ ଥଇଥାନ କରିଥିଲା, ତା'ର କାରଣ ବି କେହି ପଚାରୁନାହାନ୍ତି।

ଆଲୁମିନିୟମ ଶିଳ୍ପରେ ବ୍ୟବହାର ହେଉଥିବା ବକ୍ସାଇଟ୍ ଖଣି ଖୋଳାକୁ ନେଇ ଏହି ବିବାଦ ଉପୁଜିଥିବା ବେଳେ ଏହି ଖଣି ଖୋଳା ଦାୟିତ୍ୱ ନେଇଥିବା ସଂସ୍ଥା କାହିଁକି ଆଦିବାସୀମାନଙ୍କୁ ବୁଝାଇପାରୁନାହିଁ, ସେମାନଙ୍କ ଯୁକ୍ତିଯୁକ୍ତ ଦାବି ପୂରଣ କରିପାରୁନାହିଁ ଓ ବିଶେଷକରି ଜମି ଓ ଘର ହରାଉଥିବା ସ୍ଥାନୀୟ ଆଦିବାସୀମାନଙ୍କୁ କାହିଁକି ନିଯୁକ୍ତି ସୁଯୋଗ ଦେଉନାହିଁ, ତାହାର ରହସ୍ୟ ଉନ୍ମୋଚନ ହେଲେ କେବଳ ସିଜିମାଳି ସମସ୍ୟାର ସମାଧାନ ହେବନାହିଁ, ରାଜ୍ୟରେ ଶିଳ୍ପାୟନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

## ବବିଙ୍କ...

ନିର୍ବାଚନମଣ୍ଡଳୀକୁ ତାଙ୍କ ବାପାଙ୍କ କର୍ମକ୍ଷେତ୍ର ବୋଲି କହୁଛନ୍ତି, ସେ କେବେ ସେଠାରୁ ଲଢ଼ିବାକୁ ସାହସ କରିନଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ତାଙ୍କ ମାଆଙ୍କୁ ନବୀନ ପଟ୍ଟନାୟକ କୋରେଇରୁ ପ୍ରାର୍ଥୀ କଲେ। ବବି ଦାସ ମାଆଙ୍କ ପାଇଁ ଜୋରସୋରରେ ପ୍ରଚାର କଲେ। କିନ୍ତୁ ଲୋକେ ତାଙ୍କ ମିଛ ସ୍ୱାଭିମାନକୁ ସମର୍ଥନ କରିନଥିଲେ।

ପ୍ରଭାତ ବିଶ୍ୱାଳ ଓ ସୌଭିକ ବିଶ୍ୱାଳଙ୍କୁ ଯେଉଁ ସ୍ୱାଭିମାନ କଥା କହି ୨୦୧୯ ଓ ୨୦୨୪ରେ କଟକ-ଚୌଦ୍ୱାର ଆସନରୁ କାହିଁକି ସ୍ୱାଧୀନ ଭାବେ ଲଢ଼ିଲେ ନାହିଁ ବୋଲି ବବି ପ୍ରଶ୍ନ କରୁଛନ୍ତି, ସେ ନିଜେ ୨୦୦୯ରେ କାହିଁକି ତାଙ୍କ ବାପାଙ୍କ ସ୍ୱାଭିମାନ ରକ୍ଷା ପାଇଁ କୋରେଇରୁ ସ୍ୱାଧୀନ ପ୍ରାର୍ଥୀ ହେଲେ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରୁଛନ୍ତି। ଯେଉଁ ଦଳ ସହ ବାପା ସାଲିସ କରିନଥିଲେ, ପୁଅ କିଭଳି ସେହି ଦଳର ଆଭିମୁଖ୍ୟକୁ ନିଜ ଧମନୀରେ ପ୍ରବାହିତ ହେବାକୁ ଦେଲେ ବୋଲି ପ୍ରଶ୍ନ ଉଠୁଛି। ଆଦୌ ସକ୍ରିୟ ରାଜନୀତିରେ ନଥିବା ବବି ସୁନା ଚାମଚ ଧରି ବିଜେଡିରେ ପଶିଲେ ଆଉ ଧିରେ ଧିରେ ଦଳର ଏକ ପାୱାର ପଏଣ୍ଟ ହୋଇଥିଲେ।

ବବି ଦାସ ହେଉଛନ୍ତି ବିଶିଷ୍ଟ ଗାନ୍ଧୀବାଦୀ ନେତା ସାଧୁଚରଣ ଦାସଙ୍କ ଅଣନାତି। ସାଧୁଚରଣ ଦାସ ପ୍ରଜା ଆନ୍ଦୋଳନରେ ସାମିଲ ହୋଇଥିଲେ ଏବଂ କଂଗ୍ରେସର ଏକ ଭୁଲ ନିଷ୍ପତ୍ତିକୁ ବିରୋଧ କରି ନିଜ ସ୍ୱାଭିମାନ ରକ୍ଷା କରିବାକୁ ବିଧାନ ପରିଷଦରୁ ଇସ୍ତଫା ଦେଇଥିଲେ। ତେଣୁ ବବି ଦାସ ନିଜ ସୁନା ଚାମଚକୁ ଚମକାଇବା ପାଇଁ ତାଙ୍କ ବାପା ଓ ବଂଶର ସ୍ୱାଭିମାନ ସହ ସାଲିସ କରିଥିଲେ ବୋଲି ଚର୍ଚ୍ଚା ହେଉଛି। ତେଣୁ ସେ ଅନ୍ୟକୁ ସ୍ୱାଭିମାନର ପାଠ ପଢ଼ାଇବା ଶୋଭାପାଉନି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

## ଜିଲ୍ଲାସ୍ତରୀୟ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ



ବାରିପଦା, ୧୩।୪ (ସଂଚାର ବ୍ୟୁରୋ): ବିଧାନସଭା ଓ ଲୋକସଭାରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ 'ନାରୀ ଶକ୍ତି ବନ୍ଦନ' ଉପରେ ଉଦବୋଧନ ଦେଇଛନ୍ତି । ଶ୍ରୀ ମୋଦୀ ସଂସଦରେ ନାରୀଶକ୍ତି ବନ୍ଦନ ଅଧିନିୟମ ଆଗତ ପରେ ସମସ୍ତଙ୍କ ସହଯୋଗରେ ଏହି ବିଲ୍ ପାରିତ କରିବା ଲକ୍ଷ୍ୟ ରଖିଛନ୍ତି । ଏହି ଉଦବୋଧନ କାର୍ଯ୍ୟକ୍ରମ ଆକାଶବାଣୀ ମାଧ୍ୟମରେ ସାଧାରଣ ମହିଳା ତଥା ମାଆ ମାନଙ୍କ ନିକଟରେ ବାର୍ତ୍ତା ପହଞ୍ଚାଇବା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ 'ନାରୀ ଶକ୍ତି ବନ୍ଦନ' ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ମାଁ ଅମ୍ବିକା ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ସମାପନ ହୋଇଛି ।

ଓଡ଼ିଶା ରାଜ୍ୟ ମହିଳା କମିଶନର ଶୋଭନା ମହାନ୍ତି ଏଥିରେ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଆଇନଜୀବୀ ପାର୍ବତୀ ବାରିକ୍, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ସୋନାଲି ମହାନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ନିହାରିକା ମହାନ୍ତି, ବିଜୟଲକ୍ଷ୍ମୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ସେହିପରି ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଆସି ଯୋଗ ଦେଇଥିଲେ।

## ପାରମ୍ପରିକ ଖାଦ୍ୟ ମେଳା ଆୟୋଜିତ



ଫୁଲବାଣୀ,୧୩।୪ (ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଆଜି ଆମ ରୁଚି ଆମ ଖାଦ୍ୟ ପାରମ୍ପରିକ ଖାଦ୍ୟ ମେଳା ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଫୁଲବାଣୀ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ସଂସ୍କୃତି ଅଧିକାରୀ ଗଦାଧର ପାତ୍ର ଯୋଗଦେଇ ଖାଦ୍ୟ ମେଳକୁ ଉଦଘାଟିତ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରବୀଣ କୁମାର ବଣ୍ଡୁଆ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରି ସାହୁ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୌମ୍ୟରଞ୍ଜନ ପାତ୍ର, ଏଡିସି ନରେନ୍ଦ୍ର କୁମାର ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ଶୁଭ୍ରଜିତ ବିଶ୍ୱାଳ, ଜିଲ୍ଲା ଖାଦ୍ୟ ନିରାପତା ଅଧିକାରୀ ସବ୍ୟସାଚି ଷେଣ୍ଡ, ଓଏସିଏଓ ସ୍ୱତାଲାନା ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଖାଦ୍ୟ ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠି ଯୋଗ ଦେଇ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏହି ଖାଦ୍ୟ ମେଳାରେ କନ୍ଧମାଳ ଜିଲ୍ଲା ସ୍ଥାନୀୟ ପାରମ୍ପରିକ ଖାଦ୍ୟ ଏବଂ ସ୍ୱାସ୍ଥ୍ୟକର ମାଣ୍ଡିଆ ପ୍ରସ୍ତୁତ ସୁପ, ଚାଉମିନ, ପିଠା, କାକରା ଆଦି ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା । ଏହି ଖାଦ୍ୟ ମେଳାରେ ଭଲ ଖାଦ୍ୟ ପ୍ରସ୍ତୁତି ପାଇଁ ରାଇକିଆ ବ୍ଲକର ସତ୍ୟଯୋତି ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଥମ, ଫୁଲବାଣୀ ପୌର ପରିଷଦର ଜନନୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱିତୀୟ ଓ ବାଜଲତା ହେଲେ ସୁଜନ୍ୟା ସ୍ୱୟଂ ସହାୟିକା ଗୋଷ୍ଠୀ ତୃତୀୟ ସ୍ଥାନ ହାସଲ କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଏସ୍‌ଏଚ୍‌ଜିଙ୍କୁ ୧୫ ହଜାର, ଦ୍ୱିତୀୟ ସ୍ଥାନ ପାଇଁ ୧୦ ହଜାର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଏସ୍‌ଏଚ୍‌ଜିଙ୍କୁ ୫ ହଜାର ଟଙ୍କା ସହିତ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା ।

## ଓଡ଼ିଆ ପକ୍ଷରେ ପାରମ୍ପରିକ ଖାଦ୍ୟ ଦିବସ



ସୁନ୍ଦରଗଡ଼,୧୩।୪ (ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନରେ ୧୩ ତମ ଦିବସକୁ ପାରମ୍ପରିକ ଖାଦ୍ୟ ପାଳନ ଅଭିଯାନ - ଆମ ରୁଚି ଆମ ଖାଦ୍ୟ ଭାବେ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ଜିଲ୍ଲା ରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରାଯାଇ ଏହି ଦିବସକୁ ପାଳନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ କହିଥିଲେ ଯେ , ଆମ ପାରମ୍ପରିକ ଖାଦ୍ୟ କେବଳ ଯେ ସ୍ୱାଦ ଦୃଷ୍ଟିରୁ ଉନ୍ନତ ତାହା ନୁହେଁ ବରଂ ସ୍ୱାସ୍ଥ୍ୟ ଓ ଶରୀର ମଧ୍ୟ ଲାଭ ଦାୟକ। କାରଣ ଏହି ସବୁ ଖାଦ୍ୟ ଗୁଡ଼ିକରେ କୌଣସି ରାସାୟନିକ ଦ୍ରବ୍ୟର ବ୍ୟବହାର କରାଯାଇଥାଏ ନାହିଁ । ସେହିଭଳି ଆମ ହାଣ୍ଡିଶାଳରୁ ହଜି ଯାଉଥିବା ଏହିସବୁ ବ୍ୟଞ୍ଜନଗୁଡ଼ିକୁ ତଥା ଅନେକ ପାରମ୍ପରିକ ପିଠା, ପଣା ଆଦିକୁ ଆଜିର ପିଢ଼ି ମଧ୍ୟରେ ପୁନଃ ଆଦୃତ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅତିଥିମାନେ ଏବଂ ଅଂଶଗ୍ରହକାରୀ ମାନେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟ ବ୍ୟଞ୍ଜନ, ପିଠାପଣା ଆଦିର ମଜା ନେଇଥିଲେ। ସେହି ଭଳି ବିଭିନ୍ନ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ ନେଇ ପ୍ରତିଯୋଗିତା ମାନ ମଧ୍ୟ ଅନୁଷ୍ଠିତ ହୋଇଥିଲା।

**ବାଲି ମାଫିଆଙ୍କ ଦବଙ୍ଗଗିରି**

# ଦିନ ଦ୍ୱିପ୍ରହରେ ନଦୀଗର୍ଭରୁ ଉଠାଉଛନ୍ତି ବାଲି

ଆନନ୍ଦପୁର, ୧୩।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରେ ବାଲି ମାଫିଆଙ୍କ ଦବଙ୍ଗଗିରି ଦିନକୁ ଦିନ ବଢ଼ିବାରେ ଲାଗିଛି। କୁଶେଇ ନଦୀ ଏବେ ମାଫିଆଙ୍କ କବଜାରେ ଥିବା ଅଭିଯୋଗ ଆସୁଛି। ଦିନ ଦ୍ୱିପ୍ରହରରେ ଖୋଲାମେଲା ଭାବରେ ବାଲି ଲୁଟ୍ ହେଉଥିବା ବେଳେ ପ୍ରଶାସନର ନିରବତା ଉପରେ ପ୍ରଶ୍ନ ଉଠିଛି।

କେନ୍ଦୁଝର ଜିଲ୍ଲା ଘସିପୁରା ଓ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ବାଲି ମାଫିଆଙ୍କ ଆତଙ୍କ ଚାଲିଛି। ଅଡାସାହି, ବେଲକାହାଳୀ, ଟୋଲଙ୍କପଡ଼ା, ମଙ୍ଗଳପୁର, ହରିଡ଼ାପାଳ, ପାଇକଚାଟ୍ରା ସହିତ ଜଳସୁଆଁ, ସିଆଳପଡ଼ା ଓ ନୟାଗଡ଼ ଅଞ୍ଚଳର କୁଶେଇ ନଦୀ ଘାଟରୁ ବେଆଇନ ଭାବରେ ଦିନ ଦ୍ୱିପ୍ରହରରେ ବାଲି ଉଠାଯାଉଛି। ସୂଚନା ଅନୁଯାୟୀ, ମାଫିଆମାନେ କୌଣସି ଭୟ ବିନା ଖଣି ବିଭାଗ ଓ ପୋଲିସଙ୍କ ଆଖିରେ ଧୂଳି ଦେଇ ବହୁ ପରିମାଣରେ ବାଲି ଲୁଟ୍ କରୁଛନ୍ତି। ଏହା ଫଳରେ



ସରକାରଙ୍କୁ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ଅଭିଯୋଗ ହେଉଛି। ଏହା ସହ ବାଲି ବୋଝେଇ ଗାଡ଼ିଗୁଡ଼ିକ ଗ୍ରାମୀଣ ଓ ପ୍ରମୁଖ ରାସ୍ତାକୁ ନଷ୍ଟ କରୁଥିବାରୁ ସ୍ଥାନୀୟ ଲୋକମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟତ କରୁଛନ୍ତି। ଏହି ସବୁ କାରଣରୁ ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି।

**ଖଣି ବିଭାଗ ଓ ପୁଲିସକୁ ନାହିଁ ଭୟ**

ପରିବେଶବିତ୍‌ଙ୍କ ମତରେ, ଏଭଳି ଅନିୟନ୍ତ୍ରିତ ବାଲି ଉଠାଣ ଯଦି ଚାଲିଥାଏ, ତେବେ ଆଗାମୀ ଦିନରେ ନଦୀର ପ୍ରାକୃତିକ ସମତା ଭଙ୍ଗ ହେବା ସହ ପରିବେଶ ଉପରେ ଗଭୀର ପ୍ରଭାବ ପଡ଼ିବ। ତେବେ ପ୍ରଶ୍ନ ଉଠୁଛି— କେବେ ସଚେତନ ହେବ ପ୍ରଶାସନ? କେବେ ଲାଗିବ ବାଲି ମାଫିଆଙ୍କ ଉପରେ ଲଗାମ? ଏଥିକୁ ନେଇ ଏବେ ସ୍ଥାନୀୟ ଲୋକମାନଙ୍କ ଆଶା ରହିଛି ଯେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି ପ୍ରଶାସନ ଏହାକୁ ରୋକିବା ବାବେ ସକ୍ଷମ ନହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ଆରମ୍ଭ ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଉଛନ୍ତି।

## ପାନୀୟ ଜଳର ଉତ୍କଟ ଅଭାବ ନେଇ ବିଡିଓଙ୍କୁ ଅଭିଯୋଗ




ନୀଳଗିରି,୧୩।୪ (ସଂଚାର ବ୍ୟୁରୋ): ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ବଢ଼ିଲାଣି। ତେବେ ନୀଳଗିରି ଭଳି ବଣ ପାହାଡ଼ ଘେରା ପଞ୍ଚାୟତ ମାନଙ୍କରେ ପ୍ରାୟତଃ ଜଳ କ୍ରିଷ୍ଟ ଅନୁଭବ ହେଲାଣି। ତେଲିପାଳ ପଞ୍ଚାୟତ ର ଗୋହିରା, ରାଇପାଳ ଏବଂ ତେଲିପାଳ ପଞ୍ଚାୟତ ଅଫିସ ପାଖରେ ପାନୀୟ ଜଳ ପାଇବା ପାଇଁ ନାନାଡି ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ଗ୍ରାମବାସୀ। ଏନେଇ ସ୍ଥାନୀୟ ସରପଞ୍ଚ ବାହାମଣୀ ମାରାଣ୍ଡି ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ତଥା ବିଭାଗୀୟ ଅନ୍ୟ ଅଧିକାରୀ ଙ୍କୁ ବହୁବାର ଅବଗତ କରାଇବା ପରେ ମଧ୍ୟ କୌଣସି କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏଥି ସହିତ ଭୋଳା ନାଳ, ହୁଡ଼ିସାହି, କେନ୍ଦୁଆ ଗ୍ରାମ ରେ ପୀଡବ୍ଲୁ ଏସ ଗୁଡିକ ର କାର୍ଯ୍ୟ ସମ୍ପୂର୍ଣ ହୋଇଥିଲେ ମଧ୍ୟ ଲୋକଙ୍କ ଠାରେ ପାନୀୟ ଜଳ ପହଞ୍ଚି ପାରିନାହିଁ। ତେବେ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଉକ୍ତ ଗ୍ରାମ ଗୁଡ଼ିକୁ ତୁରନ୍ତ ପାନୀୟ ଜଳ ଯୋଗାଣ ପାଇଁସରପଞ୍ଚ ଆଜି ନୀଳଗିରି ବିଡ଼ିଓ ଙ୍କୁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଅତିଶୀଘ୍ର ସମାସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ସାଧାରଣ ଜନତା ଗରା, ଡ଼େକଚି ଧରି ରାଜରାସ୍ତା ଉହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ମଧ୍ୟ କହିଛନ୍ତି ।

## ଆଦିବାସୀ, ଦଳିତ ଠିକା ଓ ପରିବହନ ସଂସ୍ଥାର ଶାଖା ଅଫିସ ଉଦଘାଟିତ

ସୁନ୍ଦରଗଡ଼, ୧୩।୪ (ସଂଚାର ବ୍ୟୁରୋ): ଲେଫ୍ରିପଡା ବ୍ଲକ ଦର୍ଲିପାଲି ପଞ୍ଚାୟତ ଅନ୍ତର୍ଗତ ବରୋବଗାର ଠାରେ ସୋମବାର ଦିନ ଆଦିବାସୀ ଓ ଦଳିତ ଠିକା ଏବଂ ପରିବହନ ସଂସ୍ଥାର ଶାଖା ଅଫିସ ଉଦଘାଟିତ ହୋଇଯାଇଛି । ଏହି ଶୁଭ ଉଦଘାଟନ ଦିଲ୍ଲୀପ କୁମୁରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ଯାଦୁଗର ସୁନୀଲ କୁମାର ପଟେଲ ଯୋଗଦାନ କରି ଏହି ସଂସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମର ବିକ୍ରମ କୁମାର ପଟେଲ, ଦୁର୍ଯ୍ୟୋଧନ ପଟେଲ, ଅଶୋକ ସୁନାନୀ, ଘଷିଆ ସେଟ ଉପସ୍ଥିତ ଥିଲେ । ଅଂଚଳର ବହୁ ସଂଖ୍ୟାରେ ପୁରଷ ଓ ମହିଳା ଉପସ୍ଥିତ ରହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତ ପୁରୁଷ ମହିଳା ଏନଟିପିସି ଦର୍ଲିପାଲି ପ୍ରମୁଖ ମୁଖ୍ୟଙ୍କୁ ତାଙ୍କ ଅଫିସ ଚେମ୍ବରରେ ସାକ୍ଷାତ କରି ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।




## ପାରମ୍ପରିକ ଖାଦ୍ୟରେ ମହକିଲା ବ୍ଲକ୍ ପରିସର



ବାଲିଆପାଳ, ୧୩।୪ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ବ୍ଲକର ୨୮ ପଞ୍ଚାୟତରୁ ୩୧ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କର ଖେଚୁଡ଼ି ଭୋଗ, ଗଜା ମିଠା ସମେତ ଦହି ପଖାଳ, ଲେମ୍ବୁ ସରବତ,ବିଭିନ୍ନ ଶାଗ, ଛୁଇଁ,ନାଡୁକା, ହିଞ୍ଚଡ ତରକାରୀ,ହାତ ତିଆରି ବଡ଼ି ଚୁରା ବାଇଗଣ ଭର୍ତ୍ତା, କଦଳୀ ଭଣ୍ଡା, ମଞ୍ଜା ରାଇ, ବିଭିନ୍ନ ସାମଗ୍ରୀର ପତ୍ର ପୋଡାର ସମାହାର ଦେଖିବାକୁ ମିଳିଥିଲା। କଂସା ବାସନ ଏବଂ କଦଳୀ ପତ୍ରରେ ଖାଦ୍ୟକୁ ସୁସଜ୍ଜିତ କରାଯାଇଥିଲା। ବିଚାରକ ଭାବେ ସୁପରଭାଇଜର ଅରୋସ୍ମିତା ସାହୁ, ଜିପିଡିଓ ପ୍ରୀୟବ୍ରତ ଗିରି, ବ୍ଲକ ମଙ୍ଗଳ ସଂମ୍ପ୍ରସାରଣ ଉଦିତ କୁମାର ମହାପାତ୍ର ଖାଦ୍ୟର ମାନକୁ ପରଖି ଥିଲେ। ଏହି ପ୍ରତିଯୋଗିତାରେ ମା ଦୁର୍ଗା ସ୍ୱୟଂ ସହାୟିକା ବେତଗଡିଆର ରିମାଶ୍ରୀ ଦାସ ପ୍ରଥମ, ଲକ୍ଷ୍ମୀ ନାରାୟଣ ଜଗତିପୁରର ଅସିମା ପଟ୍ଟନାୟକ ଦ୍ୱିତୀୟ, ସତ୍ୟସାଇ ଜାଣକୁଣ୍ଡାର ନିରୁପମା ବେହେରା ଓ ଜୟ ଜଗନ୍ନାଥ ଶ୍ରୀ ରାମପୁର ଛବିରାଣୀ ଦେ ଯୁଗ୍ମ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ଏମାନଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରାଯାଇଛି।

## ଗାନ୍ଧି ଶାନ୍ତି ପ୍ରତିଷ୍ଠାନରେ ସହିଦଙ୍କ ସ୍ମୃତି ଚାରଣ




ବେତନଟୀ, ୧୩।୪ (ସଂଚାର ବ୍ୟୁରୋ): ସ୍ଥାନୀୟ ପୁରୁଣା ପ୍ଲାଷ୍ଟିକ କାରଖାନା ପରିସରରେ ବେତନଟୀର ପ୍ରାଚୀନ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ଆବାହକ ଆଶୁକବି ବାସୁଦେବ ନାପିତଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ସହିଦ ମାନଙ୍କ ସ୍ମୃତି ଚାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସମାଜସେବୀ ରବୀନ୍ଦ୍ରନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ମୁଖ୍ୟବକ୍ତା ଜାତୀୟ ପୁରସ୍କୃତ କୃତୀ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ରୋଟାରିଆନ ସୁନୀଲ କୁମାର ଖଣ୍ଡେଲୱାଲ,ମୟୂର ସାହିତ୍ୟର ସଂପାଦକ ଯତୀନ୍ଦ୍ରନାଥସାହୁ, କଇଁଫୁଲ ସମ୍ପାଦକ ପର୍ଶୁରାମ ସାହୁ , ଶିକ୍ଷାବିତ୍ ରାମଚନ୍ଦ୍ର ପଣ୍ଡା, କମଟିର ସଭ୍ୟ ବୟୋଜ୍ୟେଷ୍ଠ ହରେନ୍ଦ୍ର ନାଥ ବାରିକ ଓ ଜୟକୃଷ୍ଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥଲେ । ପ୍ରାରମ୍ଭରେ ଅପ୍ରେଲ ୧୩ ଜାଲିଓ୍ୱାନାବାଗ ହତ୍ୟା ଦିବସକୁ ସ୍ମରଣ କରି ସହିଦ ମାନଙ୍କ ପାଇଁ ଏବଂ ସ୍ୱର୍ଗତଃ ଆଶା ଭୋନସଲେଙ୍କ ଆତ୍ମାର ଶାନ୍ତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଓଡ଼ିଆ ପକ୍ଷ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ପାଳିତ



ବୋରିଗୁମ୍ମା,୧୩।୪ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବ୍ଲକ ପରିସରରେ ଓଡିଶା ପକ୍ଷ ପାଳନ ଅବସରରେ ଆଜି ପାରମ୍ପରିକ ଖାଦ୍ୟ ଦିବସ ତଥା ଆମ ରୁଚି, ଆମ ଖାଦ୍ୟ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବ୍ଲକ ପରିସରରେ ପାରମ୍ପରିକ ଖାଦ୍ୟ ଯଥା ମାଣ୍ଡିଆରୁ ପ୍ରସ୍ତୁତ ପୋଡପିଠା, ଆରିସା, ସୁପ ସହ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା । ପାରମ୍ପରିକ ଖାଦ୍ୟକୁ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ ଓ ଅନ୍ୟ ବ୍ଲକ କର୍ମଚାରୀ ମାନେ ଖାଇଥିଲେ।

ଏହି ଦିବସକୁ ରାଜ୍ୟ ସରକାର ପାରମ୍ପରିକ ଖାଦ୍ୟ ଦିବସ ଭାବେ ସାରା ଓଡ଼ିଶାରେ ପାଳନ କରୁଛନ୍ତି । ଆମ ସଂସ୍କୃତି, ପରମ୍ପରା ଓ ଓଡ଼ିଆ ଅସ୍ମିତା, ଆମ ଭିତରେ ଏକତା ସୃଷ୍ଟି କରିବା ସହ ଆମେ ଓଡ଼ିଆ ବୋଲି ଗର୍ବ କରିବା ଓଡ଼ିଆ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏବିଡ଼ିଓ ମାଧୁରୀ ଆଚାରୀ,ଏଇଇ ପ୍ରକାଶ ପ୍ରଧାନ, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ଦେବେନ୍ଦ୍ର ପଣ୍ଡା, ବିପିସି ସ୍ୱାତି ପଟ୍ଟନାୟକ, ଜିପିଇଓ ସ୍ୱାଗତିକା ଗୋପାଲ, ଏପିଓ ରଜନୀକାନ୍ତ ବେହେରା, ସଞ୍ଜୟ ପଣ୍ଡା, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କ ହୃଦ୍‌ଘାତରେ ମୃତ୍ୟୁ



ଛତ୍ରପୁର,୧୩।୪ (ସଂଚାର ବ୍ୟୁରୋ): ବରପଲ୍ଲୀର ବାସିନ୍ଦା ତଥା ପୂର୍ବତନ ସରପଞ୍ଚ ନରସିଂହ ପଲାଇ (୭୭)ଙ୍କ ହୃଦ୍‌ଘାତରେ ଅକସ୍ମାତ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଛି। ଏହି ଦୁଃଖଦ ଘଟଣାରେ ସମଗ୍ର ଅଞ୍ଚଳ ଶୋକାକୁଳ ହୋଇପଡ଼ିଛି। ସୂଚନାନୁସାରେ, ଆଜି ସକାଳ ସମୟରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକମାନେ ତୁରନ୍ତ ତାଙ୍କୁ ଛତ୍ରପୁର ମେଡିକାଲ୍‌କୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

ନରସିଂହ ପଲାଇ ଜଣେ ଶାନ୍ତ, ସରଳ, ମେଳାପୀ ଓ ଲୋକପ୍ରିୟ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ସେ ୧୯୭୨ ମସିହାରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କୁ ପରାଜିତ କରି ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏନଏସି ଗଠନ ପୂର୍ବରୁ ସେହି ଅଞ୍ଚଳର ଶେଷ ସରପଞ୍ଚ ଭାବେ ସେ ପରିଚିତ ଥିଲେ। ବିଭିନ୍ନ ସମୟରେ କଂଗ୍ରେସ ଦଳର ନେତୃତ୍ୱ ନେଇଥିବା ବେଳେ ସେ ବିଭିନ୍ନ ସାଂଗଠନିକ ଦାୟିତ୍ୱରେ ରହି ସଫଳତାର ସହିତ ତାହାକୁ ନିର୍ବାହ କରିଥିଲେ। ତାଙ୍କର ଅକାଳ ବିୟୋଗରେ ଅଞ୍ଚଳବାସୀ ଓ ସ୍ଥାନୀୟ ନେତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## କଂଗ୍ରେସର ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଶୋଭାଯାତ୍ରାରେ ଶତାଧିକ ନେତା ଓ କର୍ମୀ ସାମିଲ**

ଖୋର୍ଦ୍ଧା, ୧୩।୪ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସ୍ଥାନୀୟ ବିଡିଏ କଲୋନୀ ଠାରେ ଜିଲ୍ଲା କାର୍ଯ୍ୟାଳୟ ଉଦଘାଟିତ ହୋଇ ଯାଇଛି। ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ରବିବାର ଅପରାହ୍ନ ୫ଟା ସମୟରେ ଛାତ୍ର ଯୁବ, ମହିଳା କର୍ମୀ ଓ ସେବା ଦଳର ଶତାଧିକ କର୍ମୀ ଓ ନେତା ସ୍ଥାନୀୟ ଗୋଡି ପୋଖରୀ ଛକରୁ ବିଶାଳ ଶୋଭାଯାତ୍ରା ବାହାରି ନୂଆ ବସଷ୍ଟାଣ୍ଡ ଦେଇ ବିଡିଏ ସ୍ଥିତ ନୂତନ କଂଗ୍ରେସ ଭବନରେ ପହଞ୍ଚିଥିଲା। ପିସିସି ସଭାପତି ଭକ୍ତ ଦାସ ଏହି ଶୋଭାଯାତ୍ରାରେ ସାମିଲ ହୋଇ କର୍ମୀଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟାଳୟ ଉଦଘାଟନ କରିଥିଲେ।



ଆୟୋଜିତ ସମାବେଶରେ କର୍ମୀଙ୍କୁ ସମ୍ବୋଧିତ କରି ଭାଜପା ଉପରେ ବର୍ଷିଥିଲେ ପିସିସି ସଭାପତି ଭକ୍ତ ଚରଣ ଦାସ । ଓଡ଼ିଶାରେ ଭାଜପା ସରକାରଙ୍କ ସମୟରେ ନାରୀ ଓ ଶିଶୁ ନିର୍ଯାତନା ବଢ଼ିଛି। ଚାଷୀଙ୍କୁ ଇନପୁଟ ସହାୟତା ଦେବା ଆଳରେ ଶୋଷଣ କରିଛନ୍ତି। ରାଜ୍ୟର ୧୯ଲକ୍ଷ ଚାଷୀଙ୍କ ଠାରୁ ୪ହଜାର କୋଟି ଟଙ୍କା ଲୁଟ କରାଯାଇଛି । ରାଜ୍ୟ ର ଖଣିଜ ସମ୍ପଦ ଆଦାନୀ, ଅମ୍ବାନୀ ହାତକୁ ଟେକି ଦେଇଛନ୍ତି। ଦଳର ନେତା, ମନ୍ତ୍ରୀ, କର୍ମୀ ଦୁର୍ନୀତିରେ ବୁଡିଛନ୍ତି। ସେ ଆହୁରି କହିଲେ ସୁଭଦ୍ରା ଯୋଜନା ଏକ ପ୍ରହସନ ପାଲଟିଛି। ଗ୍ୟାସ ସିଲିଣ୍ଡର ସମସ୍ୟା ଯୋଗୁ ସୁଭଦ୍ରା ମହିଳାମାନେ ଜାଳେଣି କାଠ ସଂଗ୍ରହ କରିବାରେ ବ୍ୟସ୍ତ। ହୋଟେଲ ରେଷ୍ଟୁରାଣ୍ଟ ବନ୍ଦ। ଗ୍ରାମାଞ୍ଚଳ ଠୁ ସହରାଞ୍ଚଳ ପର୍ଯ୍ୟନ୍ତ ବେକାର ଯୁବକ କାମ ନପାଇ ବିଦେଶ ଯାଇ ଶବ ହୋଇ ଫେରୁଛନ୍ତି।

ଦଳ ଭିତରେ ଆରୋପ ପ୍ରତ୍ୟାରୋପ ଛାଡି ଦଳ ପାଇ କାମ କରିବାକୁ କଂଗ୍ରେସ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସମାବେଶରେ ଖୋର୍ଦ୍ଧା, ଜଟଣୀ, ବେଗୁନିଆ ବୋଲଗଡ, ଚିଲିକା, ଜୟଦେବ ପ୍ରଭୃତି ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଜଗନ୍ନାଥପୁରରେ 'ପଲ୍ଲୀରେ ପ୍ରଶାସନ'



ବାଲିଅନ୍ତା,୧୩।୪ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ସକାଳ ୭.୦୦ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ବିଡ଼ିଓ ରଶ୍ମିତା ନାଥ, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ ଭୋଇ, ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୩୦ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୨ଟି, ପାନୀୟ ଜଳ ସମ୍ବନ୍ଧୀୟ ୨ଟି, ଖାଦ୍ୟ ଯୋଗାଣ ସମ୍ବନ୍ଧୀୟ ୬ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୦ଟି ଅଭିଯୋଗ ହସ୍ତଗତ ହୋଇଅଛି ।

## ଭୋକ-ଶୋଷ ମେଣ୍ଟାଉଛି ସୁଆଦିଆ ତରଭୁଜ

କାକଟପୁର/ଅସ୍ତରଙ୍ଗ,୧୩।୪ (ସଂଚାର ବ୍ୟୁରୋ): ବଢ଼ିଲାଣି ଖରାର ପ୍ରକୋପ। ବାହାରକୁ ବାହାରିଲେ ବଢୁଛି ଶୋଷ। ମୃଦୁ ପାନୀୟ ଶରୀର ପାଇଁ କ୍ଷତିକାରକ ହୋଇଥିବାରୁ ସଚେତନ ବ୍ୟକ୍ତି ଧୀରେ ଧୀରେ ଏଥିରୁ ମୁହଁ ଫେରାଇଲେଣି। ପଥଚାରୀ ନିଜର ଶୋଷ ଓ ଭୋକ ମେଣ୍ଟାଇବା ପାଇଁ ତରଭୁଜ ଖାଇବାକୁ ବେଶି ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।ଏଭଳି ପରିସ୍ଥିତିରେ ପାଟିକୁ ସୁଆଦିଆ ଆଉ ପେଟକୁ ଥଣ୍ଡା କରୁଥିବା ଖରାଦିନିଆ ପାନୀୟ ଓ ଫଳର ଚାହିଦା ଏବେ ବଢ଼ି ଯାଇଛି। ପୁଦିନା ଲେମ୍ବୁ, ଆଖୁରସ, ମିଶ୍ରିପାଣି, ନାଣ୍ଡି ବଗୁଲି ସର୍ବତ, ବେଲପଣା, ତରଭୁଜ, ପଇଡ ଇତ୍ୟାଦିକୁ ଭଳିକିଭଳି ଢଙ୍ଗରେ ଏବେ ଦୋକାନୀମାନେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ପ୍ରମୁଖ ସ୍ଥାନରେ ବିକ୍ରିହେଉଥିବା ଦେଖିବାକୁ ମିଳିଛି।



ଏବେ ତରଭୁଜର ଚାହିଦା ମଧ୍ୟ ଭାରି ବଢ଼ି ଯାଇଛି। ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଢେଙ୍କାନାଳ, କାକଟପୁର, ଅନୁଗୁଳ, ଯାଜପୁର ଓ ଦେବଗଡ଼ ଆଦି ସ୍ଥାନରୁ ତରଭୁଜ କାକଟପୁର ଓ ଅସ୍ତରଙ୍ଗ କୁ ଆଣୁଛନ୍ତି। ତରଭୁଜର ବିଭିନ୍ନ ପ୍ରକାର ଯେପରିକି ଆରୋହୀ, ସରସ୍ୱତୀ, ହଳଦିଆ ଆଦି ତରଭୁଜ ବଜାରରେ ବିକ୍ରି ହେଉଛି। ବର୍ତ୍ତମାନ ଏହାର ମୂଲ୍ୟ କିଲୋକୁ ୩୦ଟଙ୍କା ପାଖାପାଖି ରହିଛି। କିଛି ଦୋକାନୀ ଏହାକୁ କାଟି ଖଣ୍ଡ ଖଣ୍ଡ କରି ବିକ୍ରି କରୁଛନ୍ତି। ପ୍ରତିଖଣ୍ଡର ଦାମ୍ ୧୦ଟଙ୍କା ରହିଛି। ସକାଳ ଠାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ଏହାର ବେପାର ହେଉଛି ବୋଲି ଅସ୍ତରଙ୍ଗ ମାର୍କେଟର ବ୍ୟବସାୟୀ ରଘୁନାଥ ସାହୁ କହିଛନ୍ତି।କାକଟପୁର ବଜାର ସମେତ କଲେଜ ଛକ, କୁଣ୍ଢେଇ, ବାଙ୍ଗୁରୀଗାଁ, ଅସ୍ତରଙ୍ଗ ବଜାର ଓ ଛକ ଆଦି ସ୍ଥାନରେ ତରଭୁଜର ବଡ଼ ପସରା ମେଲିଛି। ଏପରିକି ପ୍ରତିଛକରେ ଥିବା ଫଳ ଦୋକାନୀମାନେ ମଧ୍ୟ ତରଭୁଜ ରଖୁଛନ୍ତି। ମାତ୍ର ଏବେ ଚାଷୀ ମାନେ ଏହି ଚାଷରୁ ମୁହଁ ଫେରାଉଛନ୍ତି। ତରଭୁଜ ମଞ୍ଜି କିଲୋ ପ୍ରତି ପ୍ରାୟତଃ ୨୦ହଜାର ଅଧିକ ହୋଇଥିବା ବେଳେ ସାର, ଔଷଧ ମିଶାଇଲେ ଖର୍ଚ୍ଚ ଅଧିକ ହୁଏ। ଜଳବାୟୁ ଠିକ ନ ରହିଲେ ଫସଲ ଅମଳ ଠିକରେ ହୁଏ ନାହିଁ। ଯାହା ଫଳରେ ପୂର୍ବ ଅପେକ୍ଷା ଚାଷୀ ମାନେ ଏହି ଫସଲ ଆଉ କରୁନଥିବା ପ୍ରକାଶ କରିଛନ୍ତି।

## ଉମରକୋଟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର




ନବରଙ୍ଗପୁର / ଉମରକୋଟ, ୧୩।୪ (ସଂଚାର ବ୍ୟୁରୋ): ଆଜି ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୧୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୦୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା।

ଜିଲ୍ଲାପାଳ ଏହା ପରେ ପରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ "ଆମ ରୁଚି ଆମ ଖାଦ୍ୟ" କାର୍ଯ୍ୟକ୍ରମ ରେ ଯୋଗ ଦେଇ ପାରମ୍ପରିକ ଖାଦ୍ୟ ଷ୍ଟଲ ପରିଦର୍ଶନ କରିଥିଲେ।

### ମୋ ଭାରତ ବଜେଟ କ୍ୱେଷ୍ଟ ଗ୍ରାଣ୍ଡ ଫିନାଲେରେ ମୁଖ୍ୟମନ୍ତ୍ରୀ

# ବିକଶିତ ଭାରତ ସ୍ୱପ୍ନ ସହ ସାମିଲ ହେବାକୁ ଯୁବକଙ୍କୁ ଆହ୍ୱାନ

ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୁବକମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ସ୍ୱପ୍ନ ସହ ହାତ ମିଳାଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଦୁଇ ଦିନବ୍ୟାପୀ ଆୟୋଜିତ 'ମୋ ଭାରତ ବଜେଟ କ୍ୱେଷ୍ଟ ଗ୍ରାଣ୍ଡ ଫିନାଲେ'ରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବପିଢ଼ିର ପ୍ରତିଭା ଓ କ୍ଷମତା ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଅଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଯୁବ ବ୍ୟାପର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟ ମଧ୍ୟ ଆବାସୀ ମାଧ୍ୟମରେ ଯୋଗ ଦେଇ ଯୁବକଯୁବତୀଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ର ଯୁବ କଲ୍ୟାଣ ଓ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ 'ମୋ ଭାରତ' ପୋର୍ଟାଲ ପକ୍ଷରୁ ଆୟୋଜିତ 'ନାରୀଶକ୍ତି ବିକଶିତ ଭାରତ କୀ ଆୱାଜ: ଅନ୍ତର୍ଭୁକ୍ତିମୂଳକ ଗଣତନ୍ତ୍ରର ସଶକ୍ତିକରଣ' ସମ୍ପର୍କିତ ଏହି ଦୁଇଦିନିଆ ମହାସମାରୋହ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳନା କରିଥିଲା।



ଗତକାଲି ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୋଆ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଏବଂ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜରୁ ପ୍ରାୟ ୫୦୦ ଯୁବ ପ୍ରତିନିଧି ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ ଯେ ଯୁବକମାନେ ଶକ୍ତି ଓ ସର୍ଜନାତ୍ମକତାର ପ୍ରତୀକ। ସେମାନେ ଜାତି ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇପାରିବେ। ଏହି ଅବସରରେ ଏନ୍‌ଏସ୍‌ଏସ୍ ରିଜିଓନାଲ୍ ଡାଇରେକ୍ଟର ସରିତା ପଟେଲ୍ ଓ ସୋଆ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍ସେଲର ପ୍ରଫେସର ଡ଼ଃ ନୀତା ମହାନ୍ତି ମଧ୍ୟ ବକ୍ତବ୍ୟ ରଖିଥିଲେ। ଗତ ଫେବ୍ରୁଆରୀ ୨ ତାରିଖରେ ଡଃ ମାଣ୍ଡଭିୟାଙ୍କ ଦ୍ୱାରା ଏହି ବଜେଟ୍ କ୍ୱେଷ୍ଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଦେଶର ଆର୍ଥିକ ନିଷ୍ପତ୍ତି ଓ ବଜେଟ ପ୍ରକ୍ରିୟାରେ ଯୁବକମାନଙ୍କୁ ସକ୍ରିୟ ଭାବେ ସାମିଲ୍ କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ଅନଲାଇନ କ୍ୱିଜ୍ ଓ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରାୟ ୧୨ ଲକ୍ଷ ଯୁବକ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୨ ହଜାର ଯୁବକଙ୍କୁ ଜାତୀୟ ସ୍ତରର ଗ୍ରାଣ୍ଡ ଫିନାଲେ ପାଇଁ ବଛା ଯାଇଥିଲା। ଭୁବନେଶ୍ୱର କ୍ଲଷ୍ଟରରେ ଓଡ଼ିଶା ଓ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର ୫୦୦ ଯୁବକ ପ୍ରତିନିଧି ଯୋଗ ଦେଇଥିଲେ।

ପ୍ରଥମ ଦିନ ମହିଳାଙ୍କ ମକ୍ ପାର୍ଲାମେଣ୍ଟ ଓ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଯୁବତୀମାନେ ମହିଳା ସଶକ୍ତିକରଣ, କୃଷି ଓ ମହିଳା ସଂରକ୍ଷଣ ବିଲ୍ ପରି ବିଷୟରେ ପାର୍ଲାମେଣ୍ଟାରୀ ଶୈଳୀରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପଢ଼ାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୁବପିଢ଼ିକୁ ଆହ୍ୱାନ ଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ବିକଶିତ ଭାରତ

### 'ଦେଶର ଭବିଷ୍ୟତ ସୁରକ୍ଷିତ କରିବାରେ ଯୁବକମାନେ ଦାୟିତ୍ୱଶୀଳ ହୁଅନ୍ତୁ'



୨୦୪୭କୁ ସଫଳ କରିବା ପାଇଁ ଯୁବକଯୁବତୀମାନେ ଏକଜୁଟ ହୋଇ କାର୍ଯ୍ୟ କରନ୍ତୁ। ଦେଶର ଭବିଷ୍ୟତକୁ ସୁରକ୍ଷିତ କରିବାରେ ଯୁବକମାନେ ଦାୟିତ୍ୱଶୀଳ ହେବା ଉଚିତ୍। ଆର୍ଥିକ ଜ୍ଞାନ ଲାଭ କରନ୍ତୁ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଶିଖନ୍ତୁ। ରାଜ୍ୟ ସରକାରଙ୍କ 'ଭିଜନ୍ ୨୦୩୬' ଲକ୍ଷ୍ୟ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ଯୁବପିଢ଼ିର ସକ୍ରିୟ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୁବକ ପ୍ରତିଯୋଗୀଙ୍କ ସହ ପାରସ୍ପରିକ ଆଲୋଚନା ମଧ୍ୟ କରିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦା କହିଛନ୍ତି ଯେ ଯୁବକମାନେ ଦେଶରେ ହେଉଥିବା ରୂପାନ୍ତରକାରୀ ପରିବର୍ତ୍ତନ ଓ ବିଶ୍ୱର ପ୍ରଯୁକ୍ତିଗତ ଅଗ୍ରଗତି ବିଷୟରେ ସଚେତନ ରହିବା ଉଚିତ।

କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଭୂପେନ୍ଦ୍ର ସିଂହ ପୁନିଆ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## କଲରାପତରିଆ ଛାଲ ଜବତ, ୫ ଗିରଫ



ନବରଙ୍ଗପୁର, ୧୩।୪ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନ ବିଭାଗକୁ ସୋମବାର ଉଲ୍ଲେଖନୀୟ ସଫଳତା ମିଳିଛି। ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରାସାଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ବନ ବିଭାଗ ଡାବୁଗାଁ ବ୍ଲକ ସଦର ମହକୁମା ନିକଟ ସିକିଲି ସଂରକ୍ଷିତ ଜଙ୍ଗଲରେ ବାଘ ଛାଲ ଚୋରା ଚାଲାଣ ସମୟରେ ବନ ବିଭାଗ ଚଢ଼ାଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ମଇଦଲପୁର ଅଞ୍ଚଳର ବାଘ ଛାଲ ମାଫିଆମାନେ କଳାହାଣ୍ଡି ଜିଲ୍ଲାର କର୍ଲାପାଟ ଅଭୟାରଣ୍ୟ ଅଞ୍ଚଳରୁ ଉକ୍ତ ବାଘ ଛାଲ ଧରି ବିକ୍ରି ପାଇଁ କୋରାପୁଟ ଯାଉଥିବା ସମୟରେ ଡାବୁଗାଁ ବନ ବିଭାଗ ଖବର ପାଇ ମଇଦଲପୁର ନିକଟରେ ସେମାନଙ୍କୁ ଜଗିଥିଲେ। କିନ୍ତୁ ଏନେଇ ମାଫିଆମାନେ ଖବର ପାଇ ରାସ୍ତା ବଦଳେଇ ବିଭିନ୍ନ ଜଙ୍ଗଲ ଦେଇ ଆସି ଡାବୁଗାଁ ନିକଟସ୍ଥ ସିକିଲି ଜଙ୍ଗଲରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଲୁଚି ରହିଥିବା ବନ ବିଭାଗ କର୍ମଚାରୀମାନେ ଉକ୍ତ ମାଫିଆମାନଙ୍କୁ ଚାରିପଟୁ ଘେରିଯିବା ସହ ୨ ଜଣଙ୍କୁ କାବୁ କରି ଡାବୁଗାଁ ବନ କାର୍ଯ୍ୟାଳୟକୁ ନେଇଥିଲେ। ସେମାନଙ୍କୁ ପଚରାଉଚରା ପରେ ୩ ଜଣ ସହଯୋଗୀଙ୍କୁ ମଇଦଲପୁରଠାରୁ ଡାବୁଗାଁ ଅଣାଯାଇଥିଲା। ସମସ୍ତଙ୍କୁ ପଚରାଉଚରା କରିବା ପରେ ଉକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ କଲରାପତରିଆ ବାଘ ଛାଲ ବ୍ୟତୀତ ୨ଟି ମୋଟର ସାଇକେଲ (ନଂ.ଓଡି୨୪ପି ୨୪୨୫, ଓଡି୨୪ଏଫ ୬୫୬୨)କୁ ଜବତ କରାଯାଇଛି। ଗିରଫ ହୋଇଥବା ୫ ଅଭିଯୁକ୍ତ ହେଲେ ନବରଙ୍ଗପୁର ଥାନା ଅଧୀନସ୍ଥ ବଣିଆ ଗ୍ରାମର ଅର୍ଜୁନ ହରିଜନ (୩୦), ପୋଖନାଗୁଡ଼ା ଗ୍ରାମର ମିହିର ହରିଜନ (୨୫), ମଇଦଲପୁର ଥାନା ଅଧୀନସ୍ଥ ମଇଦଲପୁର ଗ୍ରାମର ଶିବ କଲାର (୩୮), କେଦାରନାଥ ବିଶୋୟୀ (୪୨) ଓ ଗୋପିଗୁଡ଼ା ଗ୍ରାମର ବଇଚନ୍ଦ୍ର ମଙ୍ଗଲି (୪୯)। ଏନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ୧/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି। ନବରଙ୍ଗପୁର ସହକାରୀ ବନ ସଂରକ୍ଷକ ଡିଏମ୍ ସେଠୀଙ୍କ ନେତୃତ୍ୱରେ ଡାବୁଗାଁ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରା, ମଇଦଲପୁର ବନପାଳ ମଧୁସୂଦନ ପାତ୍ର, ବନରକ୍ଷୀ ଅଙ୍କୁସ ଦାସ, କାର୍ତ୍ତିକ ମାଝୀ, ଲାଲୁ ବିଷୋଇ, ତାପସ ପଟ୍ଟନାୟକ, ରୀତାରାଣୀ ବିଶାସରାୟ ଓ ସମସ୍ତ ପାରା ଫରେଷ୍ଟ କର୍ମଚାରୀ ସାମିଲ ଥିଲେ।

## ଡକାୟତି ଯୋଜନା ପଣ୍ଡ: ୪ ଗିରଫ



ସୁନ୍ଦରଗଡ଼, ୧୩।୪ (ସଂଚାର ବ୍ୟୁରୋ): ଡକାୟତି ପାଇଁ ଯୋଜନା କରୁଥିବା ଏକ ଡକାୟତ ଗ୍ୟାଙ୍ଗକୁ ସଦର ପୁଲିସ ଉପରାଜଗଡ଼ପୁରଠାରେ ଗିରଫ କରିଛି। ଆଜି ଭୋର ସମୟରେ ୪ ଜଣ ଯୁବକ ସଦର ଥାନା ଅନ୍ତର୍ଗତ କୁମ୍ଭାରପାଲିଠାରେ ଡକାୟତି ପାଇଁ ଯୋଜନା କରୁଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ସଦର ପୁଲିସର ଏକ ଟିମ ଚଢ଼ାଉ କରି ଏହି ୪ ଡକାୟତଙ୍କୁ ଗିରଫ କରିଛି। ଏହିସହ ସେମାନଙ୍କ ନିକଟରୁ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏଥିରେ ଗୋଟିଏ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ବାଉଁଶ ଲାଠି, ଦୁଇଟି ଛୁରୀ, ଲଙ୍କା ଗୁଣ୍ଡ ଆଦି ରହିଛି। ଏଥିସହ ସେମାନେ ବ୍ୟବହାର କରୁଥିବା ଏକ ବୁଲେଟ ଓ ଗୋଲେଣ୍ଡ ସ୍କୁଟିକୁ ଜବତ କରାଯାଇଛି। ଗିରଫ ହୋଇଥିବା ଡକାୟତମାନେ ହେଲେ ଜଙ୍ଗଲର ଏକାନ୍ତ ନାୟକ, ଭେଡାବାହାଲର ରୋହନ ପଟେଲ, କରମଡ଼ିହିର ଅଙ୍କିତ ବେହେରା ଓ ରିୟନ ନାୟକ। ଏନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଉପଖଣ୍ଡ ଅଧିକାରୀ ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଥାନାଧିକାରୀ ସସ୍ମିତା ଦେବତା ମଧ୍ୟ ଉପସ୍ଥିତ ଥିଲେ।

### ଯାଜପୁର ଗୁଳିକାଣ୍ଡର ପର୍ଦ୍ଦାଫାସ

## ପତ୍ନୀ ସହ ୫ ଗିରଫ

ଯାଜପୁର ଟାଉନ, ୧୩।୪ (ସଂଚାର ବ୍ୟୁରୋ): ଯାଜପୁର ଥାନା ଅନ୍ତର୍ଗତ କାଳିମେଘା ନିକଟରେ ଘଟିଥିବା ବହୁଚର୍ଚ୍ଚିତ ଗୁଳିକାଣ୍ଡ ଓ ହତ୍ୟା ମାମଲାର ଆଜି ପର୍ଦ୍ଦାଫାସ କରିଛି ସ୍ଥାନୀୟ ପୁଲିସ। କୁଆଁସରପୁର ଅଞ୍ଚଳର ସୌମ୍ୟ ସାଗର ସାମଲଙ୍କୁ ଗୁଳି କରି ହତ୍ୟା ଘଟଣାରେ ପୁଲିସ ତାଙ୍କର ପତ୍ନୀଙ୍କ ସମେତ ମୋଟ ୫ ଜଣଙ୍କୁ ଗିରଫ କରିଛି। ସୂଚନାନୁସାରେ, ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ମୃତକଙ୍କ ପତ୍ନୀ, ତାଙ୍କର ପ୍ରେମିକ ତାପସ କୁମାର ଖିଲାର, ତାଙ୍କ ଭଉଣୀ ପ୍ରୀତିପ୍ରଭା ପ୍ରିୟଦର୍ଶିନୀ (ଚିନୁ) ସହ ରାଉରକେଲାର ୨ ଜଣ ସୁପାରି କିଲର୍ ଅଛନ୍ତି। ପରକୀୟା ପ୍ରୀତି ଓ ବ୍ୟକ୍ତିଗତ ସମ୍ପର୍କ ଦ୍ୱନ୍ଦ୍ୱ ଏହି ଗୁଳିକାଣ୍ଡର ମୁଖ୍ୟ କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗତ ୬ ତାରିଖ ରାତିରେ କାଳିମେଘା ଅଞ୍ଚଳରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ



ବାସଭବନ ସମ୍ମୁଖରେ ସୌମ୍ୟଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ତାଙ୍କ ଜୀବନ ବଞ୍ଚିପାରିନଥିଲା। ଘଟଣା ପରେ ପୁଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ ଆରମ୍ଭ କରିଥିଲା। ଟେକ୍ନିକାଲ ଓ ପ୍ରମାଣ ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛି। ଯାଜପୁର ଏସପି ଯଶ ପ୍ରତାପ ଶ୍ରୀମାଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ହତ୍ୟାରେ ବ୍ୟବହୃତ ଦେଶୀ ବନ୍ଧୁକ, ମଟର ସାଇକେଲ ଓ ୭ଟି ମୋବାଇଲ ଜବତ କରାଯାଇଛି। ବନ୍ଧୁକଟି ଯାଜପୁର ଯଯାତି କେଶରୀ ମେଡିକାଲ କଲେଜ ପଛପଟ ବୈତରଣୀ ନଦୀ ପଠାରୁ ଉଦ୍ଧାର ହୋଇଛି।

### ● ରାଇଘରରେ ଚାଞ୍ଚଲ୍ୟ

## ୪ ବର୍ଷର ପୁଅ ଖୋଲିଲା ହତ୍ୟାକାଣ୍ଡର ରହସ୍ୟ

### ସ୍ତ୍ରୀକୁ ମାରି ପାଇଖାନା ଟାଙ୍କିରେ ପକାଇଦେଇଥିଲା ସ୍ୱାମୀ



ରାଇଘର, ୧୩।୪ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଧୀନରେ ଘଟିଛି ଏକ ଚାଞ୍ଚଲ୍ୟକର ଘଟଣା। ଜନୈକ ବ୍ୟକ୍ତି ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ତାକୁ ହତ୍ୟା କରିବା ସହ ପ୍ରମାଣ ନଷ୍ଟ କରିବା ସକାଶେ ତା'ର ମୃତଦେହକୁ ପାଇଖାନା ଟାଙ୍କିରେ ପୋତିଦେଇଥିଲା। ତେବେ ୪ ବର୍ଷର ପୁଅ ମା' ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଛି। ପଡ଼ୋଶୀ ନିକଟରେ ଉକ୍ତ ଶିଶୁଟି ମା' ହତ୍ୟାକାଣ୍ଡର ଅଭିଯୁକ୍ତ ତା'ର ବାପା ବୋଲି କହିବା ପରେ ସ୍ଥାନୀୟ ପୁଲିସ୍ ତା'ର ବାପାକୁ ଅଟକ ରଖିଛି। ମିଳିଥିବା ସୂଚନାନୁସାରେ, ରାଇଘର ଥାନା ଅନ୍ତର୍ଗତ ଯୋଡ଼ିଙ୍ଗା ପଞ୍ଚାୟତର ବୋରଗାଁ ଗ୍ରାମର ସୁବାସ ଗଣ୍ଡ ତା'ର ସ୍ତ୍ରୀ ମନେଇ ଗଣ୍ଡ ଓ ପିଲାଙ୍କୁ ନେଇ ଗତ ଶନିବାର ଏକ ବିବାହ ଭୋଜିରେ ଯୋଗ ଦେଇଥିଲା। ତେବେ ସେଠାରୁ ଘରକୁ ଫେରିବା ପରେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସୁବାସ କଳି ଝଗଡ଼ା କରିଥିଲା। ପରେ ଏହି ଝଗଡ଼ା ଗୁରୁତର ରୂପ ନେଇଥିଲା। କ୍ରୋଧାନ୍ୱିତ ହୋଇ ସୁବାସ ମନେଇକୁ ପିଟି ପିଟି ହତ୍ୟା କରିଥିଲା। ଏଥିସହ ପ୍ରମାଣ ନଷ୍ଟ କରିବା ସକାଶେ ସେ ତୁରନ୍ତ ମନେଇର ମୃତଦେହକୁ ରାତିରେ ଘର ପାଇଖାନା ଟାଙ୍କିରେ ପକାଇଦେଇଥିଲା। ତେବେ ଏସବୁକିଛି ୪ ବର୍ଷର ପୁଅ ଦେଖୁଥିଲା। ସେ ପରଦିନ ପଡ଼ୋଶୀଙ୍କୁ ଏ ସମ୍ପର୍କରେ କହିବାରୁ ଗ୍ରାମବାସୀ ସୁବାସକୁ ଏ ସମ୍ପର୍କରେ ପଚରାଉଚରା କରିଥିଲେ। ଖବର ପାଇ ରାଇଘର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାଇଖାନା ଟାଙ୍କିରୁ ଶବ ଉଦ୍ଧାର କରିବା ସହ ସୁବାସକୁ ଅଟକ ରଖିଛି। ଏନେଇ ଏକ ମାମଲା ରୁଜୁ କରିବା ସହ ପୁଲିସ୍ ତାକୁ ପଚରାଉଚରା ଜାରି ରଖିଥିବା ଜଣାପଡ଼ିଛି।

### ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା

## ବିଚାର ବିଭାଗୀୟ ତଦନ୍ତ ଆରମ୍ଭ

କଟକ, ୧୩।୪ (ସଂଚାର ବ୍ୟୁରୋ) : କଟକ ଏସସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଜଣେ ପୂର୍ବତନ ବିଚାରପତିଙ୍କ ଦ୍ୱାରା ଆଜିଠୁ ତଦନ୍ତ ଆରମ୍ଭ ହୋଇଛି। ଗତ ମାର୍ଚ୍ଚ ୧୬ ତାରିଖରେ ଏସସିବି ମେଡିକାଲ ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟି ୧୨ ଜଣ ରୋଗୀଙ୍କ ଜୀବନ ଯାଇଥିଲା। ତଦନ୍ତ କମିଶନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଛି। ଏନେଇ ସେ କହିଛନ୍ତି ଯେ ଆମେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କଲୁ। ସେମାନଙ୍କଠାରୁ ଘଟଣା ସମ୍ପର୍କରେ ରିପୋର୍ଟ ମଗାଯାଇଛି। ତଦନ୍ତରେ ଯେଉଁ ବ୍ୟକ୍ତିଙ୍କର ଆବଶ୍ୟକତା ଅନୁଭବ ହେବ, ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ ସାଧାରଣ ଜନତାଙ୍କଠାରୁ ସତ୍ୟପାଠ ଆହ୍ୱାନ କରାଯିବ। ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ଭିତରେ ସତ୍ୟପାଠ ଦାଖଲ କରିପାରିବେ ସାଧାରଣ ଜନତା। ତଦନ୍ତ ବେଳେ କୌଣସି ଦିଗକୁ ବାଦ୍ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

### ନୂଆ ଅବକାରୀ ନୀତି କାର୍ଯ୍ୟକାରୀ ନେଇ ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

## ବେଆଇନ ମାଦକ ଦ୍ରବ୍ୟ କାରବାର ରୋକ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରଣୟନ ସହ ଏହାକୁ ସଠିକ୍ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।



ନୂଆ ମଦ ଦୋକାନ ଖୋଲିବା କିମ୍ବା ଅଧିକ ମଦ ବିକ୍ରି କରିବା କେବେ ବି ରାଜ୍ୟ ସରକାରଙ୍କ ପ୍ରାଧାନ୍ୟ ନୁହେଁ। ସରକାର ମଦ୍ୟପାନକୁ ନିରୁତ୍ସାହିତ କରିବା ପାଇଁ ଅତିରିକ୍ତ ଡି-ଆଡିକ୍ସନ୍ ସେସ୍ ଲଗାଇବା ପାଇଁ ଯୋଜନା କରିଛନ୍ତି। ଏହାଦ୍ୱାରା ମଦ୍ୟପାନ ନ କରିବା ପାଇଁ ଏକ ସଚେତନତା ବାର୍ତ୍ତା ପ୍ରସାର କରିହେବ। ଏଥିସହ ପୂର୍ବରୁ ଥିବା ଏମ୍‌ଜିକ୍ୟୁ ବ୍ୟବସ୍ଥାକୁ ଉଚ୍ଛେଦ କରି ଏମ୍‌ଜିଇଆର୍ ବ୍ୟବସ୍ଥା ଲାଗୁ ହେବା ଫଳରେ ସର୍ବନିମ୍ନ ମଦ ବିକ୍ରି ପାଇଁ ଡିଲରଙ୍କ ଉପରେ ଥିବା ଚାପ ବି ହ୍ରାସ ପାଇବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ବେଆଇନ ମଦ କାରବାର ଯୋଗୁଁ କେବଳ ଧନଜୀବନ ହାନି ହେଉନାହିଁ, ବରଂ ରାଜସ୍ୱ ହାନି ହେଉଛି। ତେଣୁ ଏହି ବେଆଇନ ନିଶା ତଥା ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ମଦ ଦୋକାନ ଆବଣ୍ଟନ ବେଳେ ଇ-ଲଟେରୀ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଅବକାରୀ ବ୍ୟବସ୍ଥାରେ ସୁଧାର ଦ୍ୱାରା ବେଆଇନ କାରବାର ରୋକାଯିବା ସହ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ ବୋଲି ଶ୍ରୀ ହରିଚନ୍ଦନ ଆଶା କରିଛନ୍ତି।

**ଏମ୍‌ଜିକ୍ୟୁ ବଦଳରେ ଏମ୍‌ଜିଇଆର୍ ବ୍ୟବସ୍ଥା ଲାଗୁ**

## ମାନସ ମଙ୍ଗରାଜ ବିଜେଡି ସଂସଦୀୟ ଦଳ ନେତା

- ସୁଲତା ଦେଓ ଉପନେତା ସହ ମୁଖ୍ୟ ସଚେତକ
- ଉଭୟଙ୍କୁ ଶଙ୍ଖ ଭବନରେ ଶୁଭେଚ୍ଛା
- ରାଜ୍ୟସଭାରେ ଶାଣିତ ହେବ ବିଜେଡି ସ୍ୱର



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ସାଂସଦ ମାନସ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳର ନେତା ଓ ସୁଲତା ଦେଓଙ୍କୁ ସଂସଦୀୟ ଦଳର ଉପନେତା ତଥା ମୁଖ୍ୟ ସଚେତକ ଭାବେ ମନୋନୀତ ହୋଇଛନ୍ତି। ଏ ସମ୍ପର୍କରେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ନବୀନ ପଟ୍ଟନାୟକ ଅବଗତ କରିଛନ୍ତି। ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ଗୁରୁଦାୟିତ୍ୱ ଦେଇଥିବାରୁ ଉଭୟ ସାଂସଦ ସଭାପତିଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

ସଂସଦୀୟ ଦଳ ନେତା ହେବା ପରେ ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ପ୍ରଦୀପ ଅମାତ, ମାନସ ଓ ସୁଲତାଙ୍କୁ ସ୍ୱାଗତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ। ସାମ୍ବାଦିକଙ୍କୁ ସମ୍ବୋଧନ କରି ମାନସ କହିଥିଲେ ଯେ ବିଜେଡି ସାଂସଦମାନେ ନିଷ୍ଠାର ସହ ରାଜ୍ୟର ହିତ ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗ ଉଠାଇଆସୁଛନ୍ତି। ବିଜେଡି ସାଂସଦଙ୍କ ପ୍ରଦର୍ଶନ ଓ ଶୃଙ୍ଖଳା ସଂସଦରେ ସବୁ ସମୟରେ ଆଦୃତ ହୋଇଛି। ଆଗାମୀ ଦିନରେ ମଧ୍ୟ ରାଜ୍ୟର ହିତରେ ବିଭିନ୍ନ ପ୍ରସଙ୍ଗରେ ବିଜେଡି ସାଂସଦଙ୍କ ସ୍ୱର ନିଶ୍ଚିତ ଭାବେ ଶାଣିତ ରହିବ।

ସୁଲତା ଦେଓ କହିଥିଲେ ଯେ ଦଳର ନେତା ତାଙ୍କୁ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି, ଜଣେ ଦାୟିତ୍ୱବାନ ସୈନିକ ହିସାବରେ ସେ ତାହାକୁ ନିଷ୍ଠାର ସହ ତୁଲାଇଆସିଛନ୍ତି। ଏବେ ନୂଆ ଦାୟିତ୍ୱକୁ ମଧ୍ୟ ମୁଁ ନିଷ୍ଠାର ସହ ତୁଲାଇବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଶଙ୍ଖ ଭବନରେ ନୂଆ ସଂସଦୀୟ ଦଳ ନେତା ଓ ଉପନେତାଙ୍କୁ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ ଅମାତ, ବିଜେଡି ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଛାତ୍ର ବିଜେଡି ସଭାନେତ୍ରୀ ଈପ୍ସିତା ସାହୁ ଉଭୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

## ବିଲ୍ ବକେୟା ଥିଲେ ବି ଖରାଦିନରେ ବିଦ୍ୟୁତ୍ ସଂଯୋଗ କଟିବନି



ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ) : ୨୦୨୬ର ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ମୌସୁମୀ ଆସିବା ପର୍ଯ୍ୟନ୍ତ ବକେୟା ବିଦ୍ୟୁତ୍ ବିଲ୍ ଥିଲେ ମଧ୍ୟ କୌଣସି ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଲ୍ ପୈଠ ନକରିବା କାରଣରୁ କୌଣସି ବି ଡ଼ିସକମ୍ ଦ୍ୱାରା ଘରୋଇ ଗ୍ରାହକଙ୍କ ଅଘୋଷିତ ବିଦ୍ୟୁତ୍ କାଟ୍ କରାଯାଇ ପାରିବ ନାହିଁ। କେବଳ ଅତ୍ୟାବଶ୍ୟକ ମରାମତି କିମ୍ବା ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସାମୟିକ ଭାବେ ବିଦ୍ୟୁତ୍ କାଟ୍ ହୋଇପାରିବ। ଏହି ସମସ୍ତ ପୂର୍ବ ନିର୍ଦ୍ଧାରିତ ବିଦ୍ୟୁତ୍ କାଟ୍ ବିଷୟରେ ଗ୍ରାହକମାନଙ୍କୁ ଏସଏମଏସ ଆଲର୍ଟ ଏବଂ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ ମାଧ୍ୟମରେ ଆଗୁଆ ସୂଚନା ଦେବା ବାଧ୍ୟତାମୂଳକ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଶକ୍ତି ବିଭାଗ ଏବଂ ଡିଷ୍ଟ୍ରିବ୍ୟୁସନ କମ୍ପାନୀଗୁଡ଼ିକୁ ସେମାନଙ୍କ କର୍ମଚାରୀମାନଙ୍କୁ ଏହି ନିର୍ଦ୍ଦେଶ ବିଷୟରେ ଅବଗତ କରାଇବାକୁ ଅନୁରୋଧ କରିଛନ୍ତି। ଏହି ଘୋଷଣାର କଡ଼ାକଡ଼ି ଅନୁପାଳନ ନିଶ୍ଚିତ କରିବା ପାଇଁ ଏକ ଦୃଢ଼ ମନିଟରିଂ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘରୋଇ ଗ୍ରାହକମାନେ ଆଶ୍ୱସ୍ତି ପାଇପାରିବେ। ଏହି ସମସ୍ତ ନିର୍ଦ୍ଦେଶାବଳିକୁ କାର୍ଯ୍ୟକାରୀ କରିବା ଏବଂ ସମୀକ୍ଷା କରି ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ପାରାଦୀପ ବନ୍ଦରରେ ଇରାନ ତେଲ ଜାହାଜ



ପାରାଦୀପ, ୧୩।୪ (ସଂଚାର ବ୍ୟୁରୋ): ଇରାନର ତେଲ ବୋଝେଇ ଟ୍ୟାଙ୍କର 'ଜୟା' ସୋମବାର ପାରାଦୀପ ବନ୍ଦର ନିକଟରେ ଲଙ୍ଗର ପକାଇଛି। ବିଶାଳ ତୈଳବାହୀ ଟ୍ୟାଙ୍କର 'ଜୟା'ରେ ପ୍ରାୟ ୨ ନିୟୁତ ବ୍ୟାରେଲ ପରିମାଣର ଅଶୋଧିତ ତୈଳ ରହିଛି। ଗତ ଫେବ୍ରୁଆରୀ ଶେଷ ଭାଗରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଏହା ଖାର୍ଗ ଦ୍ୱୀପରୁ ଯାତ୍ରା ଆରମ୍ଭ କରିଥିଲା। ନ୍ୟାସନାଲ ଇରାନୀ ଟ୍ୟାଙ୍କର୍ କମ୍ପାନୀର ମାଲିକାନାରେ ଥିବା ଆଉ ଏକ ବିଶାଳ ଅଶୋଧିତ ତୈଳ ଟ୍ୟାଙ୍କର୍ 'ଫେଲିସିଟି' ରବିବାର ବିଳମ୍ବିତ ରାତିରେ ଗୁଜରାଟର ସିକ୍କା ବନ୍ଦରରେ ଅଟକିଥିଲା। ଏହା ମାର୍ଚ୍ଚ ମଧ୍ୟଭାଗରେ ଇରାନର ଖାର୍ଗ ଦ୍ୱୀପରୁ ଭାରତ ଅଭିମୁଖେ ପ୍ରାୟ ଦୁଇ ନିୟୁତ ବ୍ୟାରେଲ୍ ତେଲ ନେଇ ବାହାରିଥିଲା।

# କେବଳ ହିତାଧିକାରୀ ନୁହେଁ, ନୀତି ନିର୍ମାତା ସାଜିବେ ନାରୀ

ଭୁବନେଶ୍ୱର, ୧୩।୪ (ସଂଚାର ବ୍ୟୁରୋ) : ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୩ ବର୍ତ୍ତମାନ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଦେଶରେ ପାଖାପାଖି ୫୦ ପ୍ରତିଶତ ମହିଳା ରହିଥିବା ବେଳେ ସେମାନଙ୍କୁ କେବଳ ହିତାଧିକାରୀ ଭାବେ ସୀମିତ ନ ରଖି ଦେଶର ନୀତି ନିର୍ମାତା ଭାବରେ ଭୂମିକା ନିର୍ବାହ କରିବାକୁ ଏହି ଅଧିନିୟମ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ବିଗତ ଦିନରେ ଅନେକ

### ରାଜଧାନୀରେ ଅପରାଜିତାଙ୍କ ବିଶାଳ ପଦଯାତ୍ରା



ସରକାର ମହିଳାଙ୍କୁ ଆରକ୍ଷଣ ନେଇ ଅନେକ ବଡ଼ ବଡ଼ କଥା କହିଥିବା ବେଳେ ସଂସଦଠାରୁ ଆରମ୍ଭ କରି ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଜୋର୍‌ସୋରରେ ଅଣ୍ଟା ଭିଡ଼ିଛି ବର୍ତ୍ତମାନ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର। ଏହି ଅଧିନିୟମକୁ ଦୃଢ଼ ସମର୍ଥନ ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସୋମବାର ଅପରାହ୍ନରେ ଅଧିନିୟମ ସମର୍ଥନରେ ସାଂସଦଙ୍କ ନେତୃତ୍ୱରେ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଏକତ୍ରିତ ହେବା ସହ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରୁ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଏହି ବିଶାଳ ମହିଳା ପଦଯାତ୍ରାକୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ନିକଟରେ ବହୁ ବରିଷ୍ଠ ବିଜେପି ନେତା ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ତେବେ ଭାରତର ନାରୀ ଶକ୍ତିକୁ ଦେଶର ବିକାଶ ପାଇଁ ନୀତି ନିର୍ଣ୍ଣାୟକ ଭାବେ ପ୍ରମୁଖ ଭୂମିକା ନିର୍ବାହ କରିବାକୁ ସରକାରଙ୍କ ଏହି ଅଧିନିୟମ ଲାଗୁ କରିବା ପାଇଁ ବିଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଯୋଜନା ଲାଗୁ କରି ପୃଷ୍ଠଭୂମି ପ୍ରସ୍ତୁତ କରାଯାଇଛି। ବେଟି ବଚାଓ, ବେଟି ପଢ଼ାଓ ଅଭିଯାନ ଦ୍ୱାରା ଦେଶରେ ଏକ ସକାରାତ୍ମକ ପରିବର୍ତ୍ତନ ଆସିବା ସହ ମାଧ୍ୟମିକ ସ୍ତରରେ ଝିଅମାନଙ୍କ ନାମଲେଖା ହାର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ଭବିଷ୍ୟତ ଆର୍ଥିକ ସୁରକ୍ଷା ପାଇଁ ସୁକନ୍ୟା ସମୃଦ୍ଧି ଯୋଜନାରେ ଆକାଉଣ୍ଟ୍ ଖୋଲି ସାମିଲ ହୋଇଛନ୍ତି ୪.୬ କୋଟିରୁ ଊର୍ଦ୍ଧ୍ୱ ମହିଳା। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମାଧ୍ୟମରେ ୪.୨୭ କୋଟିରୁ ଅଧିକ ମହିଳାଙ୍କୁ ପୁଷ୍ଟିକର ସହାୟତା, ପୋଷଣ ୨.୦ ଅନ୍ତର୍ଗତ ୧୪ ଲକ୍ଷରୁ ଅଧିକ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ୮.୯୭ କୋଟି ହିତାଧିକାରୀଙ୍କୁ ସେବା ପ୍ରଦାନ ଭଳି ପ୍ରୟାସ, ମହିଳାଙ୍କ ସ୍ୱାସ୍ଥ୍ୟ ଓ ମାତୃ ମୃତ୍ୟୁ ହାର କମାଇବା ଦିଗରେ ବେଶ୍ ଫଳପ୍ରଦ ହୋଇଛି। ମହିଳାମାନଙ୍କୁ ଆର୍ଥିକ ରୂପରେ ସଶକ୍ତ କରିବାରେ ମଧ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ବେଶ୍ ଫଳପ୍ରଦ ହୋଇଛି। ମହିଳାଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାଙ୍କୁ ମାଲିକାନା ସହ ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜଳ ଜୀବନ ମିଶନ ଆଦି ଯୋଜନା ମହିଳାଙ୍କୁ ସଶକ୍ତ କରିଛି। ବିଗତ ଦିନର ଏହିସବୁ ଆଧାରକୁ ଭିତ୍ତି କରି ନାରୀ ଶକ୍ତି ବନ୍ଦନ ଅଧିନିୟମ ଲାଗୁ ହେବା ପରେ ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଯୋଜନାମାନ ଅଧିକ ପ୍ରଭାବଶାଳୀ ହୋଇପାରିବ ବୋଲି ଦୃଢ଼ୋକ୍ତି କରିଛନ୍ତି ଶ୍ରୀମତୀ ଷଡ଼ଙ୍ଗୀ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

### ଗହମ ରପ୍ତାନି ଉପରେ ୪ ବର୍ଷର କଟକଣା କୋହଳ

# ଚଳିତ ବର୍ଷ ରପ୍ତାନି ପାଇଁ ଅନୁମତି



ନୂଆଦିଲ୍ଲୀ,୧୩।୪ः ଚାରି ବର୍ଷର ବ୍ୟବଧାନ ପରେ ଭାରତ ସରକାର ଗହମ ରପ୍ତାନି ଉପରୁ କଟକଣା ପ୍ରତ୍ୟାହାର କରିଛନ୍ତି। ଫଳରେ ଭାରତରୁ ଗହମ ନେବା ଲାଗି ଆଗ୍ରହ ଦେଖାଉଥିବା ଦେଶର ତାଲିକା ଲମ୍ବା ହେବାରେ ଲାଗିଛି। ଇଜିପ୍ଟ, ଇଣ୍ଡୋନେସିଆ, ମିଆଁମାର ଓ ବାଂଲାଦେଶ ଭାରତ ଗହମ କିଣିବାକୁ ଚାହୁଁଛନ୍ତି। ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ଖୁବ୍‌ଶୀଘ୍ର ଗହମ କୋଟା ଜାରି କରିବାକୁ ଯାଉଛି।

ଭୂରାଜନୈତିକ ସଙ୍କଟ ଦୃଷ୍ଟିରୁ ଚଳିତ ବର୍ଷ ଗହମ ରପ୍ତାନି ଉତ୍ସାହଜନକ ରହିବା ଆଶା କରାଯାଉଛି। ଚଳିତ ବର୍ଷ ଫେବୃଆରିରେ ୨.୫ ନିୟୁତ ଟନ୍ ଶସ୍ୟ ଓ ଅତିରିକତ ୦.୫ ନିୟୁତ ଟନ୍ ପ୍ରକ୍ରିୟାକୃତ ଗହମ ରପ୍ତାନି କରିବାକୁ ସରକାର ଅନୁମତି ଦେଇଥିଲେ। ରେକର୍ଡ ପରିମାଣର ଉତ୍ପାଦନ ହେବା ଓ ଭଣ୍ଡାରରେ ବହୁ ଗହମ ଥିବାରୁ ସରକାର ରପ୍ତାନି କରିବାକୁ କହିଥିଲେ। ବାଂଲାଦେଶକୁ ଟନ ପିଛା ୨୭୫-୨୮୦ ଡଲାରରେ ରପ୍ତାନି ହେବା ସମ୍ଭାବନା ରହିଛି। ମାଲ ଭଡ଼ାକୁ ମିଶାଇ ଏହି ଦର ରପ୍ତାନିକାରୀମାନଙ୍କ ପାଇଁ ଲାଭଦାୟକ ଓ ପ୍ରତିଯୋଗିତାମୂଳକ ମଧ୍ୟ। ନିକଟରେ ହୋଇଥିବା ଅଦିନିଆ ବର୍ଷାରେ ଗହମ ଫସଲ ପ୍ରଭାବିତ ହୋଇଥିବାରୁ ଗୁଣାତ୍ମକ ମାନକୁ ନେଇ କିଛିଟା ସମସ୍ୟା ରହିଛି ବୋଲି ରୋଲର ଫ୍ଲୋର ମିଲର୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ସଭାପତି ନବନୀତ ଚିତ୍ତଲାଙ୍ଗିଆ କହିଛନ୍ତି। ଗହମ ରପ୍ତାନିରେ ଚୀନ ପଛକୁ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୨ରେ ଅମଳ କମିବା ଓ ଉଚ୍ଚ ମୁଦ୍ରାସ୍ଫୀତି ହାରକୁ ନଜରରେ ରଖି ସରକାର ଗହମ ରପ୍ତାନି ଉପରେ କଟକଣା ଲଗାଇଥିଲେ।

ତେବେ ଚଳିତ ବର୍ଷ ଏପ୍ରିଲ୍ ବେଳକୁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଭଣ୍ଡାରରେ ୨୨ ନିୟୁତ ଟନ୍ ଗହମ ରହିଛି ଯାହା ଆବଶ୍ୟକ ୭.୪୬ ନିୟୁତ ଟନ୍‌ଠାରୁ ଯଥେଷ୍ଟ ଅଧିକ। ଖୁଚୁରା ବଜାର ମୂଲ୍ୟରେ ସ୍ଥିରତା ବଜାୟ ରଖିବାରେ ତାହା ବିଶେଷ ସହାୟକ ହୋଇପାରିବ। ଭାରତରେ ଏବେ ଗହମର ହାରାହାରି ମୂଲ୍ୟ କେଜି ପିଛା ୩୦.୮୧ ଟଙ୍କା ରହିଛି।

୨୦୨୪-୨୫ରେ ୧୧୭ ନିୟୁତ ଟନ୍ ଗହମ ଉତ୍ପାଦନ ହୋଇଥିଲା। ୨୦୨୫-୨୬ରେ ଉତ୍ପାଦନ ୧୨୦ ନିୟୁତ ଟନ୍ ହେବ ବୋଲି କୃଷି ମନ୍ତ୍ରଣାଳୟ ଆକଳନ କରିଛି। ଆଲୋଚ୍ୟ ବର୍ଷରେ ୩ ପ୍ରତିଶତ ଅଧିକ ଜମିରେ ଗହମ ଚାଷ ହୋଇଛି। କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନଙ୍କ କହିବାନୁସାରେ ଅଦିନିଆ ବର୍ଷା ଓ ତୁଷାରପାତ ଦ୍ୱାରା ୦.୨୪ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ଅଧିକ ପ୍ରଭାବିତ ହୋଇଛି ଗହମ। କେନ୍ଦ୍ର ସରକାର ଚଳିତ ବର୍ଷ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରୁ ୩୦ ନିୟୁତ ଟନ୍ ଗହମ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗହମ କ୍ୱିଣ୍ଟାଲ ପିଛା ୨୫୮୫ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି।




## ମାତ୍ର ୩ ଦିନ ପରେ ବନ୍ଦ ହୋଇଯାଇପାରେ ଆପଣଙ୍କ ପିଏନବି ବ୍ୟାଙ୍କ ଆକାଉଣ୍ଟ

ନୂଆଦିଲ୍ଲୀ,୧୩।୪ः ଯଦି ଆପଣ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ର ଗ୍ରାହକ, ତେବେ ଏହି ଖବର ଆପଣଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଆଲର୍ଟ ଅନୁଯାୟୀ, ଆସନ୍ତା ୧୬ ଏପ୍ରିଲରୁ ଅନେକ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହେବାକୁ ଯାଉଛି। ଯଦି ଆପଣଙ୍କର ମଧ୍ୟ ଏମିତି କିଛି ଆକାଉଣ୍ଟ ଅଛି ଯେଉଁଥିରେ ଦୀର୍ଘ ଦିନ ହେବ କୌଣସି କାରବାର ହୋଇନାହିଁ, ତେବେ ଆପଣଙ୍କ ପାଖରେ ସମୟ ଖୁବ୍ କମ୍ ଅଛି। ପିଏନବି ପକ୍ଷରୁ ସ୍ପଷ୍ଟ କରାଯାଇଛି କି, ଯେଉଁ ଖାତାଧାରକମାନେ ବିଗତ ୩ ବର୍ଷ ଧରି ନିଜ ଆକାଉଣ୍ଟରୁ କୌଣସି ପ୍ରକାରର କାରବାର କରିନାହାନ୍ତି ଏବଂ ସେହି ଖାତାରେ ଜିରୋ ବାଲାନ୍ସ ରହିଛି, ସେହିଭଳି ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଦିଆଯିବ। ଏଥିପାଇଁ ବ୍ୟାଙ୍କ ୧୫ ଏପ୍ରିଲକୁ ଶେଷ ସମୟ ସୀମା ବା ଡେଡ୍‌ଲାଇନ ଭାବେ ଧାର୍ଯ୍ୟ କରିଛି। ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ନିଷ୍କ୍ରିୟ ଖାତାଗୁଡ଼ିକରୁ ହେଉଥିବା ସମ୍ଭାବ୍ୟ ଜାଲିଆତି ବା ଫ୍ରଡ୍‌କୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ବ୍ୟବହାର ହେଉନଥିବା ଜିରୋ ବାଲାନ୍ସ ଖାତାଗୁଡ଼ିକର ଅପବ୍ୟବହାର ହେବାର ସମ୍ଭାବନା ଅଧିକ ଥାଏ, ତେଣୁ ଗ୍ରାହକଙ୍କ ସୁରକ୍ଷା ପାଇଁ ବ୍ୟାଙ୍କ ଏହାକୁ ଡି-ଆକ୍ଟିଭେଟ୍ କରିବାକୁ ଯାଉଛି। ଆପଣଙ୍କ ବ୍ୟାଙ୍କ ଖାତାକୁ ବନ୍ଦ ହେବାରୁ ରୋକିବା ପାଇଁ ଆପଣଙ୍କୁ ତୁରନ୍ତ ଏହି ପଦକ୍ଷେପ ନେବାକୁ ପଡ଼ି। ୧୫ ଏପ୍ରିଲ ପୂର୍ବରୁ ଆପଣଙ୍କର ନିକଟସ୍ଥ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖାକୁ ଯାଆନ୍ତୁ। ସେଠାରେ ଆବଶ୍ୟକୀୟ ଦସ୍ତାବେଜ ଦେଇ ଆପଣଙ୍କର କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରନ୍ତୁ। ଆକାଉଣ୍ଟକୁ ସକ୍ରିୟ ରଖିବା ପାଇଁ କିଛି ଟଙ୍କା ଜମା କରନ୍ତୁ କିମ୍ବା ଉଠାଣ କରନ୍ତୁ। ଯଦି ଆପଣ ଧାର୍ଯ୍ୟ ସମୟ ମଧ୍ୟରେ ଏହି କାମ ନକରନ୍ତି, ତେବେ ୧୬ ଏପ୍ରିଲରେ ବ୍ୟାଙ୍କ ବିନା କୌଣସି ସୂଚନାରେ ଆପଣଙ୍କ ଆକାଉଣ୍ଟକୁ ବନ୍ଦ କରିଦେବ। ଅଧିକ ସୂଚନା ପାଇଁ ତୁରନ୍ତ ବ୍ୟାଙ୍କ ବ୍ରାଞ୍ଚ ସହିତ ଯୋଗାଯୋଗ କରନ୍ତୁ।

## ୧,୬୦୦ ପଏଣ୍ଟକୁ ଖସିଲା ସେନସେକ୍ସ

ନୂଆଦିଲ୍ଲୀ, ୧୩।୪ः ବଢ଼ିଲା ଅଶୋଧିତ ତୈଳ ଦର, ଖସିଲା ସେନସେକ୍ସ। ଆମେରିକା-ଇରାନ ଆଲୋଚନା ବିଫଳ ହେବା ପରେ ସେନସେକ୍ସ ଡାଉନ୍। ୧,୬୦୦ ପଏଣ୍ଟ ହ୍ରାସ ପାଇଲା ସେନସେକ୍ସ। ନିଫ୍ଟି ପ୍ରାୟ ୨% ତଳକୁ ଖସିଛି। ଆଜି କାରବାର ଆରମ୍ଭରୁ ଭାରତୀୟ ସେୟାର ବଜାରରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହେବା ପରେ ମଧ୍ୟପ୍ରାଚ୍ୟରେ ଭୂ-ରାଜନୈତିକ ଉତ୍ତେଜନା ପୁଣି ବୃଦ୍ଧି ପାଇଛି। ଯାହାର ପ୍ରଭାବ ବଜାର ଉପରେ ପଡ଼ିଛି। S&P BSE ସେନସେକ୍ସ ୭୬ ହଜାର ୧୮୭.୪୧କୁ ହ୍ରାସ ପାଇଛି। NSE ନିଫ୍ଟି : ୨୩,୬୪୨.୧୫କୁ ହ୍ରାସ ପାଇଛି।

ବଜାର ଖୋଲିବାର ମାତ୍ର କିଛି ମିନିଟ୍ ମଧ୍ୟରେ ନିବେଶକଙ୍କ ପ୍ରାୟ ୮ ଲକ୍ଷ କୋଟି ଟଙ୍କା ବୁଡ଼ି ଯାଇଛି। ଏଣେ ଅଶୋଧିତ ତୈଳ ଦର ବୃଦ୍ଧି ହୋଇଛି। ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କାରେ ବ୍ରେଣ୍ଟ କ୍ରୁଡ୍ ଦର ୭% ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୨ ଡଲାର ଅତିକ୍ରମ କରିଛି। ସେହିପରି ଡଲାର ତୁଳନାରେ ଭାରତୀୟ ଟଙ୍କା ୪୯ ପଇସା ଦୁର୍ବଳ ହୋଇ ୯୩.୩୨ ରେ ପହଞ୍ଚିଛି। ସବୁଠାରୁ ଅଧିକ କ୍ଷତି ସହିଛନ୍ତି PSU ବ୍ୟାଙ୍କ, ରିଏଲିଟି ଏବଂ ଅଟୋ ମୋବାଇଲ୍ ସେକ୍ଟର।



## ବର୍ଷକରେ ୧.୫୩ ଲକ୍ଷ କୋଟିର ୧୦୦ ପ୍ରକଳ୍ପ ମଞ୍ଜୁର କରିଛି ରେଳବାଇ

ନୂଆଦିଲ୍ଲୀ, ୧୩।୪ः ୨୦୨୫-୨୬ ଆର୍ଥିକବର୍ଷରେ ଭାରତୀୟ ରେଳବାଇର ୧୦୦ ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଏହି ପ୍ରକଳ୍ପଗୁଡ଼ିକରେ ୧.୫୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି। ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। ରେଳ ମନ୍ତ୍ରାଳୟର ସୂଚନା ଅନୁଯାୟୀ ଏଥିରେ ରେକର୍ଡ ୬୦୦୦ କମିରୁ ଅଧିକ ରେଳ ନେଟୱର୍କ ସଂପ୍ରସାରଣ ରହିଛି। ରେଳ ସଂପ୍ରସାରଣ କ୍ଷେତ୍ରରେ ଏହା ଏକ ଐତିହାସିକ ମାଇଲଖୁଣ୍ଟ ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ୨୦୨୪-୨୫ ଆର୍ଥିକବର୍ଷର ତୁଳନାରେ ୨୦୨୫-୨୬ରେ ପ୍ରକଳ୍ପ ମଞ୍ଜୁରି ଓ ନିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ପ୍ରକଳ୍ପ ମଞ୍ଜୁରି ସଂଖ୍ୟାରେ ୫୬ ପ୍ରତିଶତ ଏବଂ ନିବେଶ କ୍ଷେତ୍ରରେ ୧୧୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି।

ନୂଆ ପ୍ରକଳ୍ପଗୁଡ଼ିକ ମଧ୍ୟରେ ନୂଆ ଲାଇନ, ଦୋହରୀକରଣ, ମଲ୍ଟିଟ୍ରାକିଂ କାର୍ଯ୍ୟ ଆଦି ରହିଛି। ରେଳବାଇ ସଂପ୍ରସାରଣ ପ୍ରକଳ୍ପଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରରେ ୧୭ ପ୍ରକଳ୍ପ, ବିହାରରେ ୧୧ ପ୍ରକଳ୍ପ, ଝାଡ଼ଖଣ୍ଡରେ ୧୦ ପ୍ରକଳ୍ପ ଏବଂ ମଧ୍ୟପ୍ରଦେଶରେ ୯ ପ୍ରକଳ୍ପ ରହିଛି। ୩୫ଟିରୁ ଅଧିକ ପ୍ରକଳ୍ପର ମୂଲ୍ୟ ୧୦୦୦ କୋଟି ଟଙ୍କାରୁ ଅଧିକ ରହିଛି। ରେଳ ଭିତ୍ତିଭୂମିରେ ବିକାଶ ଫଳରେ ଯାତ୍ରୀ ଏବଂ ମାଲ ପରିବହନରେ ଉନ୍ନତି ଆସିବ।



## ବିଶ୍ୱ ବଜାରରେ ନିଆଁ ଲଗାଇଲା ତେଲ ଦର, ୧୦୦ ଡଲାର ପାର୍ !




ନୂଆଦିଲ୍ଲୀ, ୧୩।୪ःତେଲ ଦର ୧୦୦ ଡଲାର ପାର୍ !। ବିଶ୍ୱ ବଜାରରେ ନିଆଁ ଲଗାଇଲା ତେଲ ଦର। ବ୍ୟାରେଲ ପିଛା ୧୦୦ ଡଲାର ପାର୍, ଭାରତ ଉପରେ ପଡ଼ିପାରେ ପ୍ରଭାବ। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହେବା ପରେ, ଆମେରିକା ଇରାନର ବନ୍ଦରଗୁଡ଼ିକୁ ଅବରୋଧ କରିବାକୁ ଘୋଷଣା କରିଛି। ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦% ତେଲ କାରବାର ହୁଏ। ଆମେରିକାର ସାମରିକ କଟକଣା ଯୋଗୁଁ ଏଠାରେ ଯୋଗାଣ ବାଧାପ୍ରାପ୍ତ ହେବାର ଭୟ ଦେଖାଦେଇଛି। ବ୍ରେଣ୍ଟ କ୍ରୁଡ୍ ଦର ପ୍ରାୟ ୮% ବଢ଼ି ବ୍ୟାରେଲ ପିଛା ୧୦୨ ଡଲାର ଏବଂ ଆମେରିକୀୟ WTI ଦର ୧୦୫ ଡଲାରରେ ପହଞ୍ଚିଛି। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଆମେରିକାକୁ ଥଟ୍ଟା କରି କହିଛନ୍ତି ଯେ, ଏହି ଅବରୋଧ ଯୋଗୁଁ ଆଗକୁ ତେଲ ଦର ଏତେ ବଢ଼ିବ ଯେ ଆମେରିକାର ଗ୍ରାହକମାନେ ପୁରୁଣା ଶସ୍ତା ଦରକୁ ଝୁରିବେ। ସେ ଏକ ଗାଣିତିକ ସୂତ୍ର ମାଧ୍ୟମରେ ସଂକେତ ଦେଇଛନ୍ତି ଯେ, ଅବରୋଧ ଯୋଗୁଁ ତେଲ ଦର ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇବ। ଭାରତ ଅଧିକାଂଶ କ୍ରୁଡ୍ ଅଏଲ୍ ବାହାରୁ ଆମଦାନୀ କରେ। ଯଦି ଆନ୍ତର୍ଜାତୀୟ ବଜାରରେ ଦର ଏଭଳି ବଢ଼ି ଚାଲେ, ତେବେ ଭାରତୀୟ ଟଙ୍କା ତୁଳନାରେ ଡଲାର ମହଙ୍ଗା ହୋଇପାରେ ଏବଂ ଦେଶରେ ପେଟ୍ରୋଲ-ଡିଜେଲ ଦର ବଢ଼ିବା ସହ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ଼ ହେବାର ଆଶଙ୍କା ରହିଛି।



## ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## 'ନାରୀ ଶକ୍ତି ବନ୍ଦନ ସମ୍ମିଳନୀ'



ନବରଙ୍ଗପୁର, ୧୩।୪ (ସଂଚାର ବ୍ୟୁରୋ): ଆଜି ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟା ସମ୍ମିଳନୀ ସଭାଗୃହରେ "ନାରୀ ଶକ୍ତି ବନ୍ଦନ ସମ୍ମେଳନ" ଅବସରରେ ବିଜ୍ଞାନ ଭବନ ଦିଲ୍ଲୀ ରୁ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଉପାଧ୍ୟକ୍ଷ ଶର୍ମିଷ୍ଠା ଦେଓ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏ ଡି ପି ଏଚ ଓ ଡ ମଳୟ ତ୍ରିପାଠୀ, ଡି ଆଇ ପି ଆର୍ ଓ ମନୋଜ ବେହେରା, ଏ ଡି ଇ ଓ ସୁପ୍ରିୟା ନାୟକ, ସମାଜ କଲ୍ୟାଣ ବିଭାଗର କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଓ ବହୁ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ।

## ରଙ୍ଗିନ ଆଲୋକ ମାଳାରେ ହସୁଛି ଉମାପଦା ଗାଁ ପୋଖରୀ



ଯାଜପୁର ରୋଡ଼,୧୩।୪(ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଓ୍ୱାର୍ଡ ନଂ-୧୬ ରେ ରହିଥିବା ଉମାପଦା ଗ୍ରାମର ରତନା ପୋଖରୀର ସୌନ୍ଦର୍ଯ୍ୟକୁ ଗ୍ରାମବାସୀ ମାନେ ଦ୍ୱିଗୁଣିତ କରିଛନ୍ତି। କଳିଙ୍ଗନଗର ଶିଳ୍ପାଂଚଳରେ ଥିବା ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ କାରଖାନା ସହଯୋଗରେ ପୋଖରୀ ମଝିରେ ବିଦ୍ୟୁତ ଚାଳିତ ପାଣି ପୁକାର ମେସିନ୍ ଲଗାଯାଇ ପାଣିରେ ସୁନ୍ଦର ଆଲୋକ ମାଳା ସୃଷ୍ଟି କରାଯାଉଛି। ପୋଖରୀ ତୁଠ କଡରେ "ଆଇ ଲଭ ଉମାପଦା" ଲେଖାଯାଇ ଲୋକଙ୍କ ଲାଗି ସେଲ୍ଫି ପ୍ଲେସ କରାଯାଇଛି। ଏସବୁକୁ କୋରେଇ ବିଧାୟକ ଶ୍ରୀ ଆକାଶଦାସ ନାୟକ ଉଦଘାଟନ କରିଥିବା ବେଳେ ପୋଖରୀ ଚାରିପାଖରେ ରହିଥିବା ବିଭିନ୍ନ ଦେବଦେବୀ ମାନଙ୍କର ମନ୍ଦିର ଗୁଡିକ ପାଇଁ ଏଠାକାର ଆଧ୍ୟାତ୍ମିକ ପରିବେଶ ଲୋକମାନଙ୍କୁ ଅଧିକ ଆକୃଷ୍ଟ କରୁଅଛି। ଏହି ଶୁଭଅବସର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିନ୍ଦଲ କାରଖାନା ୟୁନିଟ ହେଡ଼ ଦୀପକ ଅଗ୍ରୱାଲ, ବରିଷ୍ଠ ପ୍ରବନ୍ଧକ ମିହିର ଦାସ, ବ୍ୟାସନଗର କଂଗ୍ରେସ କମିଟି ସଭାପତି ଶ୍ରୀ ତପନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ହିଞ୍ଜିଳିରେ ନାରୀଶକ୍ତି ପଦଯାତ୍ରା




ହିଞ୍ଜିଳିକାଟୁ, ୧୩।୪(ସଂଚାର ବ୍ୟୁରୋ):ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ନାରୀ ସଶକ୍ତିକରଣକୁ ଉତ୍ସାହିତ କରିବା ପାଇଁ 'ନାରୀ ଶକ୍ତି ବନ୍ଦନ'ହିଞ୍ଜିଳିକାଟୁ ଠାରେ ପାଳିତ ହୋଇଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଥିବା ନାରୀ ମାନେ ସକାଳୁ ହିଞ୍ଜିଳି ବ୍ଲକ କାର୍ଯ୍ୟାଳୟ ଠାରେ ଏକତ୍ରିତ ହୋଇଥିଲେ। ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀଙ୍କ ତତ୍ତ୍ୱବଧାନରେ ଶହ ଶହ ନାରୀ ହିଞ୍ଜିଳି ବ୍ଲକ କାର୍ଯ୍ୟାଳୟ ଠାରୁ ବାହାରି ଚାଲିଚାଲି ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ସହର ବୁଲିଥିଲେ।ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ ଓ ମୁନିସିପାଲିଟି ଇଓ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ପରିଚାଳନାରେ ଡ଼ିଆରଡ଼ିଏ ପିଡି ସମୀର ଜେନା ଯୋଗ ଦେଇଥିବା ବେଳେ ହିଞ୍ଜିଳି ଭାରପ୍ରାପ୍ତ ବିଇଓ ଚାନ୍ଦିନୀ ପଣ୍ଡା ଓ ସିଡିପିଓ ବିଜୟ ଲକ୍ଷ୍ମୀ ପାଢ଼ୀ, ଡ଼ାକ୍ତର ସୋନାଲି ଗୁପ୍ତା,ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ସ୍ୱାଗତିକା ପାଣିଗ୍ରାହୀ,ବନରକ୍ଷୀ ମିତାରାଣୀ ବିଶ୍ୱାସରାୟ, ମୁନିସିପାଲିଟି ସିଇଓ ସ୍ନେହଲତା ମିଶ୍ର, ଅଙ୍ଗନବାଡି ଦିଦି ଚିନ୍ମୟୀ ସାହୁ,ସୁନିତା ପାଣିଗ୍ରାହୀ, ସୁଜତା ସାହୁ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚିତ ପ୍ରତିନିଧି, ଶିକ୍ଷାବିତ,ଉଦ୍ୟୋଗୀ ଓ ସମାଜସେବୀ ମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ଜିଲ୍ଲାସ୍ତରୀୟ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତା



ବାରିପଦା, ୧୩।୪ (ସଂଚାର ବ୍ୟୁରୋ): ବାରିପଦା ଛଉ ପଡ଼ିଆରେ ଚୈତ୍ର ପର୍ବ ଉପଲକ୍ଷେ ୧୧ ତାରିଖରେ ଜିଲ୍ଲାସ୍ତରୀୟ ଗ୍ରାମୀଣ ଛଉ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବ୍ଲକର ବାବା ଛଉ ନୃତ୍ୟ ପ୍ରତିଷ୍ଠାନର କଳାକାରମାନେ ଛଉ ନୃତ୍ୟ ପରିବେଷଣ କରି ହଜାରହଜାର ଦର୍ଶକଙ୍କ ମନ କିଣିବା ସହ ପ୍ରତିଯୋଗିତାରେ ପ୍ରଥମ ହୋଇ ୧୦ ହଜାର ଟଙ୍କା ପୁରସ୍କାର ଲାଭ କରିଛନ୍ତି । ସେହିଭଳି ଦ୍ୱିତୀୟ ସ୍ଥାନ ଦଖଲ କରିଛନ୍ତି ବାରିପଦାର ଦାନ୍ତିଆମୁହାଁର ବଡଯାମବଣି ଛଉ ନୃତ୍ୟ ପ୍ରତିଷ୍ଠାନ ଏବଂ ୭୦୦୦ ହଜାର ଟଙ୍କା ପୁରସ୍କାର ଲାଭ କରିଥିବା ବେଳେ ତୃତୀୟ ସ୍ଥାନ ବହଳଦା ବ୍ଲକର ଅଁଳାଯୋଡି ଗ୍ରାମର ବାମନପାଳ ଛଉ ନୃତ୍ୟ ପ୍ରତିଷ୍ଠାନ ୫୦୦୦ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ୱାଦଡା ଛଉ ନୃତ୍ୟ ପ୍ରତିଷ୍ଠାନର ଦେଶ ଗୁନିଆ ଶ୍ରେଷ୍ଠ ପୁରୁଷ କଳାକାର ଭାବେ ୩୦୦୦ ଟଙ୍କା ପୁରସ୍କୃତ ହୋଇଛନ୍ତି ଏବଂ ୱାଦଡା ଛଉ ନୃତ୍ୟ ପ୍ରତିଷ୍ଠାନର ଶ୍ରେଷ୍ଠ ମହିଳା କଳାକାର ଅର୍ଜନ କରି ୩୦୦୦ ଟଙ୍କା ପୁରସ୍କାର ଲାଭ କରିଛନ୍ତି ।

# କମ୍ୟୁନିଟି ମଣ୍ଡପ ନିର୍ମାଣକୁ ନେଇ ଛକାପଞ୍ଝା

### ● ମନ୍ଦିରରେ ହେଉଛି ରାଜନୀତି ଖେଳ ● ଗୋଟିଏ କାମ ପାଇଁ ଦୁଇ ସୂଚନା ଫଳକ





ଆନନ୍ଦପୁର, ୧୩।୪ (ସଂଚାର ବ୍ୟୁରୋ): ଘସିପୁରାରେ ମନ୍ଦିର କମ୍ୟୁନିଟୀ ମଣ୍ଡପ ନିର୍ମାଣକୁ ନେଇ ତେଜୁଛି ରାଜନୀତି। ଏହାକୁ କେନ୍ଦ୍ର କରି ବିଜେପି ଓ ବିଜେଡି ମଧ୍ୟରେ ଛକାପଞ୍ଝା ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ କର ପରିସ୍ଥିତି ସୃଷ୍ଟି ହୋଇଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ବରିପାଳ ପଂଚାୟତ ଅଧୀନ ନାରଙ୍ଗପୁର ଗ୍ରାମରେ ଅବସ୍ଥିତ ବିଶେଶ୍ୱରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର କମ୍ୟୁନିଟୀ ମଣ୍ଡପ ନିର୍ମାଣ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ପଂଚାୟତ ସମିତି ପକ୍ଷରୁ ୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। କିନ୍ତୁ କାମ ଆରମ୍ଭକୁ ନେଇ ଦୁଇ ରାଜନୈତିକ ଦଳ ମଧ୍ୟରେ ବିବାଦ ଜୋରଦାର ହୋଇଛି। ପ୍ରଥମେ ବିଜେପି ପକ୍ଷରୁ ସୂଚନା ଫଳକ ଲଗାଇ କାମ ଆରମ୍ଭ କରାଯାଇଥିବା ବେଳେ ପରେ ବିଜେଡି ମଧ୍ୟ ଅନ୍ୟ ଏକ ସୂଚନା ଫଳକ ଲଗାଇ କାମ ଆରମ୍ଭ କରିଛି। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ତିବ୍ର ତର୍କବିତର୍କ ଓ ଗୋଷ୍ଠୀ କନ୍ଦଳ ଦେଖାଦେଇଛି।

ଏପଟେ ମନ୍ଦିର ପୂଜକ ଜଗନ୍ନାଥ ପଣ୍ଡା ଏହାର କଡ଼ା ନିନ୍ଦା କରି କହିଛନ୍ତି, ଠାକୁରଙ୍କ ସ୍ଥାନରେ ରାଜନୀତି କରିବା ଅନୁଚିତ। ଏଭଳି କାର୍ଯ୍ୟ ମନ୍ଦିର ପରିବେଶକୁ ଦୂଷିତ କରୁଛି ବୋଲି ସେ କହିଛନ୍ତି। ଦୁଇ ଦଳର ଏହି ବିବାଦ ଫଳରେ ମନ୍ଦିର ପରିସରରେ ଖୋଲାଖୋଲି ହୋଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଏହାକୁ ନେଇ ମନ୍ଦିର ପକ୍ଷରୁ ଘସିପୁରା ବିଡିଓ ବିନିତା ବିଜୟିନୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଶାନ୍ତି ଓ ଶୃଙ୍ଖଳା ରକ୍ଷା କରି କିପରି କାମ ଆଗକୁ ବଢ଼ିବ, ସେଥିପାଇଁ ପ୍ରଶାସନଙ୍କ ହସ୍ତକ୍ଷେପ ଦାବି କରାଯାଇଛି। ଏପରି ପରିସ୍ଥିତିରେ ପୋଲିସର ସମୟରେ ଆଇନ ଶୃଙ୍ଖଳା ଅବସ୍ଥା ବିଗିଡ଼ି ପଡ଼ିବାର ଆଶଙ୍କା ରହିଛି। ତେବେ ଅଧିକାଂଶ ପଞ୍ଚାୟତରେ ଏଭଳି ପରିସ୍ଥିତି ଉପୁଜୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆଗକୁ କିପରି ଆଉ ନ ଘଟିବ ତାହା ଉପରେ କଡ଼ା ନଜର ରଖିବା ଆବଶ୍ୟକ ରହିଛି। ଘଟଣା ସମ୍ପର୍କରେ ଘସିପୁରା ବିଡ଼ିଓ କହିଛନ୍ତି ଏବେ କାମ ବନ୍ଦ ଅଛି। ମନ୍ଦିର ପୂଜକ କାମ କରିବାକୁ କହୁଥିଲେ। ଜେଇଙ୍କ ସହ କଥା ହୋଇ ଖୁବ୍ ଶୀଘ୍ର ଏହାର ସମାଧାନ କରି କାର୍ଯ୍ୟ ଆରମ୍ଭ କରାଯିବ।

## ଭାଙ୍ଗିବ ପୋଷ୍ଟ ଅଫିସ ଦୋକାନ ଘର

### ଶୀଘ୍ର ଖାଲି କରିବାକୁ ତହସିଲଦାରଙ୍କ ନୋଟିସ




ସୁନ୍ଦରଗଡ଼, ୧୩।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ମୁଖ୍ୟ ପୋଷ୍ଟ ଅଫିସ ସମ୍ମୁଖରେ ବେଆଇନ ଭାବେ ନିର୍ମାଣ ହୋଇଥିବା ତିନୋଟି ଘର ଭାଙ୍ଗିବ ତା ପୂର୍ବରୁ ଶୀଘ୍ର ଏହାକୁ ଖାଲି କରିବାକୁ ସଦର ତହସିଲଦାର ନୋଟିସ ଜାରୀ କରିଛନ୍ତି।

ସୂଚନାଯୋଗ୍ୟ ଯେ ଏନଟିପିସି ଡୁଲୀଙ୍ଗା ପାରିପାର୍ଶ୍ୱିକ ପାଣ୍ଠିରୁ ପୂର୍ବତନ ବିଧାୟିକା କୁସୁମ ଟେଟେଙ୍କ ପ୍ରସ୍ତାବ ଅନୁଯାୟୀ ୩୦ଲକ୍ଷ ବ୍ୟୟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଟଙ୍କା ବିନିଯୋଗ ହୋଇଥିଲା କିନ୍ତୁ ଜଣେ ବ୍ୟକ୍ତି ଅତି ଚତୁରତାର ସହ ମଣ୍ଡପକୁ ସଂଲଗ୍ନ କରି ତିନୋଟି ଦୋକାନ ଘର ବେଆଇନ ଭାବେ ନିର୍ମାଣ କରିଥିଲେ। ଏହାକୁ ନେଇ ଜଣେ ସଚେତନ ଯୁବକ ସୁବାସ ଚନ୍ଦ୍ର ରଣା ତତ୍କାଳୀନ ଜିଲ୍ଲାପାଳ ପରାଗ ହର୍ଷଦ ଗଭାଲି ଓ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ଜିଲ୍ଲାପାଳ କାର୍ଯ୍ୟନିର୍ବାହୀ ସଂସ୍ଥା ସଦର ବ୍ଲକ ନିର୍ଦ୍ଦେଶ ଦେଇ କାମ ବନ୍ଦ ସହ ଏହାର ବିଲ ଅଟକାଇ ରଖିଛନ୍ତି। ସେବେଠାରୁ ଏହି ନିର୍ମାଣ କାର୍ଯ୍ୟ ବନ୍ଦ ଥିବା ବେଳେ ଏହି ମଣ୍ଡପ ଅସମ୍ପୂର୍ଣ୍ଣ ରହିଛି। କିନ୍ତୁ ସମ୍ମୁଖରେ ଥିବା ଦୋକାନ ତିନୋଟିକୁ ସଟର ଲଗାଇ ମଣ୍ଡପ କାର୍ଯ୍ୟ ନିର୍ମାଣ କରୁଥିବା ବ୍ୟକ୍ତି ଜଣକ ଦୋକାନ ତିନୋଟିକୁ ଭଡା ଲଗେଇଛନ୍ତି।

ସଦର ବ୍ଲକକୁ ହସ୍ତାନ୍ତର ପୂର୍ବରୁ ଏହି ଭଡା ଲାଗିଥିବା ତିନୋଟି ଦୋକାନକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ ସଦର ତହସିଲଦାରଙ୍କୁ ଦୋକାନ ଖାଲି କରିବାକୁ ଚିଠି କରିବା ପରେ ତହସିଲଦାର ଦୋକାନ ଖୋଲିଥିବା ତିନି ଦୋକାନୀଙ୍କୁ ଦୋକାନ ଖାଲି କରିବାକୁ ନୋଟିସ ଜାରୀ କରିଛନ୍ତି।

## ଗୋପାଳପୁର ମହିମା ଆଶ୍ରମରେ ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ



ରାଜନଗର, ୧୩।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ସାନବଡ଼ ଗୋପାଳପୁର ଗ୍ରାମର ମହିମା ଆଶ୍ରମରେ ବିଶ୍ୱ ଶାନ୍ତି ପାଇଁ ଅଖଣ୍ଡ ବ୍ରହ୍ମ ଧ୍ୱନି ଯଜ୍ଞ ଉଦଯାପିତ ହୋଇଯାଇଛି । ମହିମା ଧର୍ମର ପରିବ୍ରାଜକ ସନ୍ଥ ନଟବର ବାବା, ସୁବ୍ରତ ବାବା, ଅନ୍ତର୍ଯ୍ୟାମୀ ବାବା, ଦୁଷ୍ମନ୍ତ ବାବା, ଶଙ୍କର ବାବା, ସୁକାନ୍ତ ବାବାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ଯଜ୍ଞର ଆୟୋଜନ କରାଯଇଥିଲା । ବିଶ୍ୱରେ ଲାଗିରହିଥିବା ମଧ୍ୟ ପ୍ରାଚୀର ଭୟବାହ ଯୁଦ୍ଧରେ ମାନବ ସମାଜର ହେଉଥିବା ଅପୂରଣୀୟ କ୍ଷୟ କ୍ଷତି ଭିତରେ ନିରୀହ ଶିଶୁ ମହିଳାଙ୍କ ଜୀବନ ଦୀପ ଲିଭିଯାଉଛି ତାହାର ପରିସମାପ୍ତି ହୋଇ ପୁଣି ଶାନ୍ତି ଫେରୁ, ପ୍ରାକୃତିକ ବିପର୍ଯ୍ୟୟ, ଅଗ୍ନି ଭୟ, ଚୋର ଭୟ ଦୂର ହୋଇ ସୁଖଶାନ୍ତି ଭିତରରେ ମଣିଷ ଜୀବନଯାପନ କରି ଆଧ୍ୟାତ୍ମିକ ଚେତନାରେ ନିଜକୁ ସମର୍ପଣ କରାଯିବା ମହତ ଉଦ୍ୟଶରେ ଏହି ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ କରାଯାଉଛି ବୁଲି ସନ୍ଥ ସୁବ୍ରତ ବାବା ପ୍ରକାଶ କରିଛନ୍ତି । ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଏହି ପବିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ସାଇବର ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ




ବାରିପଦା,୧୩।୪(ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଇବର ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ କୁମାର ନାୟକ ଓ ଜମ୍ବିରା ଫାଣ୍ଡି ଅଧିକାରୀ ସତ୍ୟରଞ୍ଜନ ଭୂୟାଁ ଯୋଗଦେଇ ସାଇବର ଠକ ମାନଙ୍କ ଠାରୁ କିପରି ନିଜକୁ ସୁରକ୍ଷିତ ରଖିବେ, ଅଜଣା ଲିଙ୍କରେ କ୍ଲିକ ନ କରିବା, ସୋସିଆଲ ମିଡ଼ିଆ ଆପରେ ଷ୍ଟ୍ରଙ୍ଗ ପାସୱାର୍ଡ ରଖିବା, ଅଜଣା ବ୍ୟକ୍ତିଙ୍କୁ ଓ ଟି ପି ନଦେବା ଉପରେ ଆଲୋକପାତ କରିଥିଲେ । ସାଇବର ଠକଙ୍କ ଦ୍ୱାରା ଶିକାର ହେଲେ ଟୋଲ ଫ୍ରି ନମ୍ବର ୧୯୩୦ ରେ ଫୋନକରି ଜଣାଇବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ତତସହିତ ବାଲ୍ୟ ବିବାହ ଆଇନ ଓ ସଡ଼କ ସୁରକ୍ଷା ସଚେତନତା ଉପରେ ଆଲୋଚନା କରିବା ସହ ଗୁଣିଗାରିଡି, ଡାହାଣୀ ଆଦି ଅନ୍ଧବିଶ୍ୱାସ ଠାରୁ ଦୁରେଇ ରହିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଗ୍ରାମରକ୍ଷୀ ତଥା ବିଶିଷ୍ଟ ସାହିତ୍ୟକାର ଅଜମ୍ବର ପୃଷ୍ଟି, ପୋଲିସ କନଷ୍ଟେବଳ ସୁନ୍ଦର ମାଝୀ, ବୀରେନ୍ଦ୍ର ହେମ୍ବ୍ରମ, କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ତରଫରୁ
## 'ପାରମ୍ପରିକ ଖାଦ୍ୟ ପାଇଁ ଦିନଟିଏ' ପାଳିତ



କେନ୍ଦ୍ରାପଡ଼ା,୧୩।୪(ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନ ଅବସରରେ "ପାରମ୍ପରିକ ଖାଦ୍ୟ ପାଇଁ ଦିନଟିଏ - ଆମ ରୁଚି, ଆମ ଖାଦ୍ୟ" କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତ ମହାସଂଘ ମାନଙ୍କ ତରଫରୁ ଓଡିଶା ଜୀବିକା ମିଶନ (ଓଏଲଏମ) ଏବଂ ମିଶନ ଶକ୍ତିର ସହଯୋଗରେ ସଫଳତାର ସହିତ ଜିଲ୍ଲାବ୍ୟାପୀ ଆୟୋଜିତ ହୋଇଛି।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ଗ୍ରାମୀଣ ମହିଳାମାନଙ୍କ ସଶକ୍ତିକରଣକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତ ମହାସଂଘ ସ୍ତରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚଜି) ମହିଳାମାନେ ସକ୍ରିୟ ଭାବେ ଭାଗନେଇ ବିଭିନ୍ନ ପାରମ୍ପରିକ ଓଡ଼ିଆ ଖାଦ୍ୟ ପଦାର୍ଥ ପ୍ରସ୍ତୁତ ଓ ପ୍ରଦର୍ଶନ କରିଥିଲେ।

ପଖାଳ, ଚକୁଳି, ମଣ୍ଡା ପିଠା, ଅରିସା, ଶାଗ ଭଜା, ଖେଚୁଡ଼ି ପରି ଲୋକପ୍ରିୟ ପାରମ୍ପରିକ ପଦାର୍ଥ ମାଧ୍ୟମରେ ଓଡ଼ିଆ ଖାଦ୍ୟର ସ୍ୱାଦ, ବିବିଧତା ଓ ପୌଷ୍ଟିକ ଗୁଣବତାକୁ ଉଜାଗର କରାଯାଇଥିଲା। ଉପସ୍ଥିତ ଜନସାଧାରଣ ଏହି ପଦାର୍ଥଗୁଡ଼ିକୁ ଖାଇ ଗ୍ରାମୀଣ ମହିଳାମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।

କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାରମ୍ପରିକ ଖାଦ୍ୟ ପ୍ରତି ଲୋକମାନଙ୍କ ଆଗ୍ରହ ବଢ଼ାଇବା, ଆମ ଆଦି ଖାଦ୍ୟ ଅଭ୍ୟାସକୁ ପୁନରୁଦ୍ଧାର କରିବା ସହ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବା। ଏହା ମାଧ୍ୟମରେ ମହିଳାମାନେ ନିଜ ପାକଶାଳା କୌଶଳ ପ୍ରଦର୍ଶନ କରିବା ସହ ସ୍ୱୟଂରୋଜଗାର ଓ ଆତ୍ମନିର୍ଭରତା ଦିଗରେ ଆଗେଇବାର ପ୍ରେରଣା ପାଇଥିଲେ।

ଏହି ପ୍ରୟାସ ଓଡ଼ିଆ ପାରମ୍ପରିକ ଖାଦ୍ୟର ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ଏକ ସାର୍ଥକ ପଦକ୍ଷେପ ରୂପେ ପରିଗଣିତ ହୋଇଥିବା ବେଳେ ଏହା ମାଧ୍ୟମରେ ସମାଜରେ ସାମୂହିକ ସଚେତନତା ସୃଷ୍ଟି ହୋଇଛି।

## ମାହାଙ୍ଗା ବ୍ଲକରେ ଜନଶୁଣାଣି



ମାହାଙ୍ଗା, ୧୩।୪ (ସଂଚାର ବ୍ୟୁରୋ): କଟକଜିଲ୍ଲା ମାହାଙ୍ଗା ବ୍ଲକ ପରିସରରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି,ଏହି ଜନଅଭିଯୋଗ ସୁନାଲିରେ ଜିଲ୍ଲାପାଳ ଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ ଯୋଗଦେଇ ଶିବିରକୁ ପରିଚଳନା କରିଥିଲେ,ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲାପାଳଙ୍କ ଏକ ଜନ ଶୁଣାଣି ଶିବିର ମାହାଙ୍ଗା ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳଙ୍କ ବଦଳରେ ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ ଏହି ଶିବିରକୁ ପରିଚାଳନା କରିଥିଲେ। ଏହି ଜନ ଶୁଣାଣି ଶିବିରଟି ସକାଳ ୭ଟାରୁ ଆରମ୍ଭ ହୋଇ ଦିନ ୧୦ଟା ପ୍ରର୍ଯ୍ୟନ୍ତ ଚାଲିଥିଲା । । ଅତିରିକ୍ତ ଜିଲ୍ଲାପାଳ ଙ୍କ ସହ ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତି ରହି ସମସ୍ତ ଅଭିଯୋଗ ର ଶୁଣାଣି କରି ସମାଧାନ କରିଥିଲେ । ତେବେ ମୋଟ ଏହି ଶିବିରକୁ ୧୫୦ଟି ଜନ ଅଭିଯୋଗ ପତ୍ର ଆସିଥିଲା ସେଥରୁ ୨୩ଟି ସାମୁହିକ ଓ ୧୨୭ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା ସେଥିମଧ୍ୟରୁ ୩୦ରୁ ଉର୍ଦ୍ଧ୍ୱ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଏବଂ ବାକି ଯାହା ଅଭିଯୋଗ ରହିଛି ତୁରନ୍ତ ବିଭିନ୍ନ ବିଭାଗ ଜରିଆରେ ସମାଧାନ କରାଯିବ ବୋଲି କଟକ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ।

## କଞ୍ଚରୁରେ ଜନଶୁଣାଣି ଶିବିର

ହିଞ୍ଜିଳିକାଟୁ,୧୩।୪(ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ କଞ୍ଚୁରୁ ଗ୍ରାମ ପଂଚାୟତରେ ଜନଶୁଣାଣୀ କାର୍ଯ୍ୟକ୍ରମ ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୨୦ଟି ଅଭିଯୋଗ ଗ୍ରହଣ ହୋଇଥିବା ଜଣାପଡିଛି। ଅତିରିକ୍ତ ତହସିଲଦାର ସୁରଜ ବେହେରା, ସିଡିପିଓ ବିଜୟ ଲକ୍ଷ୍ମୀ ପାଢ଼ୀ, ଏବିଡ଼ିଓ ଅରୁଣ ପ୍ରଧାନ ଓ ପଂଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପଦାରେ ପଡ଼ିଲା କ୍ଷୁଦ୍ର ଜଳସେଚନ ବିଭାଗ କାରନାମା
## ଅଗ୍ରୀମ ପିସି ନେଇ ବିଲ୍ କରୁଛନ୍ତି ଯନ୍ତ୍ରୀ



ନୀଳଗିରି,୧୩/୪(ସଂଚାର ବ୍ୟୁରୋ ): ରାଜ୍ୟ ସରକାର ସମସ୍ତ ବିଭାଗକୁ ସ୍ୱଛତାର ସହ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ହେଲେ ବହୁ ସରକାରୀ ବାବୁ ଟଙ୍କା ମୋହରେ ପଡ଼ି ଜେଲର ରାସ୍ତା ବି ଦେଖୁଛନ୍ତି । ତଥାପି ଅଗ୍ରିମ କଥା ଅନେକ ସରକାରୀ ବାବୁ, ବାବୁଆଣିଙ୍କର ଅର୍ଥ ମୋହଯାଇନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ନୀଳଗିରିର କିଛି ଠିକେଦାର ତାଙ୍କ ନାମ କୁ ଗୋପନ ରଖିବାକୁ କହିଛନ୍ତି ।

ସୂଚନା ଯୋଗ୍ୟ ନୀଳଗିରି ଉପଖଣ୍ଡ କ୍ଷୁଦ୍ର ଜଳସେଚନ ବିଭାଗର ଋଷିଆ ଡ୍ୟାମର ମୁଖ୍ୟ କେନାଲର ଉନ୍ନତି କରଣ ପାଇଁ ସରକାରଙ୍କ ପକ୍ଷରୁ ୮୪ଲକ୍ଷ ୧୪ହଜାର୪୬୩ଟଙ୍କା ୩୫ପଇସା ର ଟେଣ୍ଡର ହୋଇଥିଲା।ଉକ୍ତ ଟେଣ୍ଡର କୁ ଠିକାଦାର ରାକେଶ ମୁଦୁଲି ନେଇଥିଲେ। ଏହାର କାର୍ଯ୍ୟ ଆରମ୍ଭ ୨୯/୧୨/୨୫ ଶେଷ ୨୮/୩/୨୬ଶେଷ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ମୁଖ୍ୟ କେନାଲ ଉପରେ ଯେଉଁ ପିଚୁ ରାସ୍ତା ନିର୍ମାଣ ହୋଇଥିଲା ତାହା ଏତେ ନିମ୍ନ ମାନର ହୋଇଅଛି ଜେ କାର୍ଯ୍ୟସରିବାର ୧୫ / ୨୦ ଦିନ ପରେ ବିଭିନ୍ନ ସ୍ଥାନରେ ଫାଟିବା ସହିତ ଘାସ ଉଠିଥିବା ଦେଖିବାକୁ ମିଳୁଛି ।ଉକ୍ତ ରାସ୍ତା ନିର୍ମାଣ ରେ ବ୍ୟବହୃତ ପିଚୁ, ବାଲି, ମେଟାଲ, ଡ଼ବ୍ଲୁବିଏମ୍ ଅତି ନିମ୍ନ ମାନର ଓ ଅଳ୍ପ ମେଟେରିଆଲ ବ୍ୟବହୃତ କରାଯାଇ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ଉକ୍ତ ଅଞ୍ଚଳର ସୁନାରାମ ସୋରେନ, ମାନସ ନାୟକ, ମହେନ୍ଦ୍ର ସିଂ, ପୂର୍ବତନ ସମିତି ସଭ୍ୟ ସୁରେଶ ନାୟକ, ରାଜେନ୍ଦ୍ର ସିଂ, ଦୁର୍ଯ୍ୟୋଧନ ପାତ୍ର, ଶ୍ରୀନିବାଶ ବାଗ, ସୀତାରାମ ବେହେରା ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଯଦି ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଯନ୍ତ୍ରୀ ଇଂ ସଂଗୀତା ମହାନ୍ତି, ଠିକାଦାର ରାକେଶ ମୁଦୁଲିଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନହୁଏ ତାହାଲେ ଆଗାମୀ ଦିନରେ ଏନେଇ ଖୁବଶୀଘ୍ର କ୍ଷୁଦ୍ରଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବା ବୋଲି ସେମାନେ କହିଛନ୍ତି।

ଋଷିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ର ଚେକ୍ ଡ୍ୟାମ୍, କେନାଲ ଓ କେନାଲ ରାସ୍ତା ଗୁଡ଼ିକ ପାହାଡ଼ ଜଙ୍ଗଲ ଘେରା ଅଞ୍ଚଳରେ କାର୍ଯ୍ୟ ହେଉଥିବା ବେଳେ କାହାରି ନଜର ଆସୁ ନାହିଁ। ଏଇ ମଉକାରେ ଠିକଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ରାଧେ ରାଧେ ତୋର ଅଧେ କୁ ମୋର ଅଧେ କରି ଭାଗବଣ୍ଟରା କରିନେଇଥିବା ଅନୁମାନ କରୁଥିବା ଅଭିଯୋଗ କାରି କହୁଛନ୍ତି । ନିମ୍ନ ମାନର କାର୍ଯ୍ୟ ହୋଇଛି ବୋଲି ଅଭିଯୋଗ ହେଉଛି। ଘଟଣା ସମ୍ପର୍କରେ ଜେଇ ସଂଗୀତା ମହାନ୍ତିଙ୍କୁ ପଚାରିବାରୁ ଅଭିଯୋଗ ଖଣ୍ଡନ କରିଛନ୍ତି। ଅପରପକ୍ଷରେ ଏସ୍ ଡି ଓ ଇଂ ନିମାଇଁ ଚରଣ ନାୟକ ଙ୍କୁ ପଚାରିବାରୁ ଘଟଣା ବିଷୟରେ ମୋ ପାଖରେ ଅଭିଯୋଗ ପହଁଚି ନାହିଁ।ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## ତରଡ଼ପଡ଼ାକୁ ହରାଇ ଲୁଣା ଚାମ୍ପିଅନ



ବାଲିଅନ୍ତା, ୧୩।୪ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ଲୁଣା ଖେଳପଡ଼ିଆରେ ବାବା ତ୍ରିବେଣୀଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ଲୁଣା ନାଇଟ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଗତ ରାତିରେ ଫାଇନାଲ ଖେଳ ଲୁଣା ଓ ତରଡ଼ପଡ଼ା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତରଡ଼ପଡ଼ା ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ୪୩ ରନ ସଂଗ୍ରହ କରିଥଲା। ଜବାବରେ ଲୁଣା ଟିମ ୪ ଓଭରରେ ନିର୍ଦ୍ଧାରିତ ରନ କରି ବିଜୟୀ ହୋଇଥିଲା। ଏହି ଅବସରରେ ସମାଜସେବୀ ସଞ୍ଜୟ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଯାପନୀ ସଭାରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ,ନିଶିକାନ୍ତ ପଣ୍ଡା, ଦିଲ୍ଲୀପ କୁମାର ବେହେରା, ଝିଲ୍ଲୀ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଲୁଣା ଟିମକୁ ୮ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ତରଡ଼ପଡ଼ା କ୍ଲବକୁ ୬ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ବାବା ତ୍ରିବେଣୀଶ୍ୱର କ୍ରିକେଟ କ୍ଲବ ସଭାପତି ସୂର୍ଯ୍ୟକାନ୍ତ ନାୟକ,ସଂପାଦକ ଦେବରାଜ ସାହୁ,ବିଷ୍ଣୁପ୍ରସାଦ ନାୟକ, ବିଶ୍ୱରଞ୍ଜନ ପ୍ରଧାନ,ଅରୁଣ ସାହୁ, ସାଗର ସାହୁ, ଭବେସ ସାହୁ, କମ୍ଳେସ ସାହୁ, ସୁଶାନ୍ତ ନାୟକ,ଗୌରାଙ୍ଗ ବସ୍ତିଆ, ଜତିନ ନାୟକ,ସାଇ ପ୍ରସାଦ ସାହୁ, ପ୍ରଳୟ ପ୍ରଧାନ ଏବଂ ନବୀନ ବସ୍ତିଆ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




# ଖରାଦିନେ କିପରି କମାଇବେ ଓଜନ




ବର୍ତ୍ତମାନ ଯୁଗରେ ନିଜକୁ ଫିଟ୍ ରଖିବାକୁ କିଏ ବା ନଚାହେଁ। ସୁନ୍ଦର ଦିଶିବା ପାଇଁ ସମସ୍ତେ ନିଜର ଓଜନ କମାଇବାରେ ଲାଗିଛନ୍ତି। ଓଜନ କମାଇବାର ନିଶା ଏବେ ସମସ୍ତଙ୍କୁ ଘାରିଛି। ଓଜନ କମାଇବାକୁ କିଏ ଡାଏଟ କରୁଛନ୍ତି ତ ପୁଣି ଆଉ କେହି କେହି ଜିମର ସାହାରା ନେଉଛନ୍ତି। ବଳେବେଳେ ସଚେତନ ରହିବା ସତ୍ତ୍ୱେ କିଛି ଭୁଲ ରହିଯାଇଥାଏ। ଯାହା ଫଳପ୍ରଦ ହୋଇନଥାଏ। ର୍ବତ୍ତମାନର ଅପଡଟେ ସମ0ୟରେ ଓଜନ ବୃଦ୍ଧି ସମସ୍ୟାର ବିଷୟବସ୍ତୁ ପାଲଟିଛି। ଓଜନ କମାଇବାକୁ ଯାଇ ଅନେକ ଜଣ ଡେରିରେ ଲଞ୍ଚ ଏବଂ ଡିନର କରିଥାନ୍ତି। କିନ୍ତୁ ଆପଣ ଜାଣନ୍ତି କି ? ଏହା କରିବା ଦ୍ୱାରା ଶରୀରରେ ଅନକେ ରୋଗ ସୃଷ୍ଟି କରିବା ସହିତ ଓଜନକୁ କମାଇବା ବଦଳରେ ବଢ଼ାଇଦେଇଥାଏ

ଖାଦ୍ୟପେୟ ଏବଂ ଜୀବନଶୈଳୀରେ ବିଭ୍ରାଟ ଯୋଗୁଁ, ଅଧିକାଂଶ ଲୋକ ଓଜନ ବୃଦ୍ଧି ସମସ୍ୟାରେ ପୀଡିତ। ଲୋକମାନେ ନିଜର ଓଜନ କମାଇବା ପାଇଁ ଡାଏଟିଂ ଏବଂ ବ୍ୟାୟାମ ଅଭ୍ୟାସ ଅନୁସରଣ କରନ୍ତି। କିନ୍ତୁ ଓଜନ ହ୍ରାସ କରିବା ଏକ ସହଜ କାମ ନୁହେଁ। କିନ୍ତୁ ଏବେ ଗ୍ରୀଷ୍ମ ଋତୁ ଆସିଗଲାଣି ଏବଂ ଏପରି ପରିସ୍ଥିତିରେ ଓଜନ ହ୍ରାସ କରିବା ଟିକେ ସହଜ ହୋଇଯାଏ। ଏକ୍ସପର୍ଟଙ୍କ ଅନୁସାରେ, ଗ୍ରୀଷ୍ମ ଋତୁରେ ଆପଣଙ୍କର ର୍ବଦ୍ଧିତ ଓଜନ ହ୍ରାସ କରିବା ପାଇଁ ସଠିକ ପଦ୍ଧତି ଅନୁସରଣ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ, ଶରୀରକୁ ଯଥାସମ୍ଭବ ହାଇଡ୍ରେଟ ରଖନ୍ତୁ। ଯଦି ଆପଣ କମ ପାଣି ପିଉଛନ୍ତି ତବେେ ଧୀରେ ଧୀରେ ର୍ପଯ୍ୟାପ୍ତ ପାଣି ପିଇବା ଆରମ୍ଭ କରନ୍ତୁ।

ଗ୍ରୀଷ୍ମ ଋତୁରେ ଅତ୍ୟଧିକ ତଲେଯୁକ୍ତ ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ। ବିଶଷେଜ୍ଞଙ୍କ ମତରେ ଓଜନ ହ୍ରାସ ସମୟରେ ଏପରି ଜିନିଷ ଖାଆନ୍ତୁ ଯେଉଁଥିରେ ଭିଟାମିନ ଏବଂ ମିନେରାଲ୍ସ ଭଳି ଉପାଦାନ ଥାଏ। ସହଜରେ ହଜମ ହେଉଥିବା ଜିନିଷ ଓଜନ ହ୍ରାସ କରିବାରେ ବହୁତ ସହାୟକ ହୋଇଥାଏ। ଗ୍ରୀଷ୍ମ ଋତୁରେ କାକୁଡି, ଟମାଟୋ ଏବଂ ତରଭୁଜ ଭଳି ହାଇଡ୍ରେଟିଂ ଖାଦ୍ୟ ସାମିଲ କରନ୍ତୁ। ଗ୍ରୀନ ଟିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ମଟୋବୋଲିଜିମ ତ୍ୱରାନ୍ୱିତ କରିବା ସହିତ, ଏହା ଶରୀରରୁ ଅତିରିକ୍ତ ଚର୍ବି ଜାଳିବାରେ ମଧ୍ୟ ସାହାଯ୍ୟ କରେ। ଦିନକୁ ଦୁଇରୁ ତିନି କପ ଗ୍ରୀନ ଟି ପିଇବାକୁ ଅଭ୍ୟାସ କରନ୍ତୁ, ବିଶଷେକରି ସକାଳେ। ଗ୍ରୀନ ଟି ବ୍ୟତୀତ, ଆପଣ ହର୍ବାଲ ଚା ମଧ୍ୟ ସେବନ କରିପାରିବେ।

ଗ୍ରୀଷ୍ମ ଋତୁରେ ଫାଇବର ଏବଂ ପ୍ରୋବାୟୋଟିକ୍ସ ସାମିଲ କରନ୍ତୁ। ଆପଣ ପ୍ରତିଦିନ ଦହି, ଫଳ, ସାଲାଡ ଏବଂ ଶସ୍ୟ ଖାଇବା ଉଚିତ। ଫାଇବର ପଟେକୁ ବହୁତ ସମୟ ର୍ପଯ୍ୟନ୍ତ ପୂର୍ଣ୍ଣ ରଖେ ଏବଂ ଅତ୍ୟଧିକ ଖାଇବାକୁ ରୋକେ। ପ୍ରୋବାୟୋଟିକ୍ସ ପାଚନ ପ୍ରଣାଳୀକୁ ସୁସ୍ଥ ରଖେ ଏବଂ ଶରୀରର ମଟୋବୋଲିଜିମକୁ ବୃଦ୍ଧି କରେ, ଯାହା ଦ୍ୱାରା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ପ୍ରତିଦିନ ବ୍ୟାୟାମ କରିବା ଅଭ୍ୟାସ କରନ୍ତୁ। ସକାଳେ କିମ୍ବା ବିଳମ୍ବିତ ସଂଧ୍ୟାରେ ବ୍ୟାୟାମ କରିପାରିବ। ଯଦି ଆପଣ ବ୍ୟାୟାମ କରିପାରିବେ ନାହିଁ ତେବେ ଅତି କମରେ ଅଧ ଘଣ୍ଟା ଚାଲନ୍ତୁ। ଏହା କ୍ୟାଲୋରୀ ର୍ବନ କରେ ଏବଂ ମାଂସପଶୈୀକୁ ମଜବୁତ କରେ। ଯଦି ଆପଣ ଓଜନ କମ୍ କରିବା ପାଇଁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ ଦେଖିବେ ଖୁବ୍ କମ୍ ଦିନ ମଧ୍ୟରେ ଆପଣଙ୍କ ରେଜଲ୍ଟ।

# ଓରାଲ୍ ସନ୍‌ସ୍କ୍ରିନ୍



ତ୍ୱଚାକୁ ସୁରକ୍ଷା ଦେବା ପାଇଁ ଅଧିକାଂଶ ଖରାଦିନେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇଥାନ୍ତି। କ୍ଷତିକାରକ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବାରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦିଓ ସନ୍‌ସ୍କ୍ରିନ୍ କ୍ରିମ୍, ଜେଲ୍, ପାଉଡର ଏବଂ ସ୍ପ୍ରେ ଆକାରରେ ଉପଲବ୍ଧ ରହିଛି। ଏବେ କିନ୍ତୁ ଓରାଲ ସନ୍‌ସ୍କ୍ରିନ୍‌କୁ ନେଇ ସବୁଠି ଚର୍ଚ୍ଚା। ତେବେ ବର୍ତ୍ତମାନ ସୁଦ୍ଧା ଥିବା ସନସ୍କ୍ରିନ୍ ତ୍ୱଚାରେ ଲଗାଯାଉଥିବାବେଳେ ଓରାଲ ସନସ୍କ୍ରିନ୍ ଏକ ପ୍ରକାର ସପ୍ଲିମେଣ୍ଟ। ଯାହାକୁ ସେବନ କରିବା ଦ୍ୱାରା ଶରୀର ସୂର୍ଯ୍ୟଙ୍କ ହାନିକାରକ କିରଣ ପ୍ରଭାବରୁ ସୁରକ୍ଷିତ ରଖିପାରେ। ଓରାଲ ସନ୍‌ସ୍କ୍ରିନ୍ ସପ୍ଲିମେଣ୍ଟ ଆଣ୍ଟି ଅକ୍ସିଡେଣ୍ଟ, ଭିଟାମିନ୍ ଏବଂ ଉଦ୍ଭିଦ ଅର୍କରୁ ତିଆରି ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ସାଧାରଣ ସନ୍‌ସ୍କ୍ରିନ୍ କ୍ରିମ୍, ପାଉଡର ସ୍ପ୍ରେ ସନସ୍କ୍ରିନ୍କୁ ଦିନରେ ବାରମ୍ବାର ଲଗାଯାଉଥିବାବେଳେ ଓରାଲ ସନ୍‌ସ୍କ୍ରିନ୍‌କୁ ଦିନରେ କେବଳ ଥରେ ଲଗାଇବାକୁ ହୁଏ। ଓରାଲ ସନ୍‌ସ୍କ୍ରିନ୍‌ରେ ହାଇଡ୍ରେଶନ, ଆଣ୍ଟି-ଇନ୍ଫ୍ଲେମେଟରୀ ଗୁଣ ଥିବାରୁ ଏହା ତ୍ୱଚା ପାଇଁ ଅଧିକ ଲାଭପ୍ରଦ। ଯଦିଓ ଏହି ପ୍ରକାର ସନ୍‌ସ୍କ୍ରିନ୍ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅଧିକ ଗବେଷଣା କରୁଛନ୍ତି, ତେବେ ତ୍ୱଚାର ପ୍ରକାର, ଆହାର ଏବଂ ସୁସ୍ଥତାକୁ ଧ୍ୟାନ ଦେଇ ଜଣେ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶରେ ନିଜ ଦିନଚର୍ଯ୍ୟାରେ ଓରାଲ ସନ୍‌ସ୍କ୍ରିନ୍ ସାମିଲ କରିପାରିବେ। ତେବେ ସାଧାରଣ ସନ୍‌ସ୍କ୍ରିନ୍ ବ୍ୟବହାର କରିବା ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେବାକୁ ହୁଏ।

# ସୁନ୍ଦର ଦିଶିବା ପାଇଁ ବୁଟକ୍ସ



ଆଜିକାଲି ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହିଁଥାଆନ୍ତି। ସେଥିପାଇଁ ଏବେ ବିଭିନ୍ନ ପ୍ରକାର ଟ୍ରିଟ୍‌ମେଣ୍ଟ ମଧ୍ୟ କରାଉଛନ୍ତି। ଯାହାକୁ ଆମେ ବୁଟକ୍ସ ବୋଲି କହିଥାଉ। ଏହା ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ରହିଛି। ଏହି ଟ୍ରିଟ୍‌ମେଣ୍ଟକୁ ବ୍ୟବହାର କରି ଆମର ମୁହଁରେ ପଡୁଥିବା ବିଭିନ୍ନ ଭାଙ୍ଗକୁ ଦୂର କରାଯାଏ। ଅଭିନେତ୍ରୀମାନେ ବୁଟକ୍ସ କରି ଏତେ ସୁନ୍ଦର ଚେହେରାର ଅଧିକାରୀ କରିପାରୁଛନ୍ତି। ଡର୍ମାଲ୍ ଫିଲର୍- ଏହି ପ୍ରକ୍ରିୟାରେ ଆମ ଗାଲ, ଓଠ, ଆଖି ତଳ ଭଳି ସ୍ଥାନକୁ ଫୁଲା କରିବା ପାଇଁ ବ୍ୟବହାର କରାଯାଏ। ଯେଉଁମାନେ ସୁନ୍ଦର ଚେହେରା ପାଇଁ ସର୍ଜରି କରିବା ପାଇଁ ପସନ୍ଦ କରୁନାହାନ୍ତି ସେମାନେ ଏହି ପ୍ରକ୍ରିୟାକୁ ଆପଣାଇ ଥାଆନ୍ତି। ଏଥିରେ ଏକ ଏସିଡ୍ ଆମ ଶରୀରରେ ବ୍ୟବହାର କରାଯାଇଥାଏ। ମଣିଷର ଝାଳ ବୋହିବା ଏକ ସାଧାରଣ ପ୍ରକ୍ରିୟା। ଏହା ଆମ ଶରୀରକୁ ଥଣ୍ଡା କରିବାରେ ସାହାଯ୍ୟ କରିଥାଏ। ସେଲିବ୍ରେଟିମାନେ ଯେତେବେଳେ କୌଣସି ଲମ୍ବା ସୁଟିଂରେ ରହିଥାଆନ୍ତି ସେତେବେଳେ କାଖତଳ, ହାତ, ପାଦରେ ସ୍ୱେଟ୍ ବୋଟୋକ୍ସ ଟ୍ରିଟ୍‌ମେଣ୍ଟ କରାଇଥାଆନ୍ତି। ହସକୁ ସୁନ୍ଦର କରିବା ପାଇଁ ଏହି ଟ୍ରିଟ୍‌ମେଣ୍ଟ କରାଯାଇଥାଏ। ଉପର ଓଠରେ ଏହି ଇଞ୍ଜେକ୍ସନ୍ ଦିଆଯାଏ। ଯେଉଁ କାରଣରୁ ହସିବା ସମୟରେ ଅଧିକ ମାଢ଼ି ଦେଖାଯିବ ନାହିଁ ଏବଂ ଆମ ହସ ସୁନ୍ଦର ଲାଗିବ। ଏହାକୁ ଲିପ୍ ବୋଟୋକ୍ସ ମଧ୍ୟ କୁହାଯାଏ ଯେଉଁଥିରେ ଓଠକୁ କିଞ୍ଚିତ ସ୍ଥୁଳ କରାଯାଏ। ଏହା ବିଶେଷଭାବେ ଢ଼ିଲାପଣ ଚର୍ମକୁ ଉପରକୁ ଉଠାଇବାକୁ କରାଯାଇଥାଏ। ଏହା ସର୍ଜରି ନକରି ମୁହଁକୁ ଟାଇଟ୍ କରିବା ପାଇଁ ବ୍ୟବହାର ହୋଇଥାଏ। ଶରୀରକୁ ଗଭୀରଭାବେ ହାଇଡ୍ରେସନ୍ କରିବା ଏବଂ ଭିତରୁ ଚମକ ଆଣିବା ପାଇଁ ଏହି ପ୍ରକ୍ରିୟାର ବ୍ୟବହାର କରାଯାଇଥାଏ। ଏଥିରେ ମଧ୍ୟ ଏକ ଏସିଡ୍‌ର ବ୍ୟବହାର କରାଯାଇଥାଏ। ଯେଉଁମାନେ ଗ୍ଲାସ୍ ସ୍କିନ୍ ପସନ୍ଦ କରିଥାଆନ୍ତି ସେମାନେ ଏହି ବୁଷ୍ଟ୍ ନେଇପାରିବେ। ଏହି ଟ୍ରିଟ୍‌ମେଣ୍ଟ ବେକକୁ ସୁନ୍ଦର କରିବା ପାଇଁ ବ୍ୟବହାର କରାଯାଏ। ଆମର ଜ ଲାଇନ୍‌କୁ ଟାଇଟ୍ କରି ବେକରେ ଥିବା ମାଂସପେଶୀକୁ ଟାଇଟ୍ କରାଯାଇଥାଏ। ଯାହାଦ୍ୱାରା ବେକ ସାର୍ପ ଓ ଚିକ୍କଣ ଦେଖାଯିବ।

# ମାଛ ସହିତ ଲେମ୍ବୁ, ପତ୍ରଯୁକ୍ତ ପନିପରିବା ଖାଆନ୍ତୁ ନାହିଁ



ମାଛ ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ବୋଲି ବିବେଚନା କରାଯାଏ। କିନ୍ତୁ ଆପଣ କ'ଣ ଜାଣନ୍ତି କି... ଏପରି କିଛି ଜିନିଷ ଅଛି ଯାହା ମାଛ ସହିତ ଖାଇବା ଉଚିତ୍ ନୁହେଁ। ଆସନ୍ତୁ ଜାଣିବା ମାଛ ସହ କ'ଣ ସବୁ ଖାଇବା ଉଚିତ ନୁହେଁ। ଯେପରିକି,ମାଛ ସହିତ ମଦ୍ୟପାନ କିମ୍ବା ମଦ ପିଇଲେ ଯକୃତ ଉପରେ ଚାପ ପଡ଼ିଥାଏ। ଏହା ବ୍ୟତୀତ, କିଛି ଅଧ୍ୟୟନରୁ ଜଣାପଡିଛି ଯେ ଏହା ହୃଦଘାତର ଆଶଙ୍କା ମଧ୍ୟ ବୃଦ୍ଧି କରିପାରେ। ବିଶେଷଜ୍ଞଙ୍କ ମତରେ ମାଛ ଖାଇବା ପରେ ମଦ୍ୟପାନ କିମ୍ବା ମଦ ପିଇବା ଆଦୌ ଉଚିତ୍ ନୁହେଁ। ମାଛ ସହିତ ଲେମ୍ବୁ କିମ୍ବା ଅନ୍ୟାନ୍ୟ ଖଟା ଫଳର ଅତ୍ୟଧିକ ବ୍ୟବହାର ଆର୍ସେନିକ ବିଷାକ୍ତତା କିମ୍ବା ମାଛ ବିଷାକ୍ତତାର ଆଶଙ୍କା ବଢ଼ାଇପାରେ। ଏହି ବିପଦ ବିଶେଷକରି ପୁରୁଣା କିମ୍ବା ଭୁଲ ଭାବରେ ସଂରକ୍ଷଣ କରାଯାଇଥିବା ମାଛରେ ଅଧିକ। ତେଣୁ, ମାଛ ସହିତ ସର୍ବଦା ସୀମିତ ପରିମାଣରେ ଖଟା ଫଳ ଖାଆନ୍ତୁ। ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ମାଛ ସହିତ ପାଳଙ୍ଗ, ସୋରିଷ କିମ୍ବା ଧନିଆ ପରି ପତ୍ରଯୁକ୍ତ ପନିପରିବା ଖାଇବା ଦ୍ୱାରା କ୍ୟାଲସିୟମ ଏବଂ ଆଇରନର ଶୋଷଣ ପ୍ରଭାବିତ ହୋଇପାରେ।

# କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ୍



ମହାମାରୀ ସମୟରୁ ୱାର୍କ ଫ୍ରମ୍ ହୋମ୍ କାର୍ଯ୍ୟଧାରା ଆରମ୍ଭ ହୋଇଥିଲା। ସେବେଠୁ ଲୋକେ ଫୋନ୍, ଲାପ୍ଟପ୍ ତଥା କମ୍ପ୍ୟୁଟର ସ୍କ୍ରିନ୍‌ରେ ଅଧିକ ସମୟ କାମ କରିବା ଆରମ୍ଭ କରିଥିଲେ। ଘଣ୍ଟା ଘଣ୍ଟା ମୋବାଇଲ୍ ଫୋନ୍ ବ୍ୟବହାର ଦ୍ୱାରା ଅନେକ ଲୋକଙ୍କ ଠାରେ ଏବେ 'କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ' ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ସମୟ ପୂର୍ବରୁ ଏହାର ଚିକିତ୍ସା କରାଇବା ନିହାତି ଆବଶ୍ୟକ। ଦୈନିକ ୮ରୁ ୧୨ ଘଣ୍ଟା କମ୍ପ୍ୟୁଟର ସାମ୍ନାରେ ବସିବା ଦ୍ୱାରା ଆଖି ଉପରେ ପ୍ରଭାବ ପଡ଼େ। ସ୍ପଷ୍ଟ ନ ଦିଶିବା, ଆଖି ଶୁଖିଯିବା, ଲାଲ୍ ପଡ଼ି କୁଣ୍ଡାଇ ହେବା, ପାଣି ଗଡ଼ିବା, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଯେକୌଣସି ସ୍କ୍ରିନ୍‌ରେ କାମ ସମୟରେ ଆଣ୍ଟିଗ୍ଲେୟର ଲେନ୍ସ ବ୍ୟବହାର କରନ୍ତୁ। ଅନ୍ୟଥା କମ୍ପ୍ୟୁଟର କିମ୍ବା ଲାପ୍ଟପ୍ ସ୍କ୍ରିନ୍‌ରେ ଆଣ୍ଟିଗ୍ଲେୟର ସୀସା ଲଗାଇପାରିବେ। କାମରୁ ୫ରୁ ୧୦ ମିନିଟ୍ ବ୍ରେକ୍ ନେଇ ଆଖିକୁ ସୁରକ୍ଷିତ ରଖିପାରିବେ। ବ୍ୟାୟାମଃ ଆଖି ପାଇଁ ଷ୍ଟ୍ରେଚିଂ ବ୍ୟାୟାମ କରନ୍ତୁ। ସ୍କ୍ରିନ, ବଲ୍ବ, ଟ୍ୟୁବ୍‌ଲାଇଟ୍ର ଆଲୋକ ଯେପରି ଆଖି ଉପରେ ନ ପଡ଼ିବ ସେଥିପ୍ରତି ସଚେତନ ରୁହନ୍ତୁ। କମ୍ପ୍ୟୁଟର କିମ୍ବା ଲାପ୍ଟପ୍‌ରେ କାମ କରିବା ସମୟରେ ଲାଇଟ୍ ଲିଭାନ୍ତୁନି। ଆଖି ସମସ୍ୟା ଦେଖାଗଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚଷମା ଲଗାନ୍ତୁ। ଡେସ୍କଟପ୍, ଲାପଟପ୍, ମୋବାଇଲ୍‌କୁ ଆଖିଠାରୁ ଦେଢ଼ଫୁଟ ଦୂରରେ ରଖନ୍ତୁ। ଆଖି ଶୁଖିଲା ଲାଗିଲେ, ଆଇଡ୍ରପ୍ ପକାନ୍ତୁ। ଅଧ ଘଣ୍ଟାରେ କମ୍ପ୍ୟୁଟର ପାଖରୁ ଉଠି ଆଖିକୁ ଦୁଇ ମିନିଟ୍ ବନ୍ଦ କରିବା ଦ୍ୱାରା ଏପରି ସମସ୍ୟାରୁ ଆରାମ ପାଇପାରିବେ।



# ଅରଖରେ ରହିଛି ଔଷଧୀୟ ଗୁଣ

ଆପଣଙ୍କ ଘରର ଆଖପାଖରେ ନିଶ୍ଚିତ ଭାବେ ଅରଖ ଗଛ ରହିଥିବ। ଏହି ଗଛ ବଢ଼ିବା ପାଇଁ କୌଣସି ଯତ୍ନ ନେବା ଆବଶ୍ୟକତା ନାହିଁ। ଏହି ଗଛର ଦୁଇ ପ୍ରକାର ଫୁଲ ଦେଖିବାକୁ ମିଳିଥାଏ। ଏହି ଗଛର ଧାର୍ମିକ ମହତ୍ତ୍ୱ ଥିବା ସହିତ ଭଗବାନ ଶିବଙ୍କ ଅତି ପ୍ରିୟ ହୋଇଥାଏ ଅରଖ ଫୁଲ। ଭଗବାନ ଶିବଙ୍କୁ ଏହାକୁ ଚଢାଇବା ଦ୍ୱାରା ସର୍ବଦା ତାଙ୍କ କୃପା ଲାଗିରହିଥିବା ସହିତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ଗଛ ବିଷାକ୍ତ ହେବା ସତ୍ତ୍ୱେ ଶରୀର ପାଇଁ ବହୁତ ଫାଇଦାଯୁକ୍ତ ହୋଇଥାଏ। ଆସନ୍ତୁ ଜାଣିବା କ'ଣ ରହିଛି ଏହି ଗଛର ଫାଇଦା। ଯଦି ଆପଣଙ୍କର କୁଣ୍ଡିଆ ହୋଇଥାଏ, ତେବେ ଅରଖ ଗଛର ଚେରକୁ ନେଇ ନିଆଁରେ ପୋଡି ତା'ର ପାଉଁଶରେ ସୋରିଷ ମିଶାଇ ଶରୀରରେ ମାଲିସ କରନ୍ତୁ ଆରାମ ମଳିବ। ଶରୀରର କୌଣସି ଅଙ୍ଗରେ କାଚ କିମ୍ବା ଅଣ୍ଟା ପଶିଯାଏ, ତେବେ ଏହି ଗଛରୁ ବାହାରୁଥିବା କ୍ଷୀରରେ କାଚ କିମ୍ବା କଣ୍ଟା ପଶିଥିବା ଜାଗାରେ ପକାନ୍ତୁ। ଏହା ଆପେ ଆପେ ବାହାରିଯିବ। ଆପଣଙ୍କ କାଶ ଲାଭ ହେଉନାହିଁ, ତେବେ ଏହାର ଚେରକୁ ଶୁଖାଇ ଭଲଭାବେ ଗୁଣ୍ଡ କରିଦିଅନ୍ତୁ। ସେଥିରେ କିଛି ଗୋଲମରିଚ ଗୁଣ୍ଡ ମିଶାଇ ଛୋଟ ଛୋଟ ଗୋଲି କରି ସକାଳ ଏବଂ ସନ୍ଧ୍ୟାରେ ଖାଆନ୍ତୁ ମୁକ୍ତି ମିଳିବ।ଯଦି ଆପଣଙ୍କର ନଖ ସଂକ୍ରମିତ କୌଣସି ସମସ୍ୟା ରହିଛି, ତେବେ ଅରଖପତ୍ର ଚେରକୁ ଘୋରି ନଖରେ ଲଗାନ୍ତୁ। ସମସ୍ୟାରୁ ତ୍ରାହି ମିଳିବ।

## ପାରମ୍ପରିକ ଖାଦ୍ୟକୁ ନେଇ ପ୍ରତିଯୋଗିତା: ପ୍ରଥମ ସ୍ଥାନରେ ଆନନ୍ଦମୟୀ



**ଦାରିଙ୍ଗବାଡି,୧୨।୪(ସଂଚାର ବ୍ୟୁରୋ):** ଦାରିଙ୍ଗବାଡି ବ୍ଲକ୍ କାର୍ଯ୍ୟାଳୟ ପରିସର ମଧ୍ୟରେ ସୋମବାର ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି ପ୍ରରିପ୍ରେକ୍ଷୀରେ ବ୍ଲକ୍ ଅଞ୍ଚଳର ଏକାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ବିଭିନ୍ନ ବ୍ୟଞ୍ଜନ ପ୍ରଦର୍ଶନ କରିଥିଲେ। ବିଶେଷ କରି ଓଡ଼ିଆ ଖାଦ୍ୟ ପ୍ରସ୍ତୁତି କରିଥିଲେ।ମାଣ୍ଡିଆରେ ପ୍ରସ୍ତୁତ ଲଡ୍ଡୁ, କ୍ଷିରୀ, ସୁପ୍, ପିଠାରେ କାକେରା, ଆରିଶା, ମଣ୍ଡା, ଚକୁଳି ଆଦି ପ୍ରସ୍ତୁତ କରାଯାଇଥିବା ବେଳେ କୋଦ ଖେଚୁଡ଼ି, ମାଣ୍ଡିଆ ଇଟିଲି ପିଠା, ବାଦାମ ଚଟଣି, ମୁଗ ଡାଲମା ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ଓ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ କୃତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆନନ୍ଦମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରୀୟା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଏବଂ ଆଶା ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିଗ୍ରହଣ କରିଥିଲେ। ସେମାନଙ୍କୁ ବିଡ଼ିଓ ପୁରସ୍କୃତ କରିଥିଲେ କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନର ବିପିଏମ ପିଣ୍ଟୁ ନାୟକ ଓ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ।

## କଲେଜ ବସ୍‌କୁ ଧକ୍କାଦେଲା ହାଇୱା, ୧୫ରୁ ଉର୍ଦ୍ଧ୍ୱ ଛାତ୍ର ଗୁରୁତର



**କଳିଙ୍ଗନଗର,୧୨।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ଓଉପଦା ଛକ ନିକଟରେ ଏକ ଘରୋଇ କଲେଜ(ପ୍ରୟାସ) ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରଙ୍ଗରୁଟରେ ପଶିଆସିଥିବା ଏକ ହାଇୱାକୁ ଧକ୍କାଦେଇଥିଲା କଲେଜ ବସ୍। ତେବେ ବସ୍‌ରେ ଥିବା ୧୫ରୁ ଉର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ଯାଜପୁର ରୋଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ୨ଜଣ ଛାତ୍ରଙ୍କୁ କଟକ ଓ ଅନ୍ୟ ୨ଜଣଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅବଶିଷ୍ଟ ୧୧ ଜଣ ଛାତ୍ରଙ୍କୁ କଳିଙ୍ଗନଗରସ୍ଥିତ ଟାଟା ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଆହତଙ୍କ ମଧ୍ୟରୁ ଜଣେ ଛାତ୍ର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୂଚନା ମୁତାବକ, ରବିବାର ରାତିରେ କଲେଜର ଏକ ବସ୍ ଛାତ୍ର ମାନଙ୍କୁ ନେଇ ଯାଜପୁର ରୋଡ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣାରେ ସମ୍ମୁଖୀନ ହୋଇଛି। ଓଉପଦା ଛକ ନିକଟରେ ହଠାତ ଏକ ହାଇୱା ରଙ୍ଗ ରୁଟ୍‌ରେ ଆସି ବସ ଆଗକୁ ପଶିଆସିଥିଲା। ଭାରସାମ୍ୟ ହରାଇ ବସ୍‌ଟି ହାଇୱାକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସଙ୍ଗେସଙ୍ଗେ ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପାଣିକୋଇଲି ଏବଂ କୋରେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଆହତ ମାନଙ୍କୁ ଯାଜପୁର ରୋଡ ମେଡିକାଲରେ ଭର୍ତ୍ତି କରିଥିଲେ।

## ବ୍ଲକସ୍ତରୀୟ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତାରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ପ୍ରଦର୍ଶିତ



**ସୁବର୍ଣ୍ଣପୁର,୧୨।୪ (ସଂଚାର ବ୍ୟୁରୋ):** ସୋନପୁର ଟାଉନ ହଲ ଠାରେ "ଆମ ରୁଚି ଆମ ଖାଦ୍ୟ" ବ୍ଲକ ସ୍ତରୀୟ ଓ ପୌରପରିଷଦ ସ୍ତରୀୟ ଓଡିଆ ଖାଦ୍ୟ ଦିବସ ପାଳନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଉତ୍ସାହ ଓ ଉତ୍ସବମୁଖର ପରିବେଶରେ ସଫଳତାର ସହିତ ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଅଶ୍ୱିନୀ କୁମାର ମେହେର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସେ ନିଜ ଉଦବୋଧନରେ କହିଥିଲେ ଯେ, ଏପରି ପ୍ରତିଯୋଗୀତା ମାଧ୍ୟମରେ ଓଡିଆ ପାରମ୍ପରିକ ଖାଦ୍ୟର ସୁରକ୍ଷା ସହିତ ମହିଳାମାନଙ୍କ ସ୍ୱାବଲମ୍ବନଶୀଳ ଓ ଆର୍ଥିକ ସଶକ୍ତିକରଣ ସମ୍ଭବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝି, ସୋନପୁର, ଉପଜିଲ୍ଲାପାଳ ସୌମ୍ୟ ରୂପା ରଥ, ସୋନପୁର,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର, ପ୍ରତୀକ କର, ଡିଆଇପିଆରଓ ପ୍ରୀତି ସୁନା-ସୁବର୍ଣ୍ଣପୁର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଓରମାସ ସମୀର ନାୟକ, ଡବ୍ଲୁଇଓ ସୌରଭ ଦାନୀ, ସିଡ଼ିପିଓ ସାଗରିକା ସ୍ୱାଇଁ, ଏଇଇ ବୈଜୟନ୍ତୀ କର୍ଣ୍ଣ, ବିପିସି-ମିଶନ ଶକ୍ତି,ସୋନପୁର- ସଚିଦାନନ୍ଦ ବୁଡାଏକ, ବିପିଏମ ଓଏଲମ, ସୁବ୍ରତ ମେହେର, ଆର୍ଥିକ ଅଧିକାରୀ ଶଶିକାନ୍ତ ଶର୍ମା, ଏସ୍‌ଡିସି, ଓଏଲମ ଙ୍କ ସହିତ ସମସ୍ତ ବ୍ଲକ ସ୍ତରର କର୍ମଚାରୀ, ସିଏସ୍‌ଏସ୍‌ଏସ୍ ଏବଂ ବିଭିନ୍ନ ଏସଏଚଜି ଫେଡେରେସନ ନେତୃତ୍ୱମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗୀତାରେ ପ୍ରାୟ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିଲେ ଏବଂ ପ୍ରାୟ ୧୦୦ ଜଣ ସଦସ୍ୟ ଯୋଗଦେଇଥିଲେ।

## ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ରାଇରଙ୍ଗପୁର,୧୨।୪ (ସଂଚାର ବ୍ୟୁରୋ):** ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲ୍ଲି, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଯୋଗ ରଞ୍ଜନ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡା. ରବୀନ୍ଦ୍ର ନାଥ ମାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ ୧୩୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୯୯ଟି ବ୍ୟକ୍ତିଗତ ସମସ୍ୟା ଭିତିକ ଏବଂ ୩୧ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୪ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନର ଗୁରତ୍ୱକୁ ବିଚାର କରି ରେଡକ୍ରସ ପାଣ୍ଠିରୁ ୩ ଜଣଙ୍କୁ ୩୦ ହଜାର ଟଙ୍କା ଜିଲ୍ଲାପାଳ ମଞ୍ଜୁର କରିଛନ୍ତି।

## ଓଡ଼ିଆ ପକ୍ଷ ପାଳନ: ଆମ ରୁଚି- ଆମ ଖାଦ୍ୟ ମେଳା

**ଭୁବନ,୧୨।୪ (ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନ ପଞ୍ଚାୟତ ସମିତି ସହଯୋଗରେ ଆମ ରୁଚି ଆମ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସ ଅବସରରେ ମିଶନ ଶକ୍ତି ଗୃହ ପରିସରରେ ଅନୁଷ୍ଠିତ ଆମ ରୁଚି ଆମ ଖାଦ୍ୟ ମେଳାକୁ ସିଡିପିଓ ଶ୍ରୀମତୀ ଭଗବତୀ ଗୁରୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ପାଶ୍ଚାତ୍ୟ ସଂସ୍କୃତି ଅନୁକରଣ ଯୋଗୁଁ ଗାଁ ଗହଳିରେ ଦିନକୁ ଦିନ ପିଠା ପଣା ପ୍ରସ୍ତୁତି କମି ଯାଉଛି। ଆଗାମୀ ପିଢ଼ି ପାଇଁ ଏହାକୁ ବଞ୍ଚାଇ ରଖିବାକୁ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଆୟୋଜନ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଖାଦ୍ୟମେଳାରେ ଢେଙ୍କାନାଳର ପ୍ରସିଦ୍ଧ ବିରି ବରା ସାଙ୍ଗକୁ ଦହିବରା, ଆଳୁଦମ୍, ଆରିସା, କାକରା, ଏଣ୍ଡୁରି ପିଠା, ମୁଆଁ ଇତ୍ୟାଦି ସୁସ୍ୱାଦୁ ପିଠା ଓ ମିଠା ତିଆରି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବି ଏଲ ଏଫ୍ ସଭାନେତ୍ରୀ ବିଦ୍ୟୁତ ପ୍ରଭା ପାଣିଗ୍ରାହୀଙ୍କ ସମେତ ସୌଦାମିନୀ ବାହାଲିଆ, ନର୍ମଦା ମହାନ୍ତି, କଳ୍ପନା ନାୟକ, ସୁପ୍ରିତି ପଟ୍ଟନାୟକ, ସରସ୍ୱତୀ ମହାପାତ୍ର, ବି ଏସ ଏ ( ଇ ସି ) ଝିଲ୍ଲୀ ସାହୁ, ଜଳସାଥି ଏଲିନା ପରିଡ଼ା, ସ୍ୱଚ୍ଛସାଥି ଚାରୁଲତା ମହାନ୍ତି, ସ୍ୱଚ୍ଛ ସୁପରଭାଇଜର ଲିଲି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବକେୟା ଅର୍ଥ ବାନ୍ଧୁନି ପଞ୍ଚାୟତ, ମଟର ଘରେ ବିଦ୍ୟୁତ କାଟ
# ପାନୀୟ ଜଳ ପାଇଁ ଛଟପଟ ହେଉଛନ୍ତି ଗ୍ରାମବାସୀ

**ବୈପାରିଗୁଡା, ୧୨।୪(ସଂଚାର ବ୍ୟୁରୋ):** ଲାଗି ରହିଛି ପ୍ରବଳ ଗ୍ରୀଷ୍ମ ପ୍ରବାହ। ଖରାରେ ସକାଳ ୧୦ ଟା ପରେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇ ପଡୁଛି। ଗାଁ ଗହଳରେ ଥିବା ପୋଖରୀ, ଗାଡିଆ, ଝୋଲ. ଝରଣା ଓ କୁଆର ପାଣି ସୁଖି ଗଲାଣି। ଲୋକ ମାନଙ୍କ ଶୋଷ ମେଂଟାଇବା ପାଇଁ ବିଭିନ୍ନ ଗାଁ ମାନଙ୍କରେ ଖନନ କରାଯାଇଥିବା ଗଭୀର ନଳକୂପର ଜଳସ୍ତର ତଳକୁତଳ ଖସି ଯିବାରୁ ନଳକୂପରୁ ମଧ୍ୟ ପାଣି ବାହାରିବା କାଠିକର ପାଠ ହେଲାଣି। ଏଭଳି ସମୟରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ସଦର ଗ୍ରାମପଞ୍ଚାତର ଅମଳାଭଟ୍ଟା ଗ୍ରାମରେ ଦେଖିବାକୁ ମିଳିଛି ପାନୀୟ ଜଳ ଅଭାବର ଏକ କରୁଣ ଚିତ୍ର। ଖବର ପାଇଁ ଆଜି ସକାଳୁ ଆମେ ଗ୍ରାମରେ



ପହଂଚିଲା ପରେ ଦେଖିବାକୁ ପାଇଲୁ ଯେ, ଆଜକୁ ୧୫ ଦିନ ହେଲା ଉକ୍ତ ଗାଁର ଗ୍ରାମବାସୀ ପାନୀୟ ଜଳ ବୁନ୍ଦାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର କାରଣ ଖୋଜିବାରୁ ଜଣା ପଡ଼ିଲା ଯେ, ପାନୀୟ ଜଳ ପାଇଁ ଗ୍ରାମରେ ଥିବା ମଟର ଘରକୁ ସଂଯୋଗ କରାଯାଇଥିବା ବିଦ୍ୟୁତ କଟା ଯାଇଛି। ବିଦ୍ୟୁତ କାଟିବାର କାରଣ ଖୋଜିବାରୁ ଜଣା ପଡ଼ିଲା ଯେ, ବକେୟା ଅର୍ଥ ଠିକ ସମୟରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ ବିଭାଗକୁ ପ୍ରଦାନ କରାଯାଇ ନାହିଁ। ଫଳରେ ବକେୟା ଟଙ୍କା ନପାଇ ଟାଟା ପାଓାର କର୍ତ୍ତୃପକ୍ଷ ଉକ୍ତ ମଟର ଘରର ବିଦ୍ୟୁତ ବିଚ୍ଛିନ୍ନ କରିଦେଇଛନ୍ତି। ତେଣୁ ବିଦ୍ୟୁତ ନଥିବାରୁ ପାଣି ଉଠାଉଥିବା ମଟର ଚାଲୁନି, ଟାଙ୍କିକୁ ପାଣି ବି ଉଠୁନି। ତେଣୁ ଗ୍ରାମବାସୀ ପାନୀୟ ଜଳ ବୁନ୍ଦାଏ ପାଇଁ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ ଅସହ୍ୟ ଖରା ଦିନରେ ଲୋକଙ୍କୁ ପିଇବା ପାଣି ପାଇଁ ୧୫ ଦିନ କାଳ ହଟହଟା କାହିଁକି ହେବାକୁ ପଡ଼ିଲା। ଭୁଲ କଲା କିଏ ? ହଇରାଣ ହେଲେ ଗ୍ରାମବାସୀ। ଟଙ୍କା ବାନ୍ଧି ନଥିବା ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଟାଟାପାଓାର କର୍ତ୍ତୃପକ୍ଷ ନୋଟିସ କରିଥିଲେ କି ? ଯଦି କରିନାହାନ୍ତି ତେବେ ବିଦ୍ୟୁତ ସଂଯୋଗ କାଟିଲେ କାହିଁକି ? ଯଦି ନୋଟିସ କରିଛନ୍ତି ତେବେ ପଞ୍ଚାୟତ କର୍ତ୍ତୃପକ୍ଷ ଠିକ ସମୟରେ ବକେୟା ଅର୍ଥ ବାନ୍ଧିବାରେ ବିଳମ୍ବ କଲେ କାହିଁକି ? ବିଳମ୍ବ କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ କାହିଁକି ? ଏପରି ଅଣେକ ପ୍ରଶ୍ନ ଏବେ ଗ୍ରାମବାସୀ ପଚାରୁଛନ୍ତି। ୧୫ ଦିନ କାଳ ପାନୀୟ ଜଳ ପାଇନଥିବା ଗ୍ରାମବାସୀ ଜାତୀୟ ମାନବଅଧିକାର କମିସନଙ୍କ ନିକଟକୁ ଏକ ପତ୍ର ଲେଖି ପଠାଇବାକୁ ପ୍ରସ୍ତୁତ ହେଉଥିବାବେଳେ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବୀ କରିଛନ୍ତି।

## ବାବାସାହେବଙ୍କ ଧ୍ୱଜାରୋହଣ ସମାରୋହ

**ଲାଞ୍ଜିଗଡ଼,୧୨।୪(ସଂଚାର ବ୍ୟୁରୋ):** ବିଶ୍ୱରତ୍ନ, ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଅବ୍ୟବହିତ ପୂର୍ବରୁ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର



ପଞ୍ଚାୟତ ଗୋପାଳପୁରଠାରେ ଧ୍ୱଜାରୋହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ଼ ବ୍ଲକ ଶାଖାର ସଭାପତି ହରିଶଙ୍କର ପାତ୍ର ଯୋଗଦେଇ ଧ୍ୱଜାରୋହଣ ପର୍ବରେ ସାମିଲ ହୋଇଥିଲେ।ଦଳିତ ଆଦିବାସୀ ମହାସଂଘ କଳାହାଣ୍ଡିର ସାଧାରଣ ସଂପାଦକ ତଥା ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ପ୍ରତିଷ୍ଠାତା ସଦସ୍ୟ ସୁଶୀଲ କୁମାର ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଭୁବନେଶ୍ୱର ଭୋଇ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ ଗୋବର୍ଦ୍ଧନପୁର ପଞ୍ଚାୟତ ସଭାପତି ଘାସିରାମ ବାଗ, ସାଧାରଣ ସଂପାଦକ ଯୁଧିଷ୍ଠିର କରୁଆଁ, ଯୁବ ସଭାପତି ଜଳଧର ସାଗର, ସାଧାରଣ ସଂପାଦକ ବିକ୍ରମ ଛତ୍ରିଆ, ମୋହନ ବାଗ, କୁନ୍ଦଲତା ବାଗ, ଜୟନ୍ତୀ ବିଶି ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳପୁର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚଣ୍ଡିଛକରେ ଧାରଣା ଦେବ ସିଭିଲ ସୋସାଇଟି

**ବେଟନଟୀ,୧୨।୪ (ସଂଚାର ବ୍ୟୁରୋ):** ଆଗାମୀ ଅପ୍ରେଲ ୨୩ ଓ ୨୪ ତାରିଖ ଦୁଇଦିନ ଧରି ବେଟନଟୀ ର ଚଣ୍ଡୀ ଛକରେ ଏକ ଗଣଧାରଣା ର ଆୟୋଜନ କରିଛି, ସିଭିଲ ସୋସାଇଟି। ବେଟନଟୀ। ବହୁବାର ଲିଖିତ ଓ ମୌଖିକ ଭାବେ ସ୍ଥାନୀୟ ସରପଞ୍ଚ, ବିଡିଓ, ପୋଲିସ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତିନିଗୋଟି ସମସ୍ୟା ଜଣାଇ ସମାଧାନ ହେଲାନାହିଁ। ବେଟନଟୀବାସୀଙ୍କ ସମସ୍ୟା ଦୂର ପାଇଁ ପ୍ରଚଣ୍ଡ ଖରାରେ ଧାରଣା ଦେବାର ସଂକଳ୍ପ ନେଇଛି, ଷାଠିଏ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନଙ୍କ ସରକାରୀ ସୀକୃତିପ୍ରାପ୍ତ ଏହି ସଂଗଠନ। ବେଟନଟୀ ଚଣ୍ଡିଛକ ରାସ୍ତାର ଉଭୟ ପାଖରେ ଅମାନିଆ ଚାଳକ ମାନଙ୍କ ନିମନ୍ତେ ହମ୍ପସ ନିର୍ମାଣ ଓ ଗତିରୋଧକ ସାଇନ ବୋର୍ଡ ଲଗାଇବା, ସେଠାରେ ତିନିବର୍ଷରୁ ଅଧିକ



ସମୟ ଖରାପ ଥିବା ବିଦ୍ୟୁତ୍ ଆଲୋକ ସଜାଡି ଦୁର୍ବୃତ୍ତ ମାନଙ୍କୁ ଅନ୍ଧାରର ସୁଯୋଗ ନ ଦେବା ଏବଂ ସେହିଠାରେ ଅବିଳମ୍ବେ ସିସିଟିଭି କ୍ୟାମେରା ଲଗାଇବା ଇତ୍ୟାଦି ଦାବି ପାଇଁ ଆନ୍ଦୋଳନ କରିବାକୁ ସୋସାଇଟି ବାଧ୍ୟ ହୋଇଛି ବୋଲି ସଭାପତି ଚୂଡ଼ାମଣି ମହାପାତ୍ର ଓ ସାଧାରଣ ସମ୍ପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ଜଣାଇଛନ୍ତି। ଏଥିସହ କାର୍ଯ୍ୟକାରୀ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସଂପାଦକ ଶ୍ରୀ ମହାନ୍ତି ଅପ୍ରେଲ ୧୩ ତାରିଖରେ ସ୍ଥାନୀୟ ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପଞ୍ଚାୟତରାଜ ବିଭାଗ, ପୋଲିସ ଉପଖଣ୍ଡ ଅଧିକାରୀଙ୍କୁ ସାକ୍ଷାତ କରି ଲିଖିତ ଭାବେ ଏହା ଜଣାଇଛନ୍ତି। ଏଥିସହ ଡାକ ଯୋଗେ ଉପଜିଲ୍ଲାପାଳ, ମାନ୍ୟବର ବିଧାୟକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମହୋଦୟ ଗଣଙ୍କୁ ଏହା ଜଣାଇ ଦିଆଯାଇଅଛି। ଜିଲ୍ଲାପାଳ ଓ ଏସ.ପି.ମହୋଦୟଙ୍କୁ ବ୍ୟକ୍ତିଗତ ସାକ୍ଷାତ। ଆଲୋଚନା ମଧ୍ୟ କରାଯିବାର ଯୋଜନା ରହିଛି ବୋଲି ଯୁଗ୍ମ ସଂପାଦକ ରବୀନ୍ଦ୍ର ନାଥ ମିଶ୍ର ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

## ପରିସ୍ରା ଜଳା ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ଗଞ୍ଜାମ,୧୨।୪ (ସଂଚାର ବ୍ୟୁରୋ):** ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ପରିସ୍ରା ପୋଡ଼ା ନିରାକରଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଗ୍ରୀଷ୍ମ ଋତୁରେ ଅଳ୍ପ ଜଳପାନ, ଅଧିକ କଟୁ ମସଲା ଆମିଷ, ଅମ୍ଳ ଯୁକ୍ତ ଖାଇବା, ରାତ୍ର ଅନିଦ୍ରା, ଖରାରେ ପରିଶ୍ରମ କରିବା ଦ୍ୱାରା ପିତ, ଅମ୍ଳ ଶରୀରରେ ବଢ଼ି ପରିସ୍ରା ଯନ୍ତ୍ର ସଂକ୍ରମଣ ହୁଏ। ଅପରିଷ୍କାର ସ୍ଥାନରେ ପରିସ୍ରା କଲେ ମଧ୍ୟ ସଂକ୍ରମିତ ହୁଏ। ପରିସ୍ରା ହଳଦିଆ, ଗୋଳିଆ, ଦାହ ଓ କଷ୍ଟର ସହ ଅଳ୍ପ ଅଳ୍ପ ହୁଏ। ସାଧାରଣ ଜ୍ୱର ମଧ୍ୟ ରହେ। ଏହି କଷ୍ଟ ଦାୟକ ରୋଗରୁ ମୁକ୍ତି ପାଇଁ କାରଣ ଗୁଡ଼ିକ ଛାଡି ଅଧିକ ଶୁଦ୍ଧ ଜଳ ପାନ କରନ୍ତୁ, ଶୀତଳାମରିଚ ସାତଟି ବା ଘୃତ କୁମାରୀ ଦଶ ଗ୍ରାମ ବା ଚନ୍ଦନ ଘୋରା ଏକ ଚାମୁଚ ଦିନରେ ତିନିଥର ସେବନ କଲେ ଭଲ ହୋଇଯାଏ। ଅଧିକ ଖରଭୁଜ, କାକୁଡି, ପିଆଜ ଓ ଅଁଳା ଖାଆନ୍ତୁ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା।

## ଜିଲ୍ଲା ପାଇଁ ଗୌରବ ଆଣିଲେ ମହେନ୍ଦ୍ରୀ ନାଗ

**ସୁବର୍ଣ୍ଣପୁର,୧୨।୪ (ସଂଚାର ବ୍ୟୁରୋ):** ସୋନପୁର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସଂସ୍କୃତ ବିଭାଗ ର ପୂର୍ବତନ ଛାତ୍ରୀ ତଥା ସୁବର୍ଣ୍ଣପୁର ଜିଲ୍ଲା ନନ୍ଦନମାଲ ଗ୍ରାମର ଭରତ ନାଗ ଓ ନିରାଶ ନାଗ ଙ୍କ ପୁତ୍ରୀ ମହେନ୍ଦ୍ରୀ ନାଗ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତି ରୁ ସଂସ୍କୃତ ବିଷୟରେ ଆଚାର୍ଯ୍ୟ (ଏମ୍‌ଏ) କରି



ସେଥିରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ସେ ପୂର୍ବରୁ ମଧ୍ୟ ଜଣେ ମେଧାବୀ ଛାତ୍ରୀ ଥିଲେ। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରେ ମଧ୍ୟ +୩ରେ ସଂସ୍କୃତରେ ଟପଟେନ ରେଙ୍କ ରେ ରହିଥିଲେ। ବର୍ତ୍ତମାନ ସେ ଉତ୍ତରପ୍ରଦେଶର ଲକ୍ଷ୍ନୌ ରେ ସଂସ୍କୃତ ରେ ବିଏଡ କରୁଛନ୍ତି । ସେ ଏହାର ସମସ୍ତ ଶ୍ରେୟ ତାଙ୍କ ବାପା ମାଆ ଏବଂ ପରିବାର ବର୍ଗଙ୍କ ସମେତ ସୋନପୁର କଲେଜ୍, ବଲାଙ୍ଗୀର ୟୁନିଭରସିଟିର ଓ ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ତିରୁପତି ର ସମସ୍ତ ଟିଚର ଙ୍କୁ ଦେଇଛନ୍ତି। ଭବିଷ୍ୟତ ରେ ଜଣେ ଭଲ ଶିକ୍ଷୟିତ୍ରୀ ହେବାପାଇଁ ଆଶା ରଖିଛନ୍ତି ବୋଲି ମହେନ୍ଦ୍ରୀ ମିଡିଆଙ୍କୁ ସୂଚନା ଦେଇଛନ୍ତି ।

## ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସଙ୍କଟ ଭିତରେ

**ବଲାଙ୍ଗିର,୧୨।୪ (ସଂଚାର ବ୍ୟୁରୋ):** ଓଡ଼ିଶାରେ ମେଡିକାଲ କଲେଜ ଏବଂ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ସତ୍ତ୍ୱେ, ବଲାଙ୍ଗୀର ଜିଲ୍ଲା ଏକ ଗୁରୁତର ସ୍ୱାସ୍ଥ୍ୟସେବା ସଙ୍କଟର ସମ୍ମୁଖୀନ ହେଉଛି। ଜିଲ୍ଲା ହସ୍ପିଟାଲ, ସି ଏଚ ସି ଏସ , ପି ଏଚ ସି ଏବଂ ଉପ-କେନ୍ଦ୍ରଗୁଡ଼ିକରେ ୫୦% ରୁ ଅଧିକ ଡାକ୍ତର ଏବଂ ବିଶେଷଜ୍ଞ ପଦବୀ ଖାଲି ରହିଛି। ୬୦୧ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୩୨୩ ଟି ଖାଲି ପଡ଼ିଛି, ଯାହା ଫଳରେ କେବଳ ୨୭୮ ଜଣ ଡାକ୍ତର ସେବାରେ ଅଛନ୍ତି। ରୋଗୀମାନେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଉପରେ କ୍ରମାଗତ ଭାବରେ ବିଶ୍ୱାସ ହରାଇ ବସିଛନ୍ତି, ଯାହା ମୁଖ୍ୟତଃ ରେଫରାଲ୍ ପଏଣ୍ଟରେ ପରିଣତ ହୋଇଛି।

## ଆଦର୍ଶ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପରିଡ଼ାଙ୍କ ପରଲୋକ



**ବୈଶିଙ୍ଗା,୧୨।୪ (ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ମୁନିଲାଲ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପରିଡା ଙ୍କ ନିଜ ବାସ ଭବନରେ ସୋମବାର ଅପରାହ୍ନ ତିନି ଘଟିକାରେ ପରଲୋକ ହୋଇ ଯାଇଥିବାର ଜଣାଯାଇଛି। ଏହି ବିଦ୍ୟାଳୟ କୁ ଆସିବା ପୂର୍ବରୁ ସେ ମେର୍ଦ୍ଦା ଉଚ୍ଚ ବିଦ୍ୟାଳୟରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ସେ କଳା ଶିକ୍ଷକ ଭାବେ ୩୦ ବର୍ଷ ଧରି ସେଠାରେ ଶିକ୍ଷାଦାନ ଦେବା ପରେ ମୁନିଲାଲ ଉଚ୍ଚ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୬ ମସିହା ସେପ୍ଟେମ୍ବର ୩୦ ତାରିଖରେ ଅବସର ନେଇ ସୁସ୍ଥ ଓ ନିରାମୟ ଜୀବନ ଯାପନ କରୁଥିଲେ। ତିନି ମାସ ପୂର୍ବରୁ ଶରୀର ବିଶେଷ ଭାବରେ ଅସୁସ୍ଥ ହେବାରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଏକ ମାସ ହେବ ଡାକ୍ତରଖାନାରୁ ଆସି ଘରେ ସେବା ଶୁଶୃଷା ହେଉଥିଲେ। ମାତ୍ର ସୋମବାର ୩ ଘଟିକା ସମୟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିବାର ଡାକ୍ତର ପ୍ରକାଶ କରିଥିଲେ।

## ସୁବର୍ଣ୍ଣପୁରରୁ ଶ୍ରୀକ୍ଷେତ୍ର ଗଲା ରଥ କାଠ

**ସୁବର୍ଣ୍ଣପୁର,୧୨।୪ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ଗାଁରୁ ପ୍ରଥମ ଥର ଗଲା ଶ୍ରୀ ଜଗନ୍ନାଥ ଧାମ ପୁରୀକୁ ରଥ କାଠ। ସୋନପୁର ବନାଞ୍ଚଳ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ବନାଞ୍ଚଳ ଅଧିକାରୀ ସୁଭାଷ ଚନ୍ଦ୍ର ମହାପାତ୍ର ଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଇ ଧ୍ୱଜା ଦେଖାଇବା ପରେ ଶ୍ରୀ ଜଗନ୍ନାଥଙ୍କ ରଥ କାଠ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲା।



ସୁବର୍ଣ୍ଣପୁର ଜିଲ୍ଲା ରୁ ପ୍ରଥମ ଥର ଏ କାଠ ରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କ ରଥ ନିର୍ମାଣ ସେବା ରେ ଲାଗିବା ର ସୁଯୋଗ ମିଳିଥିବାରୁ ଜିଲ୍ଲା ପ୍ରଶାସନ ଓ ବନ ବିଭାଗ କର୍ମଚାରୀ ଙ୍କ ସମେତ ସମଗ୍ର ସହର ଓ ଜିଲ୍ଲାବାସୀ ଖୁସି ଅଛନ୍ତି ଓ ଏହା ଜିଲ୍ଲା ପାଇଁ ଗୌରବ ବିଷୟ ବୋଲି ରେଞ୍ଜର ଶ୍ରୀ ମହାପାତ୍ର, ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ର, ସମାଜସେବୀ ଗୋବିନ୍ଦ ମହାରଣା ପ୍ରକାଶ କରିଛନ୍ତି। ଆହୁରି କହିଛନ୍ତି ଯେ ପ୍ରଭୁ ଙ୍କ ଡୋରୀ ଲାଗିଲା ଏ ମାଟି ଉପରେ ଶୁଭ ଦୃଷ୍ଟି ପଡ଼ିଲା। ନୋଡାଲ ଅଫିସର ଦେବାର୍ଚ୍ଚନ ବେହେରା ଙ୍କ ନିର୍ଦ୍ଦେଶ ଓ ସହଯୋଗ ରେ ପୁରୀ ପଣ୍ଡା ମାନଙ୍କ ଦ୍ୱାରା ଏ ଜିଲ୍ଲା ରୁ ପାଞ୍ଚ ଗୋଟି ଫାଶୀ ଗଛ ମନୋନୀତ ହୋଇଥିଲା ଓ ଆମ ଏ କାଠ ରେ ନିର୍ମିତ ରଥ ର ଚକ ବଡ ଦାଣ୍ଡ ରେ ଗଡିବ ବୋଲି ଆଜି ସୁଚନା ଆସିଲା। ଏ ସେବା ଦ୍ୱାରା ଆମ ଅଞ୍ଚଳ ପାଇଁ ଶୁଭ ଖବର ନେଇ ଆସିବ, ଏ ଅଞ୍ଚଳ ଏ ଜିଲ୍ଲା ର ମଙ୍ଗଳ ହେବ ବୋଲି ମଧ୍ୟ ରେଞ୍ଜର ମହାପାତ୍ର, ଫରେଷ୍ଟର ଶ୍ରୀ ମିଶ୍ର ଓ ସମାଜସେବୀ ଶ୍ରୀ ମାହାଣା ପ୍ରକାଶ କରିଛନ୍ତି। ଏ ସେବାର ସୁଯୋଗ ପାଇଁ ଜିଲ୍ଲା ପ୍ରଶାସନ, ବନ ବିଭାଗ କର୍ମଚାରି ଓ ଜିଲ୍ଲା ବାସୀ ଖୁବ୍ ଖୁସି ଅଛନ୍ତି ଓ ଏହା ଆମ ପାଇଁ ଗୌରତ୍ୱ ର ବିଷୟ ବୋଲି କହିଛନ୍ତି।

## ବେପରୁଆ ଗାଡ଼ିଚାଳନା; ଭାରସାମ୍ୟ ହରାଇ ଗଛରେ ପିଟିହେଲା ହାଇୱା

**ବଲାଙ୍ଗୀର,୧୨।୪ (ସଂଚାର ବ୍ୟୁରୋ):** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଖୁଜେନ୍ ପାଲି ରାସ୍ତାରେ ହାଇୱା ଦୁର୍ଘଟଣା । ରବିବାର



ବିଳମ୍ବିତ ରାତିରେ ଦ୍ରୁତଗତିରେ ଆସି ଖୁଜେନ ପାଲି ଦେଇ ବଲାଙ୍ଗୀରକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଲିମ୍ବ ଗଛକୁ ପିଟିଦେଇଥିଲା । ଯାହା ଫଳରେ ହାଇୱା ଗାଡ଼ିଟି ଓଲଟି ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡିଛି । ବିଳମ୍ବିତ ରାତି ଯୋଗୁଁ ରାସ୍ତାରେ ଯାତାୟତ କରୁଥିବା ଗ୍ରାମବାସୀ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କହିଛନ୍ତି। ବେପରୁଆ ଗାଡ଼ି ଚାଳକଙ୍କ ଉପରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଏଭଳି ଦୁର୍ଘଟଣା ମାନ ଘଟୁଥିବା କୁହାଯାଉଛି । ସଦର ପୋଲିସ ପକ୍ଷରୁ ଦୁର୍ଘଟଣାକୁ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି ।

## ଖଜୁରୀ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ମାଲକାନଗିରି,୧୨।୪ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ନାଲାଗୁଣ୍ଟି ପଞ୍ଚାୟତ ଏମପିଭି ୩୬ ଗ୍ରାମରେ ଆଜି ଅପରାହ୍ଣ ରେ ବାଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ଚଡକ ପୂଜା ପାଇଁ ପ୍ରସ୍ତୁତି ଚାଲିଥିଲା। ପୂଜା ନିମନ୍ତେ ଏମଭି ୭୨ ଗ୍ରାମ ନିକଟରେ ଥିବା ଏକ ଖଜୁରୀ ଗଛ ରେ ଚଢି ଏମପିଭି ୩୬ଗ୍ରାମର ଜଗଦୀଶ ସାନା (୩୫)ଖଜୁରୀ ଖୋଳି ତୋଳୁଥିବା ବେଳେ ଗଛରୁ ଖସି ପଡ଼ିଥିଲେ। ତୁରନ୍ତ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି।

## ଓଡ଼ିଆ ପକ୍ଷ ଅବସରରେ ଖାଦ୍ୟ ପ୍ରତିଯୋଗିତା

**ଜୟପୁର,୧୨।୪ (ସଂଚାର ବ୍ୟୁରୋ):** ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଗୃହ ବିଜ୍ଞାନ ଦ୍ୱାରା ଓଡିଆ ପକ୍ଷ ନିମନ୍ତେ ଓଡିଆ ଖାଦ୍ୟ କୁ ନେଇ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ହୃଷିକେଶ ସେନାପତି ଉଦଘାଟନ କରିଥିବା ବେଳେ କୁଳସଚିବ ମହେଶ୍ୱର ନାୟକ, ପିଜି କାଉନସିଲ ଅଧ୍ୟକ୍ଷ ଡ.ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଖିରି, ଛେନାପୋଡ, ରସଗୋଲା, ମାଣ୍ଡିଆ ଖାଦ୍ୟ ପରି ଅନେକ ପ୍ରକାରର ବିଭିନ୍ନ ବିଭାଗର ଛାତ୍ର ଛାତ୍ରୀ ମାନେ ଖାଦ୍ୟ ପରିବେଷଣ କରିଥିଲେ। କ୍ୟାପଟେନ ଲକ୍ଷ୍ମଣ ପାତ୍ର ଓ ଡ.ଅରୁଣ କୁମାର ରାଜ ଖାଦ୍ୟ ଗୁଡିକ ପରୀକ୍ଷା କରି ଓଡିଆ ବିଭାଗର ଦହିବରାକୁ ପ୍ରଥମ, ଭୂଗୋଳ ଓ ରାଜନୀତି ବିଜ୍ଞାନ ଦ୍ୱାରା ରସାବଳିକୁ ଦ୍ୱିତୀୟଓ ଗୃହ ବିଜ୍ଞାନର ମଣ୍ଡା କାକରାକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କରିବା ଦ୍ୱାରା ଛାତ୍ର ଛାତ୍ରୀଙ୍କ ଓଡିଆ ଖାଦ୍ୟ ପ୍ରତି ଆଗ୍ରହ ଅଛି ବୋଲି ଜଣାପଡ଼ିଥିଲା।

## ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ
# ବିଭିନ୍ନ ପ୍ରକାରର ୧୩୩ ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୧୨।୪ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ତମାମରା ଗ୍ରାମ କାର୍ଯ୍ୟାଳୟ ପାର୍ଶ୍ୱ ସ୍ଥିତ ପ୍ରାଥମିକ ସେବା ସମବାୟ କେନ୍ଦ୍ର ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ଼ ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀ ପ୍ରତାପ କୁମାର ରଣା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୩୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୦୬ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। କେବଳ ଗୋଟିଏ ମାତ୍ର ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ



ହସ୍ତଗତ ହୋଇଥିଲା ଏବଂ ୦୧ ଗୋଟି ଦରଖାସ୍ତ ଅଭିଯୋଗ ଶୁଣାଣୀ ଶିବିରରେ ଫାଇସଲା କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗୁରିପାଲି ସଞ୍ଜୀବ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, କାଳିଆ ମଲ୍ଲିକ, ଉପ ଜିଲ୍ଲାପାଳ, ସୋନପୁରଙ୍କ ପ୍ରତିନିଧି ସହକାରୀ ଜିଲ୍ଲାପାଳ, ଅଜିତ କୁମାର ତ୍ରିପାଠୀ, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର, ବିମଳ କିଶୋର ପାତ୍ର, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।